RNI No.ODIODI/2010/33031
୧୬ ବର୍ଷ Volume- 16
ISSUE -158 ସଂଖ୍ୟା-୧୫୮
ଭୁବନେଶ୍ୱର, ମଙ୍ଗଳବାର, ୦୨ ସେପ୍ଟେମ୍ବର ୨୦୨୫
Bhubaneswar, Tuesday, 02, September, 2025
୦୮ ପୃଷ୍ଠା Pages-08
ମୂଲ୍ୟ : ୨.୦୦ ଟଙ୍କା Price : Rs.2.00
www.odishamanthan.com

MANTHAN
# ମନ୍ଥନ
www.odishamanthan.com RNI No. ORIORI/2010/33031
ଏକ ନିର୍ଭୀକ ନିରପେକ୍ଷ ଦୈନିକ ସମ୍ବାଦପତ୍ର



# ଆଫଗାନିସ୍ତାନରେ ଭୂକମ୍ପର କରାଳ ରୂପ, ଗଲାଣି ୮୦୦ରୁ ଉର୍ଦ୍ଧ୍ୱ ଜୀବନ

ନୂଆଦିଲ୍ଲୀ,୧।୯(ନି.ପ୍ର.): ରବିବାର ଅଗଷ୍ଟ ୩୧ ତାରିଖ ବିଳମ୍ବିତ ରାତିରେ ଆଫଗାନିସ୍ତାନରେ ଘଟିଥିବା ଭୂମିକମ୍ପ ଧ୍ୱଂସକାରୀ ସାବ୍ୟସ୍ତ ହୋଇଛି। ପାକିସ୍ତାନ ସୀମା ନିକଟରେ ପୂର୍ବ ଆଫଗାନିସ୍ତାନରେ ହୋଇଥିବା ଏହି ଭୂମିକମ୍ପର ତୀବ୍ରତା ରିକ୍ଟର ସ୍କେଲରେ ୬.୦ ଥିଲା ବୋଲି କୁହାଯାଉଛି। ରାତିରେ ଭୂକମ୍ପ ହୋଇଥିବାରୁ ମୃତ୍ୟୁସଂଖ୍ୟା ଅଧିକ ଥିବା କୁହାଯାଉଛି। ତାଲିବାନ ସରକାରଙ୍କ ଜଣେ ମୁଖପାତ୍ରଙ୍କ ଅନୁଯାୟୀ, ଏହି ଶକ୍ତିଶାଳୀ ଭୂମିକମ୍ପରେ ମୃତ୍ୟୁ ସଂଖ୍ୟା ୮୦୦ ରୁ ଅଧିକ ହୋଇଛି। ଏହା ବ୍ୟତୀତ ହଜାର ହଜାର ଲୋକ ଆହତ ହୋଇଛନ୍ତି। ଏହା ସହିତ ବହୁମୂଲ୍ୟ ସମ୍ପତ୍ତିର କ୍ଷତି ଘଟିଛି।ଆଫଗାନିସ୍ତାନରେ ଭୟଙ୍କର ଭୂମିକମ୍ପ ହେବାର ଇତିହାସ ରହିଛି। ୭ ଅକ୍ଟୋବର, ୨୦୨୩ରେ ଆଫଗାନିସ୍ତାନରେ ୬.୩ ତୀବ୍ରତାର ଭୂମିକମ୍ପ ହୋଇଥିଲା। ତାଲିବାନ ସରକାର ଆକଳନ କରିଥିଲା ଯେ, ଅତି କମରେ ୪,୦୦୦ ଲୋକଙ୍କର ମୃତ୍ୟୁ ହୋଇଥିଲା। ଆଫଗାନିସ୍ତାନ ଇତିହାସରେ ହୋଇଥିବା ସବୁଠାରୁ ଭୟଙ୍କର ପ୍ରାକୃତିକ ବିପର୍ଯ୍ୟୟ ଥିଲା। ଏଥର ମଧ୍ୟ ସମାନ ତୀବ୍ରତାର ଭୂକମ୍ପ ହୋଇଥିବାରୁ ମୃତ୍ୟୁସଂଖ୍ୟା ଆହୁରି ବଢ଼ିପାରେ ବୋଲି କୁହାଯାଉଛି।ସୂଚନା ମୁତାବକ, ଆମେରିକାର ଭୂତତ୍ତ୍ୱ ସର୍ବେକ୍ଷଣ ଅନୁଯାୟୀ, ୬.୦ ତୀବ୍ରତା ଭୂମିକମ୍ପର ଉତ୍ପତ୍ତିସ୍ଥଳ ନାଙ୍ଗରହାର ପ୍ରଦେଶର ଜଲାଲାବାଦ ସହରରୁ ୨୭କିଲୋମିଟର ପୂର୍ବରେ ଥିଲା। ଭୂକମ୍ପର କେନ୍ଦ୍ର ଭୂମିରୁ ମାତ୍ର ୮କିଲୋମିଟର ତଳେ ଥିଲା। ପ୍ରାୟ ୨୦ମିନିଟ୍ ପରେ, ସେହି ପ୍ରଦେଶରେ ଦ୍ୱିତୀୟ ଭୂମିକମ୍ପ ହୋଇଥିଲା, ଯାହାର ତୀବ୍ରତା ୪.୫ ଏବଂ ଗଭୀରତା ୧୦କିଲୋମିଟର ଥିଲା।

ପ୍ରଳୟଙ୍କରୀ ଭୂକମ୍ପରେ ଛାରଖାର ହୋଇଯାଇଛି ଆଫଗାନିସ୍ତାନ। ତାଲିବାନ ଶାସିତ ଆଫଗାନିସ୍ତାନରେ ରବିବାର ବିଳମ୍ବିତ ରାତିରେ ହୋଇଥିବା ଭୂକମ୍ପରେ ୬୨୨ ଜଣଙ୍କ ମୃତ୍ୟୁ ହୋଇଛି। ସେହିପରି ୧୫ଶହରୁ ଅଧିକ ଲୋକ ଆହତ ହୋଇଛନ୍ତି। ଶତାଧିକ ଘର ଭୁଶୁଡ଼ି ପଡିଥିବା ବେଳେ ରାସ୍ତାଘାଟ ଫାଟି ଆଁ କରିଛି। ଏବେ ଧ୍ୱଂସାବଶେଷ ତଳେ ଫସି ରହିଥିବା ଲୋକଙ୍କୁ ଉଦ୍ଧାର କରିବା ପାଇଁ ଜୋରସୋରରେ ଉଦ୍ୟମ କରାଯାଉଛି।

ନ୍ୟାଶନାଲ ସେଣ୍ଟର ଫର ସେଇସମୋଲୋଜି ବା ଏନଏସ୍ ?ସିର ସୂଚନା ଅନୁଯାୟୀ, ଭାରତୀୟ ସମୟ ରାତି ୧୨.୪୭ ଓ ସ୍ଥାନୀୟ ସମୟ ୧୧.୪୭ରେ ଭୂକମ୍ପ ଝଟକା ଅନୁଭୂତ ହୋଇଥିଲା। ରିକ୍ଟର ସ୍କ ?ଲରେ ଏହା ତୀବ୍ରତା ୬.୦ ରେକର୍ଡ କରାଯାଇଛି। ପୂର୍ବ ଆଫଗାନିସ୍ତାନରେ ଭୂକମ୍ପର କେନ୍ଦ୍ରସ୍ଥଳ ରହିଥିବା ବେଳେ ଏହା ଭୂପୃଷ୍ଠରୁ ୧୬୦ କିମି ଗଭୀରରେ ସୃଷ୍ଟି ହୋଇଥିଲା।ଭୂକମ୍ପର ପ୍ରଭାବ ପାକିସ୍ତାନ ଓ ଉତ୍ତରପୂର୍ବ ଭାରତର କିଛି ସ୍ଥାନରେ ଅନୁଭୂତ ହୋଇଛି। ୬.୦ ତୀବ୍ରତା ପରେ ଆଉ କିଛି ଝଟକା ଅନୁଭବ ହୋଇଛି। ସେଗୁଡିକର



ତୀବ୍ରତା ଯଥାକ୍ରମେ ୪.୭, ୪.୩୦, ୫.୦ ଓ ୫.୦ ରେକର୍ଡ କରାଯାଇଛି। ଏଥିଯୋଗୁ ବ୍ୟାପକ କ୍ଷୟକ୍ଷତି ହୋଇଛି।

ଭୂକମ୍ପ ଯୋଗୁ ଆଫଗାନିସ୍ତାନର କୁନାର ପ୍ରଦେଶରେ ଥିବା ୩ଟି ଗାଁ ସଂପୂର୍ଣ୍ଣ ମାଟିରେ ମିଶି ଯାଇଛି। ଅନ୍ୟ ଗାଁଗୁଡିକ ମଧ୍ୟ କ୍ଷୟକ୍ଷତିର ସମ୍ମୁଖୀନ ହୋଇଥିବା ଆଫଗାନ ସ୍ୱାସ୍ଥ୍ୟ ମନ୍ତ୍ରଣାଳୟ ପକ୍ଷରୁ କୁହାଯାଇଛି। ମନ୍ତ୍ରଣାଳୟର ମୁଖପାତ୍ର ଶରାଫତ ଜମାଣ କହିଛନ୍ତି, "ଗାଁଗୁଡିକରେ ଘର ଦ୍ୱାର ଭୁଶୁଡି ପଡିଥିବାରୁ ଅନେକ ଲୋକ ଏହା ତଳେ ଚାପି ହୋଇ ରହିଛନ୍ତି। ତେଣୁ ଆଗକୁ ମୃତ୍ୟୁସଂଖ୍ୟା ବୃଦ୍ଧି ପାଇବାର ଆଶଙ୍କା ରହିଛି।"କୁନାର ପ୍ରଦେଶର ମୁଖ୍ୟ ନଜିବୁଲ୍ଲା ହନିଫ ୨୫୦ ଜଣ ପ୍ରାଣ ହରାଇଥିବା ବେଳେ ୫୦୦ରୁ ଅଧିକ ଲୋକ ଆହତ ହୋଇଥିବା ନିଶ୍ଚିତ କରିଛନ୍ତି। କେବଳ ଗୋଟିଏ ଗାଁରେ ୩୦ରୁ ଅଧିକ ଲୋକଙ୍କ ମୃତ୍ୟୁ ହୋଇଥିବା ସେ କହିଛନ୍ତି। ଏହି ପ୍ରଦେଶରେ ଅଧିକାଂଶ ଘର ମାଟି ଓ ପଥରରେ ତିଆରି ହୋଇଥିଲା। ଭୂକମ୍ପ ଯୋଗୁ ସେସବୁ ଭୁଶୁଡି ପଡିଛି।ଆଫଗାନିସ୍ତାନ ଭୟଙ୍କର ଭୂକମ୍ପରେ ଛାରଖାର ହୋଇଯାଇଥିଲେ ହେଁ ତାଲିବାନ ଶାସିତ ଏହି ଦେଶକୁ ଏଯାଏ କୌଣସି ବିଦେଶ ରାଷ୍ଟ୍ର ବିଧିବଦ୍ଧ ଭାବେ ସହାୟତାର ହାତ ବ ?ାଇ ନାହାନ୍ତି। ଆଫଗାନିସ୍ତାନର ବୈଦେଶିକ ମନ୍ତ୍ରଣାଳୟ ମୁଖପାତ୍ର କହିଛନ୍ତ, "ଏଯାଏ କୌଣସି ବିଦେଶୀ ରାଷ୍ଟ୍ର ଆମ ସହ ଯୋଗାଯୋଗ କରି ନାହାନ୍ତି। କେହି ବି ଉଦ୍ଧାର କିମ୍ବା ରିଲିଫ ସହାୟତାର ଘୋଷଣା କରି ନାହାନ୍ତି।"

ବିଦେଶୀ ରାଷ୍ଟ୍ର ସହାୟତା କରି ନଥିବା ବେଳେ ଆଫଗାନ ସରକାର ନିଜ କ୍ଷମତା ଅନୁସାରେ ଲୋକଙ୍କୁ ଉଦ୍ଧାର କରି ହସ୍ପିଟାଲରେ ପହଞ୍ଚାଉଛନ୍ତି। ଉଦ୍ଧାର କାର୍ଯ୍ୟରେ ହେଲିକପ୍ଟରର ବ୍ୟବହାର ମଧ୍ୟ କରାଯାଇଛି। ଆଫଗାନିସ୍ତାନ ମାନବୀୟ ସଙ୍କଟର ସମ୍ମୁଖୀନ ହେଉଥିବା ବେଳେ ଅଧିକାଂଶ ଲୋକ ଦେଶ ଛାଡି ଅନ୍ୟତ୍ର ଚାଲି ଯାଉଛନ୍ତି। ଏପରି ସ୍ଥିତିରେ ଭୂକମ୍ପ ସ୍ଥିତିକୁ ଆହୁରି ଭୟଙ୍କର କରିଛି।

## ସାହାଯ୍ୟ ପାଇଁ ପ୍ରତିଶ୍ରୁତି ଦେଲେ ମୋଦୀ

ଏଭଳି ଭୟାବହ ଭୂକମ୍ପର ସାମ୍ନା ଆଫାଗାନିସ୍ତାନ କରୁଥିବା ବେଳେ ସହାୟତା କରିବାକୁ ପ୍ରତିଶ୍ରୁତି ଦେଇଛନ୍ତି ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ। ଏକ୍ସରେ ପୋଷ୍ଟ କରି ପ୍ରଧାନମନ୍ତ୍ରୀ ଲେଖିଛନ୍ତି, 'ଆଫଗାନିସ୍ତାନରେ ଭୂମିକମ୍ପ ଯୋଗୁଁ ହୋଇଥିବା ଜୀବନହାନୀ ବିଷୟରେ ଜାଣି ମୁଁ ଗଭୀର ଭାବେ ମର୍ମାହତ ହୋଇଛି। ଏହି କଷ୍ଟକର ସମୟରେ ଆମର ସମବେଦନା ଏବଂ ପ୍ରାର୍ଥନା ଶୋକସନ୍ତପ୍ତ ପରିବାର ସହିତ ଅଛି, ଏବଂ ଆମେ ଆହତମାନଙ୍କ ଶୀଘ୍ର ଆରୋଗ୍ୟ କାମନା କରୁଛୁ। ପ୍ରଭାବିତ ଲୋକଙ୍କୁ ସମସ୍ତ ପ୍ରକାରର ମାନବୀୟ ସହାୟତା ଏବଂ ରିଲିଫ୍ ଯୋଗାଇବାକୁ ଭାରତ ପ୍ରସ୍ତୁତ ଅଛି।'

# 'ଅପରେସନ ଗଜରାଜ'; ଲକ୍ଷାଧିକ ଟଙ୍କାର ଧଳାଜହର ଜବତ, ୭ ଗିରଫ

ରାଜଗାଙ୍ଗପୁର ,୧।୯(ନି.ପ୍ର.): ଦୀର୍ଘ ଦିନ ଧରି ସହର ଏବଂ ଆଖପାଖ ଅଞ୍ଚଳରେ କାୟା ବିସ୍ତାର କରିଥିବା ଧଳାଜହର କାରବାର ଉପରେ ଅଙ୍କୁଶ ଲଗାଇବା ପାଇଁ ପୁଲିସ



ଆରମ୍ଭ କରିଛି ଅପରେସନ ଗଜରାଜ।

ଏହି କ୍ରମରେ ଗତକାଲି ଅପରାହ୍ନରେ ରାଜଗାଙ୍ଗପୁର ଘୋଘଡ଼ ରାସ୍ତାରେ ଧଳାଜହର କାରବାରର ଏକ ଗୁପ୍ତ ସୂଚନା ପାଇ ରାଜଗାଙ୍ଗପୁର ଏସଡିପିଓ ବିଭୂତି ଭୂଷଣ ଭୋଇଙ୍କ ନିର୍ଦ୍ଦେଶରେ ଆଇଆଇସି ବିଜୟ କୁମାର ଦାସ ଏକ ଟିମ ତିଆରୀ କରି ଉକ୍ତ ଅଂଚଳରେ ଚଢ଼ାଉ କରିଥିଲେ। ଏହି ଚଢ଼ାଉ ସମୟରେ ଧଳାଜହର କାରବାରରେ ଲିପ୍ତ ସାତଜଣଙ୍କୁ ପୁଲିସ ଗିରଫ କରିଥିବା ବେଳେ ତାଙ୍କ ଠାରୁ ୨୭.୨୫ ଗ୍ରାମ ଧଳାଜହର ୨୯ ଶହ ଟଙ୍କା, ୨ଟି ବାଇକ ୧ ସ୍କୁଟର ଜବତ କରିଛନ୍ତି। ଧଳାଜହରର ମୂଲ୍ୟ ୩ ଲକ୍ଷରୁ ଅଧିକ ହେବ ବୋଲି ପୁଲିସ ସୂଚନା ଦେଇଥିବା ବେଳେ ଏହି ଅପରେସନ ଆଗକୁ ଜାରି ରହିବ ବୋଲି ଗଣମାଧ୍ୟମକୁ ଏସଡିପିଓ ବିଭୂତି ଭୂଷଣ ଭୋଇ ସୂଚନା ଦେଇଛନ୍ତି।

# ୮୦୦ ଏକ ଜାଗାରେ ନୂଆ ଭୁବନେଶ୍ୱର

ଭୁବନେଶ୍ୱ.୧।୯(ନି.ପ୍ର.):: ୮୦୦ ଏକର ଜାଗାରେ ହେବ ନୂଆ ଭୁବନେଶ୍ୱର। ମଳିପଡା, ଦାସପୁର, ଅନ୍ଧାରୁଆ, ଗୋଠପାଟଣା ଭଳି ଅଞ୍ଚଳକୁ ନେଇ ନୂଆ ସହର ହେବ। ନୂଆ ସହର ନିର୍ମାଣ ପାଇଁ ସିଙ୍ଗାପୁର ସରକାର ଏହାର ଡ୍ରଇଂ ଏବଂ ଡିଜାଇନ ପ୍ରସ୍ତୁତ ଦାୟିତ୍ୱ ନେଇଛନ୍ତି। ଏନେଇ ସୂଚନା ଦେଇଛନ୍ତି ନଗର ଉନ୍ନୟନ ମନ୍ତ୍ରୀ ଡାକ୍ତର କୃଷ୍ଣଚନ୍ଦ୍ର ମହାପାତ୍ର।



ନଗର ଉନ୍ନୟନ ମନ୍ତ୍ରୀ ଆହୁରି କହିଛନ୍ତି, ଗତକାଲି ମୁଖ୍ୟମନ୍ତ୍ରୀଙ୍କ ଘୋଷଣା ପରେ ନୂଆ ଭାବନେଶ୍ୱରକୁ ନେଇ ବଢିଛି ଉତ୍କଣ୍ଠା। ୮୦୦ ଏକର ଜାଗାରେ ହେବ ନୂଆ ଭୁବନେଶ୍ୱର। ମଳିପଡା, ଦାସପୁର, ଅନ୍ଧାରୁଆ, ଗୋଠପାଟଣା ଭଳି ଅଞ୍ଚଳକୁ ନେଇ ନୂଆ ସହର ହେବ। ନୂଆ ସହର ନିର୍ମାଣ ପାଇଁ ସିଙ୍ଗାପୁର ସରକାର ଏହାର ଡ୍ରଇଂ ଏବଂ ଡିଜାଇନ ପ୍ରସ୍ତୁତ ଦାୟିତ୍ୱ ନେଇଛନ୍ତି। ଦୋଲେରା ଗିଫ୍ଟ ସିଟି ଢାଞ୍ଚାରେ ଏହାର ନିର୍ମାଣ ହେବା ନେଇ ଚିନ୍ତା କରାଯାଉଛି।

ନଗର ଉନ୍ନୟନ ମନ୍ତ୍ରୀ କହିଛନ୍ତି, ଗତକାଲି ମୁଖ୍ୟମନ୍ତ୍ରୀଙ୍କ ଘୋଷଣା ପରେ ନୂଆ ଭାବନେଶ୍ୱରକୁ ନେଇ ବଢିଛି ଉତ୍କଣ୍ଠା। ୮୦୦ ଏକର ଜାଗାରେ ହେବ ନୂଆ ଭୁବନେଶ୍ୱର। ମଳିପଡା, ଦାସପୁର, ଅନ୍ଧାରୁଆ, ଗୋଠପାଟଣା ଭଳି ଅଞ୍ଚଳକୁ ନେଇ ନୂଆ ସହର ହେବ। ନୂଆ ସହର ନିର୍ମାଣ ପାଇଁ ସିଙ୍ଗାପୁର ସରକାର ଏହାର ଡ୍ରଇଂ ଏବଂ ଡିଜାଇନ ପ୍ରସ୍ତୁତ ଦାୟିତ୍ୱ ନେଇଛନ୍ତି। ଦୋଲେରା ଗିଫ୍ଟ ସିଟି ଢାଞ୍ଚାରେ ଏହାର ନିର୍ମାଣ ହେବା ନେଇ ଚିନ୍ତା କରାଯାଉଛି।

ଏହି ନୂଆ ସହରରେ ଆଇଟି ପାର୍କ, ମେଡିକାଲ ସୁବିଧା, ଲୋକ ରହିବା ପାଇଁ ଘର, ବ୍ୟବସାୟିକ ପ୍ରତିଷ୍ଠାନ, ପେଡେଷ୍ଟ୍ରିୟାନଙ୍କ ପାଇଁ ଚାଲିବା ବ୍ୟବସ୍ଥା, ଓପନ ସ୍ୱ ?ସ, ଅର୍ଥନୈତିକ ଆକ୍ଟିଭିଟି ବ୍ୟବସ୍ଥା ରହିଛି। ନୂଆ ସହର ମଧ୍ୟରେ ଶିକ୍ଷ ସଂସ୍ଥାକୁ ମଧ୍ୟ ଗୁରୁତ୍ୱ ଦିଆଯିବ। ଏହାର ଡିପିଆର ସିଙ୍ଗାପୁର ସରକାର ବନାଉଥିବା ବେଳେ, ଆବଶ୍ୟକ ଅର୍ଥ ମଧ୍ୟ ସେମାନଙ୍କୁ ଦିଆଯାଇଛି। ଆସନ୍ତା ଏକରୁ ଦୁଇ ମାସ ଭିତରେ ରାଜ୍ୟ ସରକାରଙ୍କୁ ଡିପିଆର ଦେବ ସିଙ୍ଗାପୁର। ସହର ବୃଦ୍ଧି ସହ ସହରକୁ ରି-ଡେଭଲପମେଣ୍ଟ ମଧ୍ୟ କରିବାକୁ ଆମେ ଯୋଜନା କରୁଛୁ।

## ଏଥର ଦୁର୍ଗାପୂଜା ଭସାଣରେ କଟକଣା

ଭୁବନେଶ୍ୱର,୧।୯(ନି.ପ୍ର.): ଏଥର ଦୁର୍ଗାପୂଜା ଭସାଣରେ ଡିଜେ, ଲେଜର ଲାଇଟ୍ ଓ ବାଣକୁ ନିଷିଦ୍ଧ କରାଯାଇଛି। କେବଳ ପାରମ୍ପରିକ ବାଜାରେ ହେବ ମାଙ୍କ ଭସାଣ। ଭସାଣ ବେଳେ ଲାଗିବନି ଲେଜର ଲାଇଟ। ବାଣ ଫୁଟାଇବା ଉପରେ ମଧ୍ୟ ଲାଗିଲା କଟକଣା। ଚଳିତ ବର୍ଷ ଦୁର୍ଗାପୂଜାକୁ ନେଇ ପୁଲିସ ସେବା ଭବନରେ ବସିଥିବା ବୈଠକରେ ଏହି ନିଷ୍ପତ୍ତି ନିଆଯାଇଛି।ଏଥର ଦୁର୍ଗାପୂଜା ଭସାଣରେ ଡିଜେ, ଲେଜର ଲାଇଟ୍ ବାଣକୁ ନିଷିଦ୍ଧ କରାଯାଇଛି। କେବଳ ପାରମ୍ପରିକ ବାଜାରେ ହେବ ମାଙ୍କ ଭସାଣ। ଭସାଣ ବେଳେ ଲାଗିବନି ଲେଜର ଲାଇଟ। ବାଣ ଫୁଟାଇବା ଉପରେ ମଧ୍ୟ ଲାଗିଲା କଟକଣା। ଚଳିତ ବର୍ଷ ଦୁର୍ଗାପୂଜାକୁ ନେଇ ପୁଲିସ ସେବା ଭବନରେ ବସିଥିବା ବୈଠକରେ ଏହି ନିଷ୍ପତ୍ତି ନିଆଯାଇଛି। ଏହି ଦୁର୍ଗାପୂଜା ପ୍ରସ୍ତୁତି ବୈଠକରେ ପୁଲିସ କମିସନର ଏସ ଦେବଦତ୍ତ ସିଂ, ଅତିରିକ୍ତ କମିସନର ନରସିଂହ ଭୋଳ, ଡିସିପି ଜଗମୋହନ ମୀନା, ଭୁବନେଶ୍ୱର ଏକାମ୍ର ବିଧାୟକ ବାବୁ ସିଂଙ୍କ ସମେତ ବିଭିନ୍ନ ପୂଜା କମିଟିର କାର୍ଯ୍ୟକର୍ତ୍ତାମାନେ ଯୋଗ ଦେଇଥିଲେ।

# ମୁଖ୍ୟମନ୍ତ୍ରୀଙ୍କୁ ଭେଟିଲେ ନବଗଠିତ ଶ୍ରୀମନ୍ଦିର ପରିଚାଳନା କମିଟିର ସଦସ୍ୟ



ଭୁବନେଶ୍ୱର,୧।୯(ନି.ପ୍ର.): ଶ୍ରୀମନ୍ଦିରର ପରିଚାଳନା କମିଟିର ନୂତନ ଭାବେ ମନୋନୀତ ହୋଇଥିବା ସଦସ୍ୟମାନେ ଆଜି ଲୋକସେବା ଭବନରେ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀଙ୍କୁ ଭେଟି ଶ୍ରୀମନ୍ଦିର ପରିଚାଳନା ପାଇଁ ନୂତନ କମିଟି ଗଠନ କରିଥିବାରୁ ଧନ୍ୟବାଦ ଅର୍ପଣ କରିଛନ୍ତି।

ପରିଚାଳନା କମିଟିର ସଦସ୍ୟମାନେ ମୁଖ୍ୟମନ୍ତ୍ରୀଙ୍କ ସହିତ ମନ୍ଦିର ନୀତିକାନ୍ତି, ପର୍ବପର୍ବାଣୀ କିପରି ଶୃଙ୍ଖଳିତ ଭାବେ ପାଳିତ ହେବ ଏବଂ ପୁରୀ ସହରର ବିକାଶ କିପରି ତ୍ୱରାନ୍ୱିତ ହେବ, ସେ ସମ୍ପର୍କରେ ଆଲୋଚନା କରିଥିଲେ। ମହାପ୍ରଭୁଙ୍କ ସେବା ଓ ମନ୍ଦିର ବିକାଶ କାମରେ ସରକାରଙ୍କ ପକ୍ଷରୁ ସମସ୍ତ ସହଯୋଗ ଜାରି ରହିବ ବୋଲି ମୁଖ୍ୟମନ୍ତ୍ରୀ ପରିଚାଳନା କମିଟି ସଦସ୍ୟମାନଙ୍କୁ କହିଥିଲେ। ମୁଖ୍ୟମନ୍ତ୍ରୀ କହିଥିଲେ ପୁରୀକୁ ଦେଶର ସର୍ବଶ୍ରେଷ୍ଠ ଧର୍ମୀୟ ଓ ପର୍ଯ୍ୟଟନସ୍ଥଳ ଭାବେ ଗଢ଼ି ତୋଳିବା ପାଇଁ ସରକାରଙ୍କ ପକ୍ଷରୁ ପ୍ରକ୍ରିୟା ଆରମ୍ଭ ହୋଇଛି। ଭକ୍ତ ଓ ପର୍ଯ୍ୟଟକଙ୍କ ପାଇଁ ପୁରୀ ସହରରେ ଅନେକ ସୁବିଧା ଉପଲବ୍ଧ କରାଯିବ।

ପୁରୀକୁ ଦେଶର ସର୍ବଶ୍ରେଷ୍ଠ ଧର୍ମୀୟ ଓ ପର୍ଯ୍ୟଟନସ୍ଥଳ ଭାବେ ଗଢ଼ି ତୋଳିବା ପାଇଁ ସରକାରଙ୍କ ପକ୍ଷରୁ ପ୍ରକ୍ରିୟା ଆରମ୍ଭ ହୋଇଛି। ଭକ୍ତ ଓ ପର୍ଯ୍ୟଟକଙ୍କ ପାଇଁ ପୁରୀ ସହରରେ ଅନେକ ସୁବିଧା ଉପଲବ୍ଧ କରାଯିବ ବୋଲି ମୁଖ୍ୟମନ୍ତ୍ରୀ କହିଛନ୍ତି।

ପରିଚାଳନା କମିଟିର ସଦସ୍ୟ ମଧୁସୂଦନ ସିଂହାରି କହିଛନ୍ତି, ପରିଚାଳନା କମିଟିର ସଦସ୍ୟମାନେ ମୁଖ୍ୟମନ୍ତ୍ରୀଙ୍କୁ ଭେଟିଛନ୍ତି। ଲୋକସେବା ଭାବନରେ ମୁଖ୍ୟମନ୍ତ୍ରୀଙ୍କୁ ଭେଟି ଧନ୍ୟବାଦ ଜଣାଇଛନ୍ତି। ଆଗାମୀ ଦିନରେ କିଭଳି ନୀତିକାନ୍ତି ଶୃଙ୍କଳିତ ହେବ ସେ ନେଇ ପରିଚାଳନା କମିଟି ଗୁରତ୍ୱ ଦେବ।

ପରିଚାଳନା କମିଟିର ସଦସ୍ୟ କୃଷ୍ଣଚନ୍ଦ୍ର ସାମନ୍ତରାୟ (ସୁଆର ମହାସଭା), ରଘୁବୀର ଦାସ (ମଠାଧୀଶ), ରାମନାରାୟଣ ଗୋଚ୍ଛିକାର (ପ୍ରତିହାରୀ ନିଯୋଗ), ମଧୁସୂଦନ ସିଂହାରୀ (ପୁଷ୍ପାଳକ ନିଯୋଗ) ଏବଂ ଜଗନ୍ନାଥ ପୂଜାପଣ୍ଡା ପ୍ରମୁଖ ମୁଖ୍ୟମନ୍ତ୍ରୀଙ୍କୁ ଭେଟିଥିଲେ।

# ଏସସିଓ ପହଲଗାମ ନରସଂହାରକୁ ନିନ୍ଦା

ବେଜିଂ,୧।୯: ସଙ୍ଘାଇ କର୍ପୋରେସନ ଅର୍ଗାନାଇଜେସନ (ଏସସିଓ)ର ସଦସ୍ୟ ରାଷ୍ଟ୍ରମାନେ ପ୍ରଥମଥର ପାଇଁ ଏପ୍ରିଲ ୨୨ର ପହଲଗାମ ନରସଂହାରକୁ ମିଳିତ ଭାବେ ନିନ୍ଦା କରିଛନ୍ତି। ଚାଇନାର ତିଆନଜିନରେ ଆୟୋଜିତ ଏସ୍‌ସିଓ ସମ୍ମିଳନୀ ପରେ ସୋମବାର ସଦସ୍ୟ ରାଷ୍ଟ୍ରଗୁଡିକ ପକ୍ଷରୁ ଗୋଟିଏ ମିଳିତ ଘୋଷଣାପତ୍ର ଜାରି କରାଯାଇଛି। ଏଥିରେ ପହଲଗାମ ନରସଂହାରକୁ ଦୃ ? ଭାବେ ନିନ୍ଦା କରାଯାଇଛି। ଏହାକୁ ଭାରତର ଗୋଟିଏ ବଡ କୂଟନୀତିକ ବିଜୟ ଭାବେ ବିବେଚନା କରାଯାଉଛି।



ଘୋଷଣାପତ୍ରରେ କୁହାଯାଇଛି ଯେ "ସମସ୍ତ ସଦସ୍ୟ ରାଷ୍ଟ୍ର ଦୃଢ଼ ଭାବେ ଏପ୍ରିଲ ୨୨ ପହଲଗାମ ଆତଙ୍କବାଦୀ ହମଲାକୁ ନିନ୍ଦା କରୁଛନ୍ତି।" ହମଲାରେ ମୃତାହତମାନଙ୍କୁ ସଦସ୍ୟ ରାଷ୍ଟ୍ରମାନେ ସହାନୁଭୂତି ଜଣାଇବା ସହ ସେମାନଙ୍କ ପରିବାର ପ୍ରତି ସମବେଦନା ଜଣାଇଛନ୍ତି। ଏପରି ହମଲା ପଛରେ ଥିବା ଅପରାଧୀ, ସଂଗଠନ ଓ ପ୍ରାୟୋଜକମାନଙ୍କୁ ଏଥିପାଇଁ ଦାୟୀ କରାଯିବା ଦରକାର ବୋଲି ମିଳିତ ଘୋଷଣା ପତ୍ରରେ ଉଲ୍ଲେଖ କରାଯାଇଛି।ଏସ୍‌ସିଓ ରାଷ୍ଟ୍ରଗୁଡିକ ଆତଙ୍କବାଦ, ବିଚ୍ଛିନ୍ନତାବାଦ ଓ ଉଗ୍ରବାଦ ବିରୋଧୀ ଲଢ଼େଇ ପାଇଁ ପ୍ରସ୍ତୁତ ଥିବା ପ୍ରତିଶ୍ରୁତିବଦ୍ଧ। ଆତଙ୍କବାଦୀ ଓ ବିଚ୍ଛିନ୍ନତାବାଦୀ ବିପଦକୁ ମୁକାବିଲା କରିବା କ୍ଷେତ୍ରରେ ରାଷ୍ଟ୍ରଗୁଡିକ ନେଉଥିବା ସବୁ ପ୍ରକାରର ପଦକ୍ଷେପକୁ ସ୍ୱୀକୃତି ଦିଆଯାଇଛି। ସଦସ୍ୟ ରାଷ୍ଟ୍ରଗୁଡିକ ଆତଙ୍କବାଦର ସବୁ ପ୍ରକାରର ରୂପକୁ ନିନ୍ଦା କରି ଆତଙ୍କବାଦ ବିରୋଧୀ ଲଢେଇରେ ଦୋମୁହାଁ ନୀତି ଆଦୌ ଗ୍ରହଣୀୟ ନୁହେଁ ବୋଲି କହିଛନ୍ତି। ଏଥିସହ ଅନ୍ତର୍ଜାତୀୟ ସମୂହକୁ ଆତଙ୍କବାଦୀଙ୍କ ସୀମା ପାର ଗତିବିଧି ସମେତ ଆତଙ୍କବାଦର ମୁକାବିଲା କରିବାକୁ ଆହ୍ୱାନ ଦେଇଛନ୍ତି। ଆତଙ୍କବାଦ ପ୍ରସଙ୍ଗରେ ଭାରତ ରଖିଥିବା ଆଭିମୁଖ୍ୟ ଏସ୍‌ସିଓ ରାଷ୍ଟ୍ରଗୁଡିକ ମିଳିତ ଘୋଷଣାପତ୍ରରେ ଉଲ୍ଲେଖ କରିଛନ୍ତି। ତେଣୁ ଏହାକୁ ଭାରତର ବଡ କୂଟନୀତିକ ବିଜୟ ଭାବେ ବିବେଚନା କରାଯାଉଛି। ଦୁଇ ମାସ ତଳେ ଚାଇନାର କ୍ୱିଙ୍ଗଦାଓରେ ଏସ୍‌ସିଓ ରାଷ୍ଟ୍ରଗୁଡିକର ପ୍ରତିରକ୍ଷା ମନ୍ତ୍ରୀମାନଙ୍କୁ ନେଇ ବୈଠକ ହୋଇଥିଲା। ଏଥିରେ ଭାରତର ପ୍ରତିରକ୍ଷା ମନ୍ତ୍ରୀ ରାଜନାଥ ସିଂହ ଯୋଗ ଦେଇଥିଲେ। ତେବେ ଏସ୍‌ସିଓ ପ୍ରତିରକ୍ଷା ମନ୍ତ୍ରୀମାନଙ୍କ ମିଳିତ ଘୋଷଣାପତ୍ରରେ ପହଲଗାମ ଆତଙ୍କବାଦୀ ହମଲା ସମ୍ପର୍କରେ କିଛି ବି କୁହାଯାଇ ନଥିଲା। ଏହାକୁ ବିରୋଧ କରି ଶ୍ରୀ ସିଂହ ଏହି ମିଳିତ ଘୋଷଣାପତ୍ରରେ ଦସ୍ତଖତ କରିବାକୁ ମନା କରି ଦେଇଥିଲେ। ହେଲେ କ୍ୱିଙ୍ଗଦାଓରେ ଆପତ୍ତି କରିଥିବା ଭାରତକୁ ତିଆନଜିନରେ ବଡ ସଫଳତା ମିଳିଛି।ଭାରତ ପହଲଗାମ ନରସଂହାରକୁ ଏସ୍ ?ସିଓର ଘୋଷଣାପତ୍ରରେ ସାମିଲ କରିବାକୁ ୨ ମାସ ତଳେ ଦାବି କରିଥିଲା। ଏବେ ଏସ୍ ?ସିଓ ଘୋଷଣାପତ୍ରରେ ପହଲଗାମ ନରସଂହାରକୁ କଡା ଶବ୍ଦରେ ନିନ୍ଦା କରାଯାଇଛି। ଏଥିସହ ଏହା ପଛରେ ଥିବା ଲୋକଙ୍କୁ ମଧ୍ୟ ଦାୟୀ କରିବାକୁ ଏସ୍‌ସିଓ ରାଷ୍ଟ୍ରଗୁଡିକ ଗୁରୁତ୍ୱ ଦେଇଛନ୍ତି।

ପୂର୍ବରୁ ପହଲଗାମ ନରସଂହାରକୁ ଏସ୍ ?ସିଓ ପ୍ରତିରକ୍ଷା ମନ୍ତ୍ରୀମାନଙ୍କ ମିଳିତ ଘୋଷଣାପତ୍ରରୁ ଚାଇନା ଓ ପାକିସ୍ତାନ କଥାରେ ବାଦ ଦିଆଯାଇଥିଲା। ମିଳିତ ଘୋଷଣାପତ୍ରରେ ଆତଙ୍କବାଦର କଥା କୁହାଯାଇଥିଲେ ହେଁ ପହଲଗାମ ନରସଂହାରକୁ ବାଦ ଦିଆଯାଇଥିବାରୁ ଏହାକୁ ଭାରତ ବିରୋଧ କରିଥିଲା। ମିଳିତ ଘୋଷଣାପତ୍ରରେ ପହଲଗାମ ନରସଂହାରକୁ ପାକିସ୍ତାନ ଓ ଚାଇନା ବାଦ ଦେଇଥିବା ବେଳେ ବାଲୁଚିସ୍ତାନ କଥା ଉଲ୍ଲେଖ କରିଥିଲେ। ବାଲୁଚିସ୍ତାନ କଥା ଉଲ୍ଲେଖ କରି ବେଶ ଚାଲାକି ଢଙ୍ଗରେ ସେଠାରେ ଭାରତ ଅସ୍ଥିରତା ସୃଷ୍ଟି କରୁଥିବା କଥା ମଧ୍ୟ ଦର୍ଶାଇବାକୁ ଚେଷ୍ଟା କରାଯାଇଥିଲା। ଚାଇନା ଏସ୍ ?ସିଓ ଶିଖର ସମ୍ମିଳନୀର ଅଧ୍ୟକ୍ଷତା କରୁଥିବା ବେଳେ ପାକିସ୍ତାନ କଥାରେ ଜାଣିଶୁଣି ପହଲଗାମ ନରସଂହାରକୁ ଏଥିରେ ସାମିଲ କରାଯାଇ ନଥିଲା। ଖାସ ଏହି କାରଣ ପାଇଁ ଭାରତ ମିଳିତ ଘୋଷଣାପତ୍ରରେ ଦସ୍ତଖତ କରି ନଥିଲା।

## ମୋଦୀଙ୍କ ସହ ଗୋଟାଏ ଗାଡିରେ ଯିବାକୁ ୧୦ ମିନିଟ୍ ଅପେକ୍ଷା କଲେ ପୁଟିନ୍

ନୂଆଦିଲ୍ଲୀ: ଭାରତ ଓ ରୁଷିଆ ମଧ୍ୟରେ ଥିବା ବନ୍ଧୁତ୍ୱର ଝଲକ୍ ପୁଣି ଥରେ ଦେଖିବାକୁ ମିଳିଛି। ସୋମବାର ଚୀନ୍‌ରେ ଚାଲିଥିବା ସାଂଘାଇ ସହଯୋଗ ସଂଗଠନ (ଏସସିଓ) ଶିଖର ସମ୍ମିଳନୀ ବେଶ୍ ଖାସ୍ ରହିଥିଲା। ପ୍ରଧାନମନ୍ତ୍ରୀ ମୋଦୀ ସେଠାରେ ତାଙ୍କ ପ୍ରିୟ ବନ୍ଧୁ ତଥା ରୁଷ ରାଷ୍ଟ୍ରପତି ଭ୍ଲାଦିମିର ପୁଟିନଙ୍କ ସହ ଏକ କାର୍‌ରେ ବସି ଯାଉଥିବାର ଦେଖିବାକୁ ମିଳିଛି। ସୂଚନା ରହିଛି ଯେ ପୁଟିନ୍ ମୋଦୀଙ୍କ ସହିତ ଯିବା ପାଇଁ ଇଚ୍ଛା ପ୍ରକାଶ କଲେ ଓ ସେଥିପାଇଁ ୧୦ ମିନିଟ୍ ଅପେକ୍ଷା କରି ରହିଲେ। ପୁଣି ଦୁଇ ବନ୍ଧୁ ସାଙ୍ଗ ହୋଇ ଏକାଠି ଏକ କାର୍‌ରେ ଗଲେ। ହୋଟେଲ୍‌ରେ ପହଞ୍ଚିବା ପରେ ବି ଦୁହେଁ ଗାଡି ଭିତରେ ପ୍ରାୟ ୪୫ ମିନିଟ୍ ପର୍ଯ୍ୟନ୍ତ କଥାବାର୍ତ୍ତା ହୋଇଥିଲେ। ଦୁଇ ନେତାଙ୍କ ବନ୍ଧୁତ୍ୱ ଓ ପରସ୍ପର ସହ କଥାବାର୍ତ୍ତା ଏବେ ଚାରିଆଡ ଚର୍ଚ୍ଚାର ବିଷୟ ପାଲଟିଛି। ତେବେ ମୋଦୀ ଓ ପୁଟିନ୍ ଏସ୍‌ସିଓ ସମ୍ମିଳନୀସ୍ଥଳରୁ ନେଇ ହୋଟେଲ୍ ପର୍ଯ୍ୟନ୍ତ ସାଙ୍ଗ ହୋଇ ଯାତ୍ରା କରିଥିବାର ଦେଖିବାକୁ ମିଳିଛି। ଉଭୟ ମୋଦୀ ଓ ପୁଟିନ୍ ପରସ୍ପରକୁ ହସି ସ୍ୱାଗତ କରିଥିଲେ ଏବଂ ଏକାଠି ଆଗକୁ ବଢ଼ିଥିଲେ। ଏହି ସମୟରେ, ପାକିସ୍ତାନ ପ୍ରଧାନମନ୍ତ୍ରୀ ଶେହବାଜ ସରିଫ ପାଖରେ ଠିଆ ହୋଇଥିବା ଦେଖାଯାଇଥିଲା। କିନ୍ତୁ କେହି ତାଙ୍କ ପ୍ରତି ବିଶେଷ ଧ୍ୟାନ ଦେଇ ନଥିଲେ।

# ଜିଏସ୍‌ଟିରେ ଭରିଲା ସରକାରଙ୍କ ଭଣ୍ଡାର
# ଅଗଷ୍ଟରେ ୧.୮୬ ଲକ୍ଷ କୋଟି କଲେକ୍ସନ

ନୂଆଦିଲ୍ଲୀ,୧।୯: ଭାରତ ଅଗଷ୍ଟ ମାସରେ ଜିଏସଟି ଆଦାୟ ୧.୮୬ ଲକ୍ଷ କୋଟି ସଂଗ୍ରହ କରିଛି, ଯାହା ଗତ ବର୍ଷ ଏହି ମାସ ତୁଳନାରେ ୬.୫% ଅଧିକ। ତେବେ, ଏହା ଜୁଲାଇର ୧.୯୬ ଲକ୍ଷ କୋଟି ତୁଳନାରେ କମ। ଏପ୍ରିଲ ୨୦୨୫ରେ ଜିଏସଟି ଆଦାୟ ସର୍ବକାଳୀନ ସର୍ବାଧିକ ୨.୩୭ ଲକ୍ଷ କୋଟି ଥିଲା।

ଅଗଷ୍ଟରେ ଘରୋଇ ରାଜସ୍ୱ ୯.୬% ବୃଦ୍ଧି ପାଇ ରୁ. ୧.୩୭ ଲକ୍ଷ କୋଟି ହୋଇଥିବା ବେଳେ, ଆମଦାନୀରୁ ଆଦାୟ ହୋଇଥିବା କର ୧.୨% ହ୍ରାସ ପାଇ ରୁ. ୪୯,୩୫୪ କୋଟି ରହିଛି। ସରକାର ୧୯,୩୫୯ କୋଟି ରିଫଣ୍ଡ ପ୍ରଦାନ କରିଛନ୍ତି, ଯାହା ଗତ ବର୍ଷ ତୁଳନାରେ ୨୦% କମ। ନେଟ ଜିଏସଟି ରାଜସ୍ୱ ୧୦.୭% ବୃଦ୍ଧି ପାଇ ୧.୬୭ ଲକ୍ଷ କୋଟି ହୋଇଛି।

ଛୋଟ ରାଜ୍ୟମାନଙ୍କ ମଧ୍ୟରେ ସିକ୍କିମ (୩୯%), ମେଘାଳୟ (୩୫%), ଓ ନାଗାଲାଣ୍ଡ (୩୩%) ସର୍ବାଧିକ ବୃଦ୍ଧି ଦେଖାଇଛନ୍ତି। ବଡ଼ ରାଜ୍ୟମାନଙ୍କ ମଧ୍ୟରେ ମହାରାଷ୍ଟ୍ର ୨୮,୯୦୦ କୋଟି (+୧୦%), କର୍ଣ୍ଣାଟକ ୧୪,୨୦୪ କୋଟି (+୧୫%), ତାମିଲନାଡୁ ୧୧,୦୫୭ କୋଟି (+୯%), ଓ ଉତ୍ତର ପ୍ରଦେଶ ୯,୦୮୬ କୋଟି (+୧୦%) ଆଦାୟ କରିଛନ୍ତି। ଅନ୍ୟପକ୍ଷରେ, ଚଣ୍ଡୀଗଡ଼ (-୧୨%), ମଣିପୁର (-୨୪%), ଓ ଝାଡ଼ଖଣ୍ଡ (-୧%)ରେ ଆଦାୟ ହ୍ରାସ ପାଇଛି। ଏହି ତଥ୍ୟ ସେପ୍ଟେମ୍ବର ୩-୪ରେ ଅନୁଷ୍ଠିତ ଜିଏସଟି ପରିଷଦ ବୈଠକ ପୂର୍ବରୁ ପ୍ରକାଶ ପାଇଛି, ଯେଉଁଥିରେ କେନ୍ଦ୍ର ଅର୍ଥମନ୍ତ୍ରୀ ନିର୍ମଳା ସୀତାରମଣ ଓ ରାଜ୍ୟ ଅର୍ଥମନ୍ତ୍ରୀମାନେ ବ୍ୟବସ୍ଥା ଆଲୋଚନା କରିବେ। ଏକ ପ୍ରମୁଖ ପ୍ରସ୍ତାବ ହେଉଛି ୫% ଓ ୧୮% ଦୁଇ ସ୍ଲାବ ବିଶିଷ୍ଟ ସରଳ ଗଠନ। ଏହା ସହ ହାର ଯୁକ୍ତିକରଣ, କ୍ଷତିପୂରଣ ସେସ, ଓ ବୀମା କର ସମ୍ପର୍କିତ ତିନୋଟି ମନ୍ତ୍ରୀ ଗୋଷ୍ଠୀର ରିପୋର୍ଟ ଉପରେ ଆଲୋଚନା ହେବ।ପ୍ରଧାନମନ୍ତ୍ରୀ ମୋଦି ଘୋଷଣା କରିଛନ୍ତି ଯେ, ଏହି ଦୀପାବଳୀ ସୁଦ୍ଧା ଜିଏସଟିରେ "ପରବର୍ତ୍ତୀ ପିଢ଼ିର ସଂସ୍କାର" ଉନ୍ମୋଚିତ ହେବ, ଯାହା ସାଧାରଣ କରଦାତା ଓ ଛୋଟ ଓ ମଧ୍ୟମ ବ୍ୟବସାୟୀଙ୍କ ପାଇଁ ବହୁ ସହାୟକ ହେବ। ୨୦୧୭ରେ ଆରମ୍ଭ ହୋଇଥିବା ଜିଏସଟି ବ୍ୟବସ୍ଥା ବର୍ତ୍ତମାନ ଆଠ ବର୍ଷ ପୂରଣ କରିଛି, ଓ ଆଗାମୀ ସଂସ୍କାର ଏହାର ଆରମ୍ଭ ପରେ ସବୁଠାରୁ ବଡ଼ ପରିବର୍ତ୍ତନ ହେବ ବୋଲି ଆଶା କରାଯାଉଛି।



# ସର୍ପ ଘାତରେ ଯୁବକ ମୃତ

ତିର୍ତ୍ତୋଲ,୧।୯:(ମନ୍ଥନ)ଜଗତସିଂହପୁର ଜିଲ୍ଲା ତିର୍ତ୍ତୋଲ ବ୍ଲକ୍ ଅନ୍ତର୍ଗତ ଗୋପାଳପୁର ଗ୍ରାମପଞ୍ଚାୟତ ର ଲହଣ ପଡ଼ାର ରାଜକିଶୋର ସ୍ୱାଇଁ (୪୨ବର୍ଷ)ପିତା – ସୋର୍ଗତ ଦୈତାରି ସ୍ୱାଇଁ ଆଜି ସକାଳ ୧୦ ଘଟିକା ସମୟର ବିଲକୁ ଚଷ କାର୍ଯ୍ୟରେ ଯାଇଥିବା ସମୟରେ ଏକ ବିଷାକ୍ତ ସାପ କାମୁଡି ଦେଇଥିଲା । ଶଙ୍ଗେ ଶଙ୍ଗେ ସେ ଘରକୁ ଆସିଥିଲେ ତାଙ୍କ ସ୍ତ୍ରୀଙ୍କୁ ପାଣି ମାଗି ଥିଲେ । ପାଣି ପିଇବା ପରେ ଗାଡ଼ି ମିଳିନଥିବା ସମୟରେ କନକ ପୁର ଫାଣ୍ଡି ଅଧିକାରୀ ରାଜେନ୍ଦ୍ର ଭୋଳ ସେହି ଗ୍ରାମକୁ ଏକ କେଶ୍ ବାବଦରେ ଆସିଥିଲେ । ସେ ରଜେନ୍ଦ୍ରଙ୍କ ଅବସ୍ଥା ଦେଖି ଅଲଗା ଗାଡ଼ି ମିଳୁ ନଥିବା ଦେଖି ଫାଣ୍ଡି ଭ୍ୟାନ ରେ ତାଙ୍କୁ ଜିଲ୍ଲା ମୁଖ୍ୟ ଚିକିତ୍ସାଳୟ କୁ ପଠାଇ ଥିଲେ ସେଠାରେ ଭର୍ତ୍ତି କରିଥିଲେ । ସେଠାରେ ଡାକ୍ତର ରାଜକିଶୋର ଙ୍କୁ ମୃତ୍ୟୁ ଘୋଷଣା କରିଥିଲେ । ସବ ବ୍ୟବଛେଦ ପରେ ନିଜ ଗ୍ରାମର ଶ୍ମଶାନରେ ଶେଷ କୃତି କାର୍ଯ୍ୟ ହୋଇଥିଲା । ଘରେ ରୋଗା ଗ୍ରସ୍ତ ବିଧବା ମା ଏବଂ ସ୍ତ୍ରୀ ୮ ବର୍ଷର ଏକ ମାତ୍ର ପୁଅ ମୁଖଗ୍ନି ଦେଇଥିଲେ । ସ୍ଥାନୀୟ ସରପଞ୍ଚ ପ୍ରକାଶ ଚନ୍ଦ୍ର ସ୍ୱାଇଁ,ପୂର୍ବତନ ସରପଞ୍ଚ ମୃଣ୍ମୟ ସ୍ୱାଇଁ, ଯୁବ ସାମ୍ବାଦିକ ଶୁଭାଶିଷ ସ୍ୱାଇଁ , କେଦାର ନାୟକ,ବାସୁଦେବ ନାୟକ,ଗଗନ ବିହାରୀ ସାହୁ,ପ୍ରଭାତ କୁମାର ସ୍ୱାଇଁ,ଅମର ପଣ୍ଡା,ବିଜୟ କୁମାର ସ୍ୱାଇଁ ଙ୍କ ସମେତ ଅନେକ ପଞ୍ଚାୟତ ବାସି ଶ୍ମଶାନ ଘାଟରେ ଉପସ୍ଥିତ ଥିଲେ ।

# ଜଙ୍ଗଲ ଜମିରୁ କୋଟି କୋଟି ଟଙ୍କାର ମାଙ୍କଡା ପଥର ଓ ମୋରମ ଚୋରାଚାଲାଣ

ପିପିଲି,୧।୯:(ମନ୍ଥନ)ପିପିଲି ରେ ଚାଲିଛି ବେଧଡକ ମାଙ୍କଡା ପଥର ଓ ମୋରମ ଚୋରାଚାଲାଣ । ଖଣି ମାଫିଆ । ମାନେ ଓଇସି ଫାଣ୍ଡି ନିକଟସ୍ଥ ୫୦ ମିଟର ଦୂରରେ ସାମ୍ରାଜ୍ୟ ବିସ୍ତାର କରିଥିବା ଅଭିଯୋଗ ହୋଇଛି । ଏହା ଖଣି ବିଭାଗ ଅଧିନରେ ଯାଉଥିବାରୁ ଏହି ବେଧଡ଼କ ଚୋରାଚାଲାଣ ରୋକିବା ପାଇଁ ସେମାନଙ୍କ ବଡ ଦାୟିତ୍ୱ । ହେଲେ ସେମାନେ ସବୁ ଜାଣି ଚୁପ ବସିବା ଘଟଣା ଏବେ ଜନଅସନ୍ତୋଷ ଦେଖିବାକୁ ମିଳିଛି ।୩୦ ଏକର ରୁ ଉର୍ଦ୍ଧ୍ୱ କାଜୁ ଜଙ୍ଗଲ ଜମିରୁ ଦିନ ଦ୍ୱିପ୍ରହର ରେ କୋଟି କୋଟି ଟଙ୍କାର ମାଙ୍କଡ଼ା ପଥର ଓ ମୋରମ ଚୋରାଚାଲାଣ ହେଉଛି । ଏହା ପିପିଲି ତହସିଲ ଅଧିନ ନିଜିଗଡ କୁରୁଖୀ ମୌଜା ଓଇସି



ଫାଣ୍ଡି ନିକଟରୁ ଚୋରାଚାଲାଣ କରାଯାଉଥିବାରୁ ସ୍ଥାନୀୟ ପୋଲିସ ପ୍ରଶାସନର କାର୍ଯ୍ୟ କଳାପ ଉପରେ ସାଧାରଣରେ ପ୍ରଶ୍ନବାଚୀ ସୃଷ୍ଟି ହୋଇଛି । କାଜୁ ଜଙ୍ଗଲ ଜମିରେ ବେଆଇନ ଭାବେ ଖନନ ଯୋଗୁଁ ବିରାଟ ଗର୍ତ୍ତ ସେଠାରେ ସୃଷ୍ଟି ହେଉଛି । ଆଗାମୀ ଦିନରେ ସେଠାରେ ବଡ଼ ବଡ ବିପଦ ଭଳି ଆଶଙ୍କା କୁ କେହି ଏଡାଇ ଦେଇନପାରନ୍ତି । ବେଆଇନ ଖଣି ଖନନ କରି ମାଫିଆ । ମାନେ ରାଜ୍ୟ ସରକାର ଙ୍କ କୋଟି କୋଟି ଟଙ୍କା ରାଜସ୍ୱ ହାନି କରୁଛନ୍ତି । ସ୍ଥାନୀୟ ପୋଲିସ ଏଭଳି ଦୁର୍ନୀତି ଉପରେ ଲଗାମ ରଖିବା ପରିବର୍ତ୍ତେ କେବଳ ରାତି ସାରା ସାଧାରଣ ବାଲି ଗଦା କୁ ଜଗି ଦିନରେ ଶୋଉଥିବା କଥା କହିଛନ୍ତି । ଏକପ୍ରକାର କହିବାକୁ ଗଲେ ବାଲି ଗଦା ଜଗିବା ନାଁ ରେ ଏଭଳି କୋଟି କୋଟି ଟଙ୍କାର ରାଜସ୍ୱ କ୍ଷତି ପାଇଁ ଏକ ପ୍ରକାର ସହଯୋଗ କରୁଥିବା ଅଭିଯୋଗ ହୋଇଛି । ତେବେ ଖବର ପ୍ରସାରଣ ପରେ ପୁରୀ ମାଇନ୍ସ ବିଭାଗ ଅଧିକାରୀ ଘଟଣାସ୍ଥଳରେ ଆଜି ଚଢ଼ାଉ ଜାରି ରଖିଛି । ସ୍ଥାନୀୟ ତହସିଲ କର୍ମଚାରୀ ଓ ପୋଲିସ ସହାୟତାରେ ଘଟଣା ସ୍ଥଳରେ ପହଞ୍ଚି ସରଜମିନ୍ ତଦନ୍ତ ଜାରୀ ରହିଛି । ଏଭଳି ଦୁର୍ନୀତି ଉପରେ କଡା ନଜର ସହ କଠୋର କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ବୋଲି ମାଇନ୍ସ ଅଧିକାରୀ ସମିର ରଂଜନ ମିଶ୍ର କହିଛନ୍ତି ।

# ଆଠ ମାସ ହେଲାଣି ନଳକୂପ ଅଚଳ, ପଚାଶ ରୁ ଉର୍ଦ୍ଧ୍ୱ ପରିବାର ପାନୀୟ ଜଳରୁ ବଞ୍ଚିତ

ତିର୍ତ୍ତୋଲ,୧।୯:(ମନ୍ଥନ)ପିଇବା ପାଣି ପାଇଁ ଡହଳ ବିକଳ ଲୋକେ ପଚାଶ ରୁ ଉର୍ଦ୍ଧ ପରିବାର ପାନୀୟ ଜଳରୁ ବଞ୍ଚିତ। ଅପରିଷ୍କାର ପାଣି ପିଇ ଅନେକ ରୋଗାକ୍ରାନ୍ତ ହେବାର ଖବର ସାମ୍ନାକୁ ଆସୁଛି । ଏହା କୌଣସି ଉପାନ୍ତ ଅଂଚଳ କଥା ଆମେ କହୁନୁ,ଏଭଳି ଘଟଣା ଦେଖିବାକୁ ମିଳିଛି ଜଗତସିଂହପୁର ଜିଲ୍ଲା ତିର୍ତ୍ତୋଲ ବ୍ଲକ ଅନ୍ତର୍ଗତ ପିପଳମାଧବ ପଂଚାୟତ ଖଦାଳ ଗ୍ରାମରେ । ଗ୍ରାମ ର ଏକମାତ୍ର ନଳକୂପ ଖରାପ ହୋଇଯିବା ପରେ ଲୋକେ ପିଇବା ପାଣି ଟୋପେ ପାଇଁ ନାହିଁ ନ ଥିବା ଅସୁବିଧା ଭୋଗୁଛନ୍ତ । ଗ୍ରାମରେ ପଚାଶ ରୁ ଉର୍ଦ୍ଧ ପରିବାର ନଳକୂପ ଉପରେ ଭରସା କରନ୍ତି ନା ସରକାର ଙ୍କ ବସୁଧା ଯୋଜନା ପାଣି ସେମାନଙ୍କ ନିକଟରେ ପହଂଚି ପାରୁଛି ନା ନଳକୂପ କୁ ପୁନଃ କ୍ଷମ କରାଯାଉଛ ।



ସରପଞ୍ଚ ଙ୍କ ଠୁ ଆରମ୍ଭ କରି ପାନୀୟ ଜଳ ବିଭାଗ ଯାଏ ଅବଗତ କରାଇଲେ ବି ଫଳ ଶୂନ, କିଏ ବୁଝିବ ଏହି ଗ୍ରାମବାସୀ ଙ୍କ ଦୁଃଖ, ନଳକୂପ ଖରାପ ହେବା ପରେ ତା ଚତୃପାର୍ଶ୍ୱ ଅସ୍ୱସ୍ଥ୍ୟକର ରେ ଭରି ଗଲାଣି । ଏଥିପ୍ରତି ପ୍ରଶାସନ ଦୃଷ୍ଟି ଦେବାକୁ ଗ୍ରାମବାସୀ ଗଣ ମାଧମ ଜରିଆରେ ନିବେଦନ କରିଛନ୍ତି ।

# ୭୦ ୟୁନିଟ୍ ସଂଗ୍ରହ

ବ୍ରହ୍ମପୁର,୧।୯:(ମନ୍ଥନ) ସ୍ଥାନୀୟ ଆସ୍କା ରୋଡ଼ ଅନ୍ତର୍ଗତ ହନୁମାନ ନଗର ସାହି ଠାରେ ସାହି ବାସିନ୍ଦାଙ୍କ ତରଫରୁ ଯୁବ ଗୋଷ୍ଠୀଙ୍କ ଦ୍ୱାରା ରବିବାର ଏକ ସ୍ୱେଚ୍ଛାକୃତ ରକ୍ତଦାନ ଶିବିର ଆୟୋଜିତ ହୋଇଥିଲା । ଏଥିରେ ମୁଖ୍ୟ ଅତିଥି ରୂପେ ପୂର୍ବତନ ବିଧାୟକ ବିକ୍ରମ କୁମାର ପଣ୍ଡା ଯୋଗଦାନ କରିଥିବା ବେଳେ, ସମ୍ମାନିତ ଅତିଥି ରୂପେ ମହାନଗର ନିଗମ କର୍ପୋରେଟର ଅଶ୍ୱିନୀ ପଟ୍ଟନାୟକ, ଜମୁଲା ଶ୍ରୀନିବାସ, ଦୁର୍ଗା ଲାୟକ ଏବଂ ଧିରେଶ ସାବତଙ୍କ ସମେତ ଅନ୍ୟ କିଛି ମାନ୍ୟଗଣ୍ୟ ବ୍ୟକ୍ତି ବିଶେଷ ମାନେ ଯୋଗଦେଇ ଏହି ଶିବିରକୁ ଉଦ୍ଘାଟନ କରିଥିଲେ । ଏହି ଅବସରରେ ଅଞ୍ଚଳର ପ୍ରାୟ ଶତାଧିକ ଯୁବ, ଛାତ୍ର ମାନେ ସାମିଲ ହୋଇଥିବା ବେଳେ, ଏହି ରକ୍ତଦାନ ଶିବିରରେ ୭୦ରୁ ଉର୍ଦ୍ଧ୍ୱ ରକ୍ତ ସଂଗୃହିତ ହୋଇଥିବା ଯୁବ ନେତା ରୋହିତ ମାଝୀ କହିଛନ୍ତି । ଯୁବ ନେତା ଶ୍ରୀ ମାଝୀଙ୍କ ନେତୃତ୍ୱରେ ଆୟୋଜିତ ଏହି କାର୍ଯ୍ୟକ୍ରମରେ ବଳରାମ ବେହେରା, ଶୁଭମ୍ ପଟ୍ଟନାୟକ, ଦେବାଶିଷ ମାଝୀ, ପିଣ୍ଟୁ ଗୌଡ, ସିଏଚ ହରିଶ୍, କେ ସୁନିଲଙ୍କ ସମେତ ଅଞ୍ଚଳର ବହୁ ଯୁବକ ମାନେ ପରିଚାଳନରେ ସହଯୋଗ କରିଥିବା ବେଳେ, ଏହି କାର୍ଯ୍ୟକ୍ରମକୁ ଅତିଥି ମାନଙ୍କ ସମେତ ଅଞ୍ଚଳବାସୀ ମଧ ଉଚ୍ଚ ପ୍ରଶଂସା କରିଛନ୍ତି ।

# ପିପିଲିରେ ୟୁରିଆ ସାର ଅଭାବ, ଚାଷୀ ହନ୍ତସନ୍ତ

ପିପିଲି,୧।୯:(ମନ୍ଥନ)ଖରିଫ ଋତୁ ଆରମ୍ଭରୁ ଅଭାବୀ ବର୍ଷା ପାଇଁ ଚାଷୀକୂଳ କୁ ଚିନ୍ତାରେ ପଡିଥିବା ବେଳେ ଗଡିଆ, ପୋଖରୀ, ଜୋର, ଲିଫ୍ଟ ପଏଣ୍ଟ ରୁ ପାଣି ବୋହି ଯେନ ତେନ ପ୍ରକାରେ ଚାଷୀ ଧାନ ରୋଇଥିଲା । ବର୍ତ୍ତମାନ ସାରର ଅଭାବୀ ବିକ୍ରି ଚାଷୀଙ୍କୁ ହନ୍ତସନ୍ତ କରିଛି ୟସାରର ଅଭାବ ନେଇ କୃଷକମାନେ ଗୁରୁତର ସମସ୍ୟାର ସମ୍ମୁଖୀନ ହେଉଥିବା ଦେଖିବାକୁ ମିଳିଛି । ବର୍ତ୍ତମାନ ପିପିଲି ରେ ସାରର ଅଭାବ ସ୍ଥିତି ଦେଖା ଦେଇଥିବା ବେଳେ ସାର ବିକ୍ରିରେ ଅନିୟମିତତା, କଳାବଜାରୀ ଓ ଅତ୍ୟଧିକ ଦର ବୃଦ୍ଧି ଚାଷୀକୂଳ ବଡ ସମସ୍ୟାରେ ସମ୍ମୁଖୀନ ହେଉଛି । ଏହି ସମସ୍ୟାର ସମାଧାନ ପାଇଁ ସରକାର କୌଣସି ପଦକ୍ଷେପ ନେଉ ନାହାନ୍ତିୟ ରାଜ୍ୟ ସରକାର କୃଷକ ମାନଙ୍କ ସ୍ୱାର୍ଥକୁ ପ୍ରାଥମିକତା ଦେଇ ତାଙ୍କୁ ସାର ଭଳି ଆବଶ୍ୟକୀୟ ସାମଗ୍ରୀ ସୁବିଧାରେ ଯୋଗାଇ ଦେବାରେ ସରକାର ବିଫଳ ହୋଇଛନ୍ତି ବୋଲି ଜିଲ୍ଲା ପରିଷଦ ସଭ୍ୟ ଧରଣୀଧର ସାହୁ ଅଭିଯୋଗ କରିଛନ୍ତି । ସେପଟେ ଚାଷୀ ରେଜିଷ୍ଟେସନ ଠାରୁ ଧାନ ବିକ୍ରି ସହ ଧାନ ରୋଇବା ପର୍ଯ୍ୟନ୍ତ ଅନେକ ସମସ୍ୟାରେ ପଡିଛନ୍ତି ଚାଷୀ ।ମଣ୍ଡି ରେ କଟନୀ ଛଟନୀ ପରେ ଏବେ ଧାନ ଚାଷ ପାଇଁ ମିଳୁନି ସାର । ଯାହାକୁ ନେଇ ପୁରୀ ଜିଲ୍ଲା ପିପିଲି ରେ ଦେଖା ଦେଇଛି ଚାଷୀ ଅସନ୍ତୋଷ । ପିପିଲି, ମଙ୍ଗଳପୁର,ତେଇଶିପୁର, ସାତଶଂଖ ଆଦି



ଅଞ୍ଚଳ ରେ ଦେଖା ଦେଇଛି ୟୁରିଆ। ସାର ର ଅଭାବ । ଧାନ ରୋଇବା ପରେ ଏବେ ଧାନ ଗଛ ଗୁଡିକ ମୂଳ ଧରିବା ଆରମ୍ଭ ହେଉଥିବା ବେଳେ ଏବେ ଧାନ କ୍ଷେତରେ ୟୁରିଆ। ସାର ପକାଇବାର ଉପଯୁକ୍ତ ସମୟ ୟମାତ୍ର ସଠିକ ପରିମାଣ ର ସାର ମିଳୁ ନ ଥିବାରୁ ଧାନ ଗଛ ର ମୂଳ ଦୁର୍ବଳ ହେବା ସହ ଫସଲ ନଷ୍ଟ ହେବାରେ ଆଶଙ୍କା ରହିଛି ବୋଲି ଚାଷୀ ଅଭିଯୋଗ କରିଛନ୍ତି । ଯାହାକୁ ନେଇ ଚାଷୀ ଙ୍କ କଥା କୁ ସମର୍ଥନ କରିଛନ୍ତି ଜିଲ୍ଲା ପରିଷଦ ସଭ୍ୟ ଧରଣୀଧର ସାହୁ । ଚଳିତ ବର୍ଷ ପିପିଲି ବ୍ଲକରେ ୧୦ ହଜାର ହେକ୍ଟର ଜମିରେ ଖରିଫ ଧାନ ଚାଷ କରାଯାଇଛି । ଚାଷୀ ମାନଙ୍କ ମଧ୍ୟରୁ ଯିଏ ଯେଉଁଠାରୁ ପାଇଲା ବସ୍ତା ପ୍ରତି ତିନିଶହ ରୁ ସାତଶହ ଟଙ୍କା ପର୍ଯ୍ୟନ୍ତ ଦେଇ ୟୁରିଆ। ସାର ସଂଗ୍ରହ କରିଥିବାବେଳେ ଅଧିକାଂଶ ଚାଷୀ ସାର ବିହୁନେ ଚିନ୍ତାରେ ଅଛନ୍ତି ପୋଡ଼ଙ୍ଗ ଗ୍ରାମର ଚାଷୀ ଟୁଲୁ ଗୁରୁ , ନୂଆଗୋଡ଼ିଗ୍ରାମର ଅଜୟ ପ୍ରଧାନ, ବାବନ ପ୍ରଧାନ, ଲକ୍ଷ୍ମଣ ବେହେରା , ଅଭିଯୋଗ କରି ଆମେ ବ୍ୟାଗ ରେ ଆଧାର କାର୍ଡ ସାଇକେଲ ପଛରେ ଅଖା ଧରି ପିପିଲିରୁ ସାତଶଂଖ ପର୍ଯ୍ୟନ୍ତ ବୁଲିଲେ ସୁଧା ସାର ଦୋକାନରେ ୟୁରିଆ। ସାର ମିଳୁନଥିବା କହିଛନ୍ତି । ପୂର୍ବରୁ ଏମିତି କେବେ ୟୁରିଆ। ସାର ଅଭାବୀ ଦେଖିବାକୁ ମିଳିନଥିବା କହିଛନ୍ତି । ବର୍ତ୍ତମାନ ସରକାର ଚାଷୀ ଙ୍କ ସମସ୍ୟା କୁ ଗୁରୁତ୍ୱ ଦେବା ଆବଶ୍ୟକ ବୋଲି କହିଛନ୍ତି । ଚାଷୀ ଙ୍କ ପାଇଁ ତୁରନ୍ତ ପର୍ଯ୍ୟାପ୍ତ ପରିମାଣର ସାର ଯୋଗାଇ ନଦେଲେ ଆଗାମୀ ଦିନରେ ପିପିଲି ରେ ଏକ ବଡ଼ କୃଷକ ଆନ୍ଦୋଳନ ମୁଣ୍ଡ ଟେକିବ ବୋଲି କହିଛନ୍ତି ଜିଲ୍ଲା ପରିଷଦ ସଭ୍ୟ ଶ୍ରୀ ସାହୁ ।

# ବିଜେପି ନେତା ସଲିମ ଖାନ୍‌ଙ୍କ ମାତୃ ବିୟୋଗରେ ଶୋକସନ୍ତପ୍ତ ପରିବାରକୁ ସମବେଦନା ଜ୍ଞାପନ କଲେ କେନ୍ଦ୍ରାପଡ଼ା ସାଂସଦ

କେନ୍ଦ୍ରାପଡ଼ା,୧।୯:(ମନ୍ଥନ)ବିଜେପି ସଂଖ୍ୟାଲଘୁ ନେତା ସଲିମ ଖାନ୍‌ଙ୍କ ମାତୃ ବିୟୋଗ ଘଟିଥିବାରୁ ଶୋକ ସନ୍ତପ୍ତ ପରିବାରବର୍ଗଙ୍କୁ ସମବେଦନା ଜଣାଇବାକୁ କେନ୍ଦ୍ରାପଡା ଲୋକସଭା ସାଂସଦ ବୈଜୟନ୍ତ ପଣ୍ଡା ଫକିରାବାଦ ସ୍ଥିତ ସଲିମ ଖାନ୍‌ଙ୍କ ବାସ ଭବନରେ ଆସି ପହଞ୍ଚିଥିଲେ। ସାଂସଦ ଶ୍ରୀ ପଣ୍ଡା ଶୋକ ସନ୍ତପ୍ତ ପରିବାରର ସଦସ୍ୟମାନଙ୍କୁ ଭେଟି ଏହି ବିପଦ ସମୟରେ ସମସ୍ତ ସାହାଯ୍ୟ ସହଯୋଗ ଯୋଗାଇଦେବେ ବୋଲି ପ୍ରତିଶ୍ରୁତି ଦେଇଥିଲେ। ଶ୍ରୀ ପଣ୍ଡା କହିଥିଲେ ଯେ ସ୍ୱର୍ଗତା ସୁରମନ ବିବି ଜଣେ ସମାଜସେବୀ ଥିଲେ। ସେ ତାଙ୍କ ଜୀବନରେ ଅନେକ ସାମାଜିକ କାର୍ଯ୍ୟ କରିଯାଇଥିବାରୁ ତାଙ୍କ ଅବଦାନ ସମଗ୍ର କେନ୍ଦ୍ରାପଡ଼ା ସହରର ଲୋକଙ୍କ



ପାଇଁ ସ୍ମରଣୀୟ ହୋଇ ରହିବେ। ଏଭଳି ଜଣେ ମହିୟସୀ ମହିଳାଙ୍କୁ ଶ୍ରଦ୍ଧାଞ୍ଜଳି ଅର୍ପଣ କରି ସେ ମର୍ମାହତ ବୋଲି ସାଂସଦ କହିଥିଲେ। ଏହି ଅବସରରେ ସାଂସଦ ଶ୍ରୀ ପଣ୍ଡାଙ୍କ ସହ ମହାକାଳପଡ଼ା ବିଧାୟକ ଡ. ଦୁର୍ଗାପ୍ରସନ୍ନ ନାୟକ, ବିଜେପି ଜିଲା ସଭାପତି ଶଶାଙ୍କ ଶେଖର ସେଠୀ, ସଞ୍ଜୟ ରଥଙ୍କ ସମେତ ଅନ୍ୟ ଦଳୀୟ ନେତାମାନେ ଉପସ୍ଥିତ ଥିଲେ।

# ଜାତୀୟ କ୍ରୀଡା ଦିବସ ଅବସରରେ ସାଇକେଲ ଶୋଭାଯାତ୍ରା ଅନୁଷ୍ଠିତ

କେନ୍ଦ୍ରାପଡ଼ା, ୧।୯:(ମନ୍ଥନ)ହକି ଯାଦୁଗର ଧ୍ୟାନଚାନ୍ଦଙ୍କ ଜୟନ୍ତୀ ତଥା ଜାତୀୟ କ୍ରୀଡା ଦିବସ ଅବସରରେ ରବିବାର ଜିଲ୍ଲା ପ୍ରଶାସନ(କ୍ରୀଡା ବିଭାଗ) ପକ୍ଷରୁ ସାଇକେଲ ସଚେତନତା ଶୋଭାଯାତ୍ରା ଅନୁଷ୍ଠିତ ହୋଇଯାଇଛି। ସ୍ଥାନୀୟ ନୁଆ ବସଷ୍ଟାଣ୍ଡରୁ ଏହି ସାଇକେଲ ଶୋଭାଯାତ୍ରା ବାହାରି କେନ୍ଦ୍ରାପଡ଼ା ସ୍ୱୟଂଶାସିତ ମହାବିଦ୍ୟାଳୟ ପରିସରରେ ସମାପ୍ତ ହୋଇଥିଲା । ଜିଲ୍ଲାପାଳ ରଘୁରାମ ଆର. ଆୟାର ମୁଖ୍ୟଅତିଥି ଭାବେ ଯୋଗଦେଇ ପତାକା ଦେଖାଇ ସାଇକେଲ ସଚେତନତା ଶୋଭାଯାତ୍ରାର ଶୁଭାରମ୍ଭ କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ଅତିରିକ୍ତ ଜିଲ୍ଲାପାଳ(ରାଜସ୍ୱ )ରବୀନ୍ଦ୍ର କୁମାର ମଲ୍ଲିକ୍, କ୍ରୀଡା ଅଧିକାରୀ ଲୋକନାଥ ପାଣିଗ୍ରାହୀ, ଜିଲ୍ଲା ସୂଚନା ଓ ଲୋକ ସମ୍ପର୍କ ଅଧିକାରୀ ଫକୀର ମୋହନ ମାଝୀ, ଜିଲ୍ଲା କ୍ରୀଡା ସଂସଦ ସମ୍ପାଦକ ସୟଦ ଅକମଲ ଅଲ୍ଲୀ ପ୍ରମୁଖ ଉପସ୍ଥିତ ଥିଲେ। ରାଲିରେ ବିଭିନ୍ନ ବିଦ୍ୟାଳୟର ଛାତ୍ରଛାତ୍ରୀ, ୟୁଥ ଆଥଲେଟିକ ଏକାଡେମୀର କ୍ରୀଡ଼ାବିତଙ୍କ ସମେତ ପ୍ରାୟ ୨ ଶହ ଛାତ୍ରଛାତ୍ରୀ ସାମିଲ ଥିଲେ। ରାଲିରେ ନିଜେ ଜିଲ୍ଲାପାଳ ସାଇକେଲ ଚଳାଇ କଲେଜ ପର୍ଯ୍ୟନ୍ତ ଯାଇଥିଲେ। ଯାହାକି ଅନ୍ୟମାନଙ୍କ ପାଇଁ ଉଦାହରଣ ସୃଷ୍ଟି କରିଥିଲା। ସାଇକେଲ ଚଳାଇବା ଦ୍ୱାରା ନିଜ ଶରୀର ଫିଟ ରହିବା ସହିତ ମାନସିକ ସ୍ଥିତି ଭଲ ରହିଥାଏ। ସେଥିପାଇଁ ସମସ୍ତେ ସାଇକେଲ ଚଳାଇବା ଉଚିତ। ଏହା ଛଡା ସାଂସଦ ଖେଳ ମହୋତ୍ସବ ପାଇଁ ପଞ୍ଜିକରଣ ପ୍ରକ୍ରିୟା ଜାରି ରହିଥିବାରୁ, ସମସ୍ତେ ଏହି ମହୋତ୍ସବରେ ଅଧିକ ମାତ୍ରାରେ ସାମିଲ ହୋଇ ପଞ୍ଜିକରଣ କରିବାପାଇଁ ଜିଲ୍ଲାପାଳ ଶ୍ରୀ ଆୟାର ଅନୁରୋଧ କରିଛନ୍ତି।

# କୋଣାର୍କ ଏନଏସିରେ ସ୍ୱାୟତ୍ତ ଶାସନ ଦିବସ ପାଳିତ

କୋଣାର୍କ, ୧।୯:(ମନ୍ଥନ)ସାରା ଦେଶରେ ନିଖିଳ ଭାରତ ସ୍ୱାୟତ୍ତ ଶାସନ ଦିବସ ପାଳିତ ହୋଇ ଯାଇଅଛି। ଏହି ଅବସରରେ କୋଣାର୍କ ଏନଏସି ପକ୍ଷରୁ ସ୍ୱାୟତ୍ତ ଶାସନ ଦିବସ ଅବସରରରେ ପ୍ରାତଃରୁ ପ୍ରଭାତ ଫେରି ଓ ରାମଧୁନ ସହ କାର୍ଯ୍ୟକ୍ରମ ଆରମ୍ଭ ହୋଇଥିଲା । ମୁଖ୍ୟଅତିଥି ଭାବେ ସାଂସଦ ଡଃ ବିଭୁ ପ୍ରସାଦ ତରାଇ, ବିଧାୟକ ତୁଷାରକାନ୍ତି ବେହେରା ଯୋଗଦେଇ ଜାତୀୟ ପତାକା ଉତ୍ତୋଳନ ସହ ଅନୁଷ୍ଠିତ ସାଧାରଣ ସଭାରେ ଯୋଗ ଦେଇଥିଲେୟସାଂସଦ ଶ୍ରୀଯୁକ୍ତ ତରାଇ, ବିଧାୟକ ଶ୍ରୀଯୁକ୍ତ ବେହେରାଙ୍କ ସମେତ କାର୍ଯ୍ୟ ନିର୍ବାହୀ ଅଧିକାରୀ ପ୍ରଣବ କୁମାର ଚନ୍ଦ, ଅଧକ୍ଷା ସୁଶ୍ରୀ ସଂଯୁକ୍ତା ତ୍ରିପାଠୀ, ଉପାଧକ୍ଷ ସୁରେଶ୍ ଚନ୍ଦ୍ର ରାଉତରାୟ ଓ ସମସ୍ତ କାଉନସିଲର ମାନେ ଯୋଗ ଦେଇଥିଲେ। କାର୍ଯ୍ୟନିର୍ବାହୀ ଅଧିକାରୀ ବିଗତ ବର୍ଷର ବାର୍ଷିକ ବିବରଣୀ ପ୍ରଦାନ କରିଥିଲେ ।ଏହି ଅବସରରେ ଚତୁର୍ଥଶ୍ରେଣୀ ସ୍ୱଚ୍ଛ କର୍ମଚାରୀ ମାନଙ୍କୁ ପୋଷାକ ବଣ୍ଟନ,



ରୋଗୀ ଓ ଅସହାୟଙ୍କୁ ଫଳ ବଣ୍ଟନ ସହ ଏନଏସି ପରିସରରେ ବୃକ୍ଷ ରୋପଣ କରାଯାଇଥିଲା । ଅତିଥି ମାନଙ୍କ ଦ୍ୱାରା ପ୍ରସ୍ତାବିତ ନୂତନ କଲ୍ୟାଣ ମଣ୍ଡପ ଭିତ୍ତିପ୍ରସ୍ତର ସ୍ଥାପନ କରାଯାଇଥିଲା । ଏହି ଅବସରରେ କାଉନସିଲର ମମତା ଦାସ, ରିନା ବିଶ୍ୱାଳ, ସମୟ ରଞ୍ଜନ ସାହୁ, ନିହାର ରଞ୍ଜନ ବେଉରା, ବିଶ୍ୱମ୍ଭର ବିଶ୍ୱାଳ, କୃଷ୍ଣପ୍ରୀୟା ନାୟକ, ଦିଲୀପ ଦାସ, ସୌମ୍ୟ ସୌରଭ ଦାଶ, ସ୍ୱପ୍ନା ଗୋଛାୟତ, ସ୍ୱର୍ଣ୍ଣଲତା ଦାସ, ସୌଦାମିନୀ ମଲ୍ଲିକ ଓ ସୁଭସ୍ମିତା ପାତ୍ରଙ୍କ ସମେତ ସମସ୍ତ ସ୍ୱଚ୍ଛ ସାଥି, ଜଳ ସାଥି ଓ କର୍ମଚାରୀ ମାନେ ଉପସ୍ଥିତ ଥିଲେ । ଏନଏସି ଯନ୍ତ୍ରୀ ଅର୍ଜ୍ଜୁନ ସାମଲ, କର୍ମଚାରୀ ପ୍ରଶାନ୍ତ ବଡ଼ପଣ୍ଡା, ଶୁଭଲକ୍ଷ୍ମି ହୋତା, ସିକ୍ତା ନାୟକ, ରଶ୍ମିତା ସାହୁ, ସଂଗ୍ରାମ ନାୟକ,ଭାଗିରଥି ବରାଳ, ଧର୍ମପଦ ପରିଡ଼ା, ଅଭିଷେକ ସ୍ୱାଇଁଙ୍କ ସମେତ ସମସ୍ତ କର୍ମଚାରୀ କାର୍ଯ୍ୟକ୍ରମକୁ ସୁଚାରୁ ରୂପେ ପରିଚାଳନା କରିଥିଲେ । ଶିକ୍ଷାବିତ ରାମକୃଷ୍ଣ ମହାନ୍ତି ସଭା ସଂଯୋଜନା କରିଥିଲେ ।

# ବିଜେପିର ମିଶ୍ରଣ ପର୍ବ ଓ ମନ୍ କି ବାତ୍ କାର୍ଯ୍ୟକ୍ରମ


ତିର୍ତ୍ତୋଲ, ୧।୯:(ମନ୍ଥନ)ଆଗକୁ ଆସୁଛି ପଞ୍ଚାୟତ ନିର୍ବାଚନ ଯାହାକୁ ଆଖି ଆଗରେ ରଖି ତିର୍ତ୍ତୋଲ ବିଜେପି ପକ୍ଷରୁ ସଂଗଠନ ମଜଭୁତ କରିବା ପାଇଁ ଅଣ୍ଟା ଭିଡ଼ିଲେଣି ପଞ୍ଚାୟତ ସ୍ତରୀୟ ଦଳୀୟ କର୍ମକର୍ତ୍ତା । ଜଗତସିଂହପୁର ଜିଲ୍ଲା ତିର୍ତ୍ତୋଲ ବ୍ଲକ ଅନ୍ତର୍ଗତ ଜଗନ୍ନାଥପୁର ମଣ୍ଡଳ ତୁଳଙ୍ଗ ପଞ୍ଚାୟତ ର ଶ୍ରୀରାମପୁର ପଞ୍ଚମୁଖୀ ହନୁମାନ ପ୍ରାଙ୍ଗଣରେ ଆଗାମୀ ପଞ୍ଚାୟତ ନିର୍ବାଚନ କୁ ଆଖି ଆଗରେ ରଖି ପ୍ରଧାନମନ୍ତ୍ରୀ ଙ୍କ ମନ୍ କି ବାତ କାର୍ଯ୍ୟକ୍ରମ ଓ ମନ୍ଦିର ପରିସର ସଫେଇ ସହିତ ମିଶ୍ରଣ ପର୍ବ ଅନୁଷ୍ଠିତ ହୋଇଯାଇଅଛି। ଏହି ସଭାରେ ଭାରତୀୟ ଜନତା ପାର୍ଟୀ କୃଷକ ମୋର୍ଚ୍ଚା ରାଜ୍ୟ ସଂଯୋଜିକା ଜୟଲକ୍ଷ୍ମୀ ମହାନ୍ତି ଓ ଜିଲ୍ଲା କୃଷକ ମୋର୍ଚ୍ଚା ସଭାପତି ତପନ କୁମାର ବେହେରା ଙ୍କ ସମେତ ଏକାଧିକ ଦଳୀୟ ପଦାଧିକାରୀ



ଯୋଗଦେଇଥିଲେ । ଜଗନ୍ନାଥପୁର ମଣ୍ଡଳ ସଂଗଠକ ପ୍ରଶାନ୍ତ କୁମାର ପଣ୍ଡା ଓ ପ୍ରତିମା ମହାନ୍ତି ଙ୍କ ଦ୍ୱାରା ଏହି କାର୍ଯ୍ୟକ୍ରମ ଆୟୋଜନ କରାଯାଇଥିଲା । ଭାରତୀୟ ଜନତା ପାର୍ଟି ର ନୀତି ଆଦର୍ଶ ଓ ବିଭିନ୍ନ ଜନମଙ୍ଗଳ କାରୀ କାର୍ଯ୍ୟକୁ ସମସ୍ତଙ୍କ ପାଖରେ ପହଞ୍ଚାଇବା ସହିତ ଏକ ହୋଇ ଆସନ୍ତା ପଞ୍ଚାୟତ ନିର୍ବାଚନରେ ଭାରତୀୟ ସମର୍ଥୀତ କର୍ମୀକୁ ଜିତେଇ ବାକୁ ପଡିବ ବୋଲି ବିଜେପି କର୍ମକର୍ତ୍ତା କହିଛନ୍ତି। ରାଜ୍ୟରେ ଡବଲ ଇଂଜିନ ସରକାର ଚାଲୁଥିବା ବେଳେ ପଞ୍ଚାୟତରେ ବିଜେପି ସମର୍ଥିତ ପ୍ରାର୍ଥୀଙ୍କୁ ଜିତେଇ ତ୍ରିପଲ ଇଞ୍ଜିନ ସରକାର ଚାଲିପାରିବ ବୋଲି ମଞ୍ଚାସିନ ଅତିଥି ମାନେ ନିଜର ମତ ରଖିଥିଲେ । ଶେଷରେ ଏକାଧିକ ମହିଳା ପୁରୁଷ ମାନେ ଆନୁଷ୍ଠାନିକ ଭାବେ ଭାରତୀୟ ଜନତା ପାର୍ଟୀ ରେ ଯୋଗ ଦେଇଥିଲେ ।ଏହି କାର୍ଯ୍ୟକ୍ରମ ରେ ଆର୍ ଏସ୍ ର କାର୍ଯ୍ୟକର୍ତ୍ତା ପ୍ରଦିପ୍ତ କୁମାର ଲେଙ୍କା ସଭା ପରିଚାଳନା କରିଥିବାବେଳ ଏଥିରେ ସଂଖ୍ୟାଲଘୁ ମୋର୍ଚ୍ଚ ର ଜିଲ୍ଲା ସଭାପତି ରଜିଅ। ରସୁଲ,ତୁଳଙ୍ଗ ପଞ୍ଚାୟତ ପ୍ରମୁଖ ଅଜୟ ଖଣ୍ଡୁଆଳ,କଟାରା ପଞ୍ଚାୟତ ସେସଦେବ ମଲ୍ଲ,ଗରାମ ପଞ୍ଚାୟତ ପ୍ରମୁଖ କୈଳାସ ଜେନା, ଇବ୍ରିସଂ ପଞ୍ଚାୟତ ପ୍ରମୁଖ ଦିବ୍ୟଜ୍ୟୋତି କାନୁନଗୋ,ରମାକାନ୍ତ ସାହୁ,ନିଳିପ୍ତ ଜେନା,ସୁସିଲ ସାହୁ,ତପସ ମହାନ୍ତି,ତନ୍ମୟ ତ୍ରିପାଠୀ ପ୍ରମୁଖ ଉପସ୍ଥିତ ଥିଲେ ।ଏଥିରେ ଶତାଧିକ କର୍ମୀମାନେ ଉପସ୍ଥିତ ଥିଲେ ।

# ବ୍ରହ୍ମପୁରରେ ୩ୟ ଏଜିଲିଟି ଶିଶୁ ଚିକିତ୍ସା କେନ୍ଦ୍ରର ଶୁଭ ଉଦଘାଟନ କଲେ ବିଧାୟକ

ବ୍ରହ୍ମପୁର,୧।୯:(ମନ୍ଥନ) ସ୍ଥାନୀୟ ଗାନ୍ଧୀ ନଗର ପ୍ରଥମ ଲେନରେ ରବିବାର ଅପରାହ୍ନରେ ଏଜିଲିଟି ୩.୦ ନାମକ ଏକ ବହୁବିଧ ଶିଶୁ ଚିକିତ୍ସା କେନ୍ଦ୍ରର ଶୁଭ ଉଦଘାଟନ ହୋଇଛି । ଏଥିରେ ମୁଖ୍ୟ ଅତିଥି ରୂପେ ବ୍ରହ୍ମପୁର ମାନ୍ୟବର ବିଧାୟକ, ଶ୍ରୀ କେ ଅନିଲ କୁମାର ଯୋଗଦାନ କରିଥିବା ବେଳେ, ସମ୍ମାନିତ ଅତିଥି ରୂପେ ଡକ୍ଟର ଅନୁରୂପା ସେନାପତି, ପ୍ରଫେସର ଡକ୍ଟର ରବି ଶତପଥୀ, ବରିଷ୍ଠ ଶିଶୁ ରୋଗ ବିଶେଷଜ୍ଞ ଶ୍ରୀମତୀ ଜାମୁଲା ଜୟଲକ୍ଷ୍ମୀ ଏବଂ ନିର୍ଦ୍ଦେଶିକା ଡକ୍ଟର ଶ୍ରୁତି ଜାମ୍ମୁଲା ଏବଂ ଏଣ୍ଡୋକ୍ରାଇନୋଲୋଜିଷ୍ଟ ଡକ୍ଟର ସୁଜିଲ କୁମାର କୋଟା ପ୍ରମୁଖ ଯୋଗ ଦେଇ ଏହି ନୂତନ ପ୍ରତିଷ୍ଠାନକୁ ଶୁଭ ଉଦଘାଟନ କରିଥିଲେ । ପ୍ରତିଷ୍ଠାନର ମୁଖ୍ୟ ଡକ୍ଟର ପ୍ରିତି ସ୍ନିଗ୍ଧା ସେନାପତି ଏବଂ ଡକ୍ଟର ପ୍ରବୀର କୁମାର ସେନାପତିଙ୍କ ଦ୍ୱାରା ପ୍ରତିଷ୍ଠିତ ଏହି କେନ୍ଦ୍ର ୩ୟ କେନ୍ଦ୍ର ହୋଇଥିବା ବେଳେ, ପୂର୍ବରୁ ଭୁବନେଶ୍ୱର ଓ କଟକ ଜିଲ୍ଲାରେ ଥିବା କେନ୍ଦ୍ର ଗତ ୧୧ ବର୍ଷ ଧରି ସୁପରିଚାଳିତ ହେଉଥିବା ଡ଼ା ପ୍ରିତି ସ୍ନିଗ୍ଧା କହିଛନ୍ତି । ସେହିପରି ଜଣେ ବୃତ୍ତିଗତ ଚିକିତ୍ସା ବିଶେଷଜ୍ଞ ଦମ୍ପତି, ଯାହାଙ୍କର ୧୩ ବର୍ଷର ଅଭିଜ୍ଞତା ରହିଥିବା ସହ ଯାହାଙ୍କ ତତ୍ତ୍ୱାବଧାନରେ ପୂର୍ବରୁ ୨ଟି ଉତ୍କର୍ଷ କେନ୍ଦ୍ର କାର୍ଯ୍ୟ କରିଆସୁଛି ବୋଲି କହିଛନ୍ତି। ଅନ୍ୟ



ପକ୍ଷରେ ଡ଼ା ପ୍ରବୀର କହିଛନ୍ତି ଯେ, ଏହି କେନ୍ଦ୍ରରେ ବିଶେଷ ଆବଶ୍ୟକତା ଥିବା ପିଲାମାନଙ୍କୁ ସେନ୍ସରୀ ଇଣ୍ଟିଗ୍ରେସନ, ଆଚରଣ ଚିକିତ୍ସା, ସ୍ପିଚ୍ ଥେରାପି, ସ୍ୱତନ୍ତ୍ର ଶିକ୍ଷା, ଦୈନିକ ଜୀବନଯାପନ କାର୍ଯ୍ୟକଳାପ ତାଲିମ ଇତ୍ୟାଦି ସେବା ପ୍ରଦାନ କରାଯିବ ବୋଲି ସୂଚନା ଦେଇଛନ୍ତି । ଏହି ଅବସରରେ ବିଧାୟକ ଶ୍ରୀ କେ ଅନିଲ କୁମାର ଦକ୍ଷିଣ ଓଡ଼ିଶାର ଲୋକଙ୍କ ପାଇଁ ଏପରି ଉତ୍କର୍ଷ କେନ୍ଦ୍ର ପ୍ରଦାନ କରିଥିବା ପାଇଁ ସେ ପ୍ରତିଷ୍ଠାତା ଡ଼ା ପ୍ରିତି ଏବଂ ଡ଼ା ପ୍ରବୀରଙ୍କୁ ଶୁଭେଚ୍ଛା ଜଣାଇଥିଲେ । ସେହିପରି ଡକ୍ଟର କୋଟା ମତ ଦେଇଥିଲେ ଯେ, ସମୟୋଚିତ ଏବଂ ବହୁମୁଖୀ ହସ୍ତକ୍ଷେପ ଦ୍ୱାରା ବିଶେଷ ଆବଶ୍ୟକତା ଥିବା ପିଲା ମାନଙ୍କୁ ଧୀରେ ଧୀରେ ସାମାଜିକ ମୁଖ୍ୟ ଧାରାରେ ସାମିଲ କରାଯିବ ବୋଲି କହିଥିବା ବେଳେ, ଶ୍ରୀମତୀ ଜୟଲକ୍ଷ୍ମୀ ଏବଂ ଡକ୍ଟର ଶୃତି ଦକ୍ଷିଣ ଓଡ଼ିଶାର ଲୋକମାନଙ୍କୁ ଏହି ମହାନ କାର୍ଯ୍ୟ ମାଧ୍ୟମରେ ଚିନ୍ତା କରିବା ପାଇଁ ପ୍ରତିଷ୍ଠାତା ମାନଙ୍କୁ ଅଭିନନ୍ଦନ ଓ ଶୁଭକାମନା ଜଣାଇ ଥିଲେ । ଏହି ଶୁଭାରମ୍ଭ କାର୍ଯ୍ୟକ୍ରମରେ ବିଭିନ୍ନ କ୍ଷେତ୍ରର ବହୁ ସମ୍ମାନିତ ବ୍ୟକ୍ତି ବିଶେଷ ମାନଙ୍କ ମଧ୍ୟରେ ସ୍ୱାସ୍ଥ୍ୟସେବା ବୃତ୍ତିଗତ, ବୃତ୍ତିଗତ ଚିକିତ୍ସକ ଏବଂ ଶୁଭେଚ୍ଛୁଙ୍କ ସମେତ ବଡ଼ ମେଡିକାଲ କଲେଜର ଛାତି ବିଭାଗ ମୁଖ୍ୟା ଡାକ୍ତର ପ୍ରିୟଙ୍କା ଦାସ, ବରିଷ୍ଠ ଶିଶୁ ରୋଗ ବିଶେଷଜ୍ଞ ଡାକ୍ତର ଶ୍ରୀଧର ମୂର୍ତ୍ତି, ବ୍ରହ୍ମପୁର ସିଟି ହସ୍ପିଟାଲର ବରିଷ୍ଠ ଶିଶୁ ରୋଗ ବିଶେଷଜ୍ଞ ଡାକ୍ତର ଅଲେଖ ପ୍ରଧାନ, ଡିପିଏସ ସ୍କୁଲ ଅଧ୍ୟକ୍ଷ ଶ୍ରୀ ବୈକୁଣ୍ଠ ନାଥ ପଟନାୟକ ପ୍ରମୁଖ ଯୋଗ ଦେଇଥିଲେ ।

# କେନ୍ଦ୍ରାପଡା ପୌରପାଳିକା ପକ୍ଷରୁ ସ୍ୱାୟତ୍ତ ଶାସନ ଦିବସ ପାଳିତ

କେନ୍ଦ୍ରାପଡ଼ା,୧।୯:(ମନ୍ଥନ)କେନ୍ଦ୍ରାପଡ଼ା ପୌରପାଳିକା ପକ୍ଷରୁ ନିଖିଳ ଭାରତ ସ୍ୱାୟତ୍ତ ଶାସନ ଦିବସ ପାଳିତ ହୋଇଯାଇଛି। ସ୍ଥାନୀୟ ପୌରପାଳିକା ଟାଉନ ହଲରେ ଆୟୋଜିତ ସାଧାରଣ ସଭାରେ ମୁଖ୍ୟଅତିଥି ଭାବେ କେନ୍ଦ୍ରାପଡ଼ା ବିଧାୟକ ଗଣେଶ୍ୱର ବେହେରା ଯୋଗଦେଇଥିଲେ। ବିଧାୟକ ତାଙ୍କ ବକ୍ତବ୍ୟରେ କହିଥିଲେ ଯେ,ରାଜ୍ୟର ସର୍ବପୁରାତନ ପୌର ପରିଷଦ କେନ୍ଦ୍ରାପଡ଼ାକୁ ଗୋଟିଏ ଆଦର୍ଶ ପୌରପାଳିକା ଭାବେ ଗଠନ କରିବାକୁ ହେଲେ ସମସ୍ତଙ୍କ ସହଯୋଗ ଅତ୍ୟନ୍ତ ଜରୁରୀ ବୋଲି କହିଛନ୍ତି। ପୌରପାଳିକା ଅଧକ୍ଷା ସରିତା ସାହୁଙ୍କ ଅଧକ୍ଷତାରେ ଅନୁଷ୍ଠିତ ବୈଠକରେ ସମ୍ମାନିତ ଅତିଥି ଭାବେ ଜିଲ୍ଲା ପରିଷଦ ସଭାପତି ଲିଲିତା ଦାସ, ପୌରପାଳିକା ଉପାଧକ୍ଷା ଆକବରୀ ଖାତୁନ, ପୌରପାଳିକା ନିର୍ବାହୀ ଅଧିକାରୀ ଅଜିତ ପ୍ରସାଦ ନାରାୟଣ ଗିରିଙ୍କ ସମେତ ସମସ୍ତ କାଉନସିଲର ମାନେ ଉପସ୍ଥିତ ଥିଲେ। ସ୍ୱାୟତ୍ତ ଶାସନର ଜନକ ଲର୍ଡ଼ ରିପନଙ୍କ ଦୂରଦୃଷ୍ଟି ଏବଂ ତୃଣମୂଳ ସ୍ତରରେ କ୍ଷମତା ବିକେନ୍ଦ୍ରୀକରଣର ଆଧାର ହେଉଛି ସ୍ୱାୟତ୍ତ ଶାସନ ବ୍ୟବସ୍ଥା ବୋଲି ଅତିଥି ମାନେ ମତବ୍ୟକ୍ତ କରିଥିଲେ। ଶ୍ରୀବଳଦେବଜୀଉ ମନ୍ଦିର ଉନ୍ନତି, ଗୋପବନ୍ଧୁ ପାଠାଗାରା ପ୍ରତିଷ୍ଠା, ବିଜୁ ପାର୍କ ପରି ଉନ୍ନତିମୂଳକ କାର୍ଯ୍ୟପାଇଁ ବିଧାୟକ ପୌରାଧକ୍ଷା, ନିର୍ବାହୀ ଅଧିକାରୀ ଏବଂ କାଉନସିଲର ମାନଙ୍କୁ ଧନ୍ୟବାଦ ଦେବା ସହ ରାଜ୍ୟ ସରକାରଙ୍କ ପକ୍ଷରୁ ୨୦୨୫-୨୬ ଆର୍ଥିକ ବର୍ଷରେ ପ୍ରଦାନ କରାଯାଇଥିବା ଆର୍ଥିକ ଅନୁଦାନକୁ ସୁବିନିଯୋଗ କରିବା ନିମନ୍ତେ ପରାମର୍ଶ ଦେଇଥିଲେ। ଡ୍ରେନଜ ସମସ୍ୟାର ସମାଧାନ ଓ ପୌରପାଳିକା ଜନସାଧାରଣଙ୍କୁ ମୂଲ୍ୟବୋଧଭିତ୍ତିକ ସେବା ପ୍ରଦାନ କରିବାକୁ ଜିଲ୍ଲା ପରିଷଦ ସଭାପତି ବକ୍ତବ୍ୟରେ କହିଥିଲେ। ପୌରନିର୍ବାହୀ ଅଧିକାରୀ ଶ୍ରୀ ଗିରି ବାର୍ଷିକ ବିବରଣୀ ପାଠକରି ପ୍ରକାଶ କରିଥିଲେ ଯେ ନୂତନ ପୌର କାର୍ଯ୍ୟାଳୟ ପାଇଁ ମଞ୍ଜୁର ହୋଇଥିବା ୭କୋଟି ୯୬ଲକ୍ଷ ଟଙ୍କାରେ ଖୁବ ଶୀଘ୍ର ଗୃହ ନିର୍ମାଣ କାର୍ଯ୍ୟ ସଂପୂର୍ଣ୍ଣ କରାଯିବ। ଏହାବ୍ୟତିତ ମୁଖ୍ୟମନ୍ତ୍ରୀ ସ୍ୱତନ୍ତ୍ର ସହାୟତା ଯୋଜନାରେ ୬୫ଲକ୍ଷ ଟଙ୍କା ବ୍ୟୟଅଟ୍ଟକଳରେ ଗୋପବନ୍ଧୁ ପାଠାଗାରାର ଉପର ମହଲା ଉନ୍ନତି କରଣ କରାଯିବ, ଏକ କୋଟି ଟଙ୍କାରେ ମାର୍କେଟ କମ୍ପ୍ଲେକ୍ସ ନିର୍ମାଣ, ୫୦ଲକ୍ଷ ଟଙ୍କାରେ ପୁରୁଣା ମାର୍କେଟ କମ୍ପ୍ଲେକ୍ସ ମରାମତି, ୨କୋଟି ଟଙ୍କାରେ କଲ୍ୟାଣ ମଣ୍ଡପ ନବୀକରଣ, ଏକକୋଟି ଟଙ୍କାରେ ତିନିମୁହାଣି ଠାରୁ ଇଛାପୁର ମୁଖ୍ୟ ରାସ୍ତା ଉନ୍ନତିକରଣ, ୩କୋଟି ଟଙ୍କାରେ ଖୋଲାସ୍ଥାନର ଉନ୍ନତି କରଣ, ୨କୋଟି ଟଙ୍କାରେ ଜଳାଶୟର ଉନ୍ନତି କରଣ, ଏକ କୋଟି ଟଙ୍କାରେ ଶ୍ମଶାନ ଗୁଡିକର ଉନ୍ନତି କରଣ,୫୫ଲକ୍ଷ ଟଙ୍କାରେ ଗୋଶାଳା ନିର୍ମାଣ ପ୍ରଭୃତି କାର୍ଯ୍ୟ କରାଯିବାକୁ ନଗର ଉନ୍ନୟନ ବିଭାଗ ଅର୍ଥ ମଞ୍ଜୁର କରିଛନ୍ତି।



## ବିଭିନ୍ନ ଉନ୍ନତିମୂଳକ କାର୍ଯ୍ୟର ସମୀକ୍ଷା କଲେ ବିଧାୟକ

ମାହାଙ୍ଗା,୧।୯:(ମନ୍ଥନ)ମାହାଙ୍ଗା ବିଧାୟକ ଶାରଦା ପ୍ରସାଦ ପ୍ରଧାନ ମାହାଙ୍ଗା ପଂଚାୟତର ବିଭିନ୍ନ ଉନ୍ନତିମୂଳକ କାର୍ଯ୍ୟର ସମୀକ୍ଷା କରିବା ସହ ଜନସାଧାରଣଙ୍କ ବିଭିନ୍ନ ଅଭିଯୋଗକୁ ଶୁଣିଥିଲେ। ଏହାର ତୁରନ୍ତ ସମାଧାନ ପାଇଁ ପଦକ୍ଷେପ ଗ୍ରହଣ କରିବେ ବୋଲି ସୂଚନା ଦେଇଥିଲେ। ଏହି ଅବସରରେ ବିଧାୟକ ଶାରଦା ପ୍ରଧାନ ମାହାଙ୍ଗା ପଂଚାୟତର ଗୌଡପଡା ଗ୍ରାମର ବିଭିନ୍ନ ସମସ୍ୟା ବୁଲି ଦେଖିଥିଲେ। ତାଙ୍କ ସହିତ ନାରୀନେତ୍ରୀ ଜାଜ୍ଞସେନୀ ଜେନା, ଗୌତମ ଲାଲ, ସାମ୍ବାଦିକ ରବିନାରାୟଣ ଦାସ, ବିଶ୍ୱନାଥ ଜେନା, ଭବାନୀଶଙ୍କର ସାହୁ,



ପ୍ରିୟବ୍ରତ ସାହୁ, କାର୍ତ୍ତିକ ସାମଲ, ଦୁଃଶାସନ ବେହେରା ସହ ଗାଁର ସମସ୍ତ ବୁଦ୍ଧିଜୀବି ଉପସ୍ଥିତ ରହି ରାସ୍ତାର ସମସ୍ୟା, କଡାକେନାଲ ସମସ୍ୟା, ପାନୀୟଜଳ, ଅଙ୍ଗନୱାଡି ଗୃହ, ମା' ମଙ୍ଗଳା ଗୋଷ୍ଠୀ ଗୃହ, ଜବରଦଖଲ ଉଚ୍ଛେଦ ବିଷୟରେ ଲୋକଙ୍କ ଦାବିକୁ ଅନୁଧ୍ୟାନ କରି ଖୁବ୍ ଶୀଘ୍ର ସମସ୍ୟାର ସମାଧାନ ପାଇଁ ବିଧାୟକ ପଦକ୍ଷେପ ଗ୍ରହଣ କରିବେ ବୋଲି ପ୍ରତିଶୃତି ଦେଇଥିଲେ। ବିଧାୟକଙ୍କ ଏହିଭଳି କାର୍ଯ୍ୟକୁ ମାହାଙ୍ଗା ଅଂଚଳର ବୁଦ୍ଧିଜୀବି ମହଲରେ ସ୍ୱାଗତ କରାଯାଇଥିଲା।

## ପଥର କୁଆଁରୀରେ ଅନବରତ ପଥର ବୋର ବ୍ଲାଷ୍ଟିଙ୍ଗ
## ପରିବେଶ ପ୍ରଦୂଷଣ ଓ ପଥର ବୋଝେଇ
## ଭାରିଯାନ ସମସ୍ୟାର ସମାଧାନ ଲାଗି ଦାବିପତ୍ର

ଛତ୍ରପୁର,୧।୯:(ମନ୍ଥନ)ଗଞ୍ଜାମ ଜିଲ୍ଲା ଛତ୍ରପୁର ବ୍ଲକ ଅନ୍ତର୍ଗତ ଚିକଲଖଣ୍ଡି ପଞ୍ଚାୟତର ଝରପୋଖରୀ ଗ୍ରାମକୁ ଲାଗି ରହିଥିବା ପଥର କୁଆଁରୀ ଯୋଗୁଁ ନାହିଁ ନଥିବା ଅସୁବିଧାର ସମ୍ମୁଖୀନ ହେଉଛନ୍ତି ଗ୍ରାମବାସୀ ମାନେ । ଉକ୍ତ ପଥର କୁଆଁରୀରେ କରାଯାଉଥିବା ଅନବରତ ପଥର ବ୍ଲାଷ୍ଟିଙ୍ଗ ଯୋଗୁଁ ଶବ୍ଦ ପ୍ରଦୂଷଣ ହେବାରେ ଲାଗିଛି । ଏମିତିକି, ଗ୍ରାମର ଘର ଗୁଡିକ ଉପରେ ପଥର ଛିଟିକି ପଡୁଥିବା ମଧ ଅଭିଯୋଗ ହୋଇଛି । ଖାଲି ସେତିକି ନୁହେଁ ଗ୍ରାମରେ ବାସ କରୁଥିବା ଛାତ୍ରଛାତ୍ରୀ ମାନେ ପାଠ ପଢିବାରେ ବହୁ ଅସୁବିଧାର ସମ୍ମୁଖିନ ହେବା ସହ ଗ୍ରାମରେ ପିଇବା ପାଣି ମଧ ଦୂଷିତ ହେଉଥିବା ନେଇ ସୋମବାର ଗଞ୍ଜାମ ଜିଲ୍ଲାପାଳଙ୍କ କାର୍ଯ୍ୟାଳୟରେ ପହଂଚି ଗଞ୍ଜାମ ଜିଲ୍ଲାପାଳଙ୍କ ଉଦ୍ଦେଶ୍ୟରେ ଏକ ଲିଖିତ ଦାବିପତ୍ର ଅତିରିକ୍ତ ଜିଲ୍ଲାପାଳ ସୁନୀଲ କୁମାର କେର୍କେଟାଙ୍କୁ ପ୍ରଦାନ କରିଛନ୍ତି ଗ୍ରାମବାସୀ ମାନେ । ଏହି ପଥର କୁଆଁରୀକୁ



ଯାଉଥିବା ବଡ ବଡ ପଥର ବୋଝେଇ ଭାରିଯାନ ଗୁଡିକ ଯିବା ଆସିବା କରିବା ଫଳରେ କେନାଲ ଓ ଗ୍ରାମ ପାର୍ଶ୍ୱ ରାସ୍ତା ଭାଙ୍ଗି ଯିବା ସହ ରାସ୍ତାଟି ଖାଲ ଖମା ହୋଇ ଖରାପ ହୋଇଗଲାଣି । ଏଣୁ ଏହାର ସମାଧାନ କରିବା ସହିତ ଉକ୍ତ ପଥର କୁଆଁରୀ ଉପରେ ଅଙ୍କୁଶ ଲଗାଇବା ପାଇଁ ଗ୍ରାମବାସୀ ମାନେ ଜିଲ୍ଲା ପ୍ରଶାସନର ଦ୍ୱାରସ୍ଥ ହୋଇଛନ୍ତି ଯ ଏହି ଦାବି ପତ୍ର ପ୍ରଦାନ ବେଳେ ଚିକଲଖଣ୍ଡି ପଂଚାୟତର ୱାର୍ଡ ମେମ୍ବର ସତ୍ୟ ପ୍ରଧାନ, ଯୁବ ନେତା ଅଭିରାମ ପ୍ରଧାନ, ମହେଶ୍ୱର ଦାସ, ରମେଶ ଦାସ, ମହେଶ ପ୍ରଧାନ, ଜୟ ପ୍ରଧାନ, ବିରେନ୍ଦ୍ର ପ୍ରଧାନ, ଶଙ୍କର ଦାସ, ସୁଶାନ୍ତ ଦାସ, ଭିକାରୀ ଦାସ, ଶଙ୍କର ପ୍ରଧାନ, ରବୀନ୍ଦ୍ର ନାଥ ପ୍ରଧାନ, ସୁରେଶ ପ୍ରଧାନ ଓ ଲୋକନାଥ ପ୍ରଧାନଙ୍କ ସମେତ ବହୁ ଗ୍ରାମବାସୀ ମାନେ ଉପସ୍ଥିତ ଥିଲେ ।

## ସବ୍-ଜୋନ୍ ସ୍ତରୀୟ ବିଦ୍ୟାଳୟ ସମୂହ କ୍ରୀଡା ପ୍ରତିଯୋଗିତା

ବୁଗୁଡା, ୧।୯:(ମନ୍ଥନ) ବୁଗୁଡା ଗୋଷ୍ଠୀ ଶିକ୍ଷାଧିକାରୀଙ୍କ କାର୍ଯ୍ୟାଳୟ ପକ୍ଷରୁ ବି.କରଡ଼ାବାଡ଼ି ଏବଂ ସଙ୍କୁରୁ ସବ୍-ଜୋନ୍ ସ୍ତରୀୟ ବିଦ୍ୟାଳୟ ସମୂହ କ୍ରୀଡା ପ୍ରତିଯୋଗିତା ପିଏମଶ୍ରୀ ସର୍ଦ୍ଦାର ଅନ୍ତର୍ଯ୍ୟାମୀ ସରକାରୀ ଉଚ୍ଚ ବିଦ୍ୟାଳୟ କ୍ରୀଡା ପ୍ରାଙ୍ଗଣରେ ଅନୁଷ୍ଠିତ ହୋଇଯାଇଛି । ବୁଗୁଡା ବ୍ଲକ ବିଦ୍ୟାଳୟ କ୍ରୀଡା ସଂଗଠନ ସଭାପତି ତଥା ବିଇଓ ଚିନ୍ମୟ ମହାପାତ୍ରଙ୍କ ଦ୍ୱାରା କ୍ରୀଡା ପତାକା ଉତ୍ତୋଳନ କରାଯାଇଥିବା ବେଳେ ତାଙ୍କରି ପୌରୋହିତ୍ୟରେ ଆୟୋଜିତ କାର୍ଯ୍ୟକ୍ରମରେ ଅତିଥି ଭାବେ ଏବିଇଓ ଅମିତା କୁମାରୀ ପାଢୀ, ଅବସରପ୍ରାପ୍ତ ଶିକ୍ଷକ ବଂଶୀଧର ନାୟକ, ବି.କରଡ଼ାବାଡ଼ି ହାଇସ୍କୁଲ ପ୍ରଧାନ



ଶିକ୍ଷକ ପ୍ରକାଶ ଚନ୍ଦ୍ର ନାୟକ, ସଙ୍କୁରୁ ହାଇସ୍କୁଲ ପ୍ରଧାନ ଶିକ୍ଷକ କାହ୍ନୁ ଚରଣ ସ୍ୱାଇଁ , ଡାକରଡା ହାଇସ୍କୁଲ ପ୍ରଧାନ ଶିକ୍ଷକ ବିଷ୍ଣୁ ଚରଣ ମହାରଣା ଯୋଗ ଦେଇ କ୍ରୀଡା ପ୍ରତିଯୋଗୀଙ୍କୁ ମାର୍ଗ ଦର୍ଶନ କରିବା ସହ ଉତ୍ସାହିତ କରିଥିଲେ । ଏ ଅବସରରେ ଉଭୟ ବରିଷ୍ଠ ଓ କନିଷ୍ଠ ବର୍ଗର ପ୍ରତିଯୋଗୀଙ୍କ ମଧ୍ୟରେ କବାଡି, ଖୋ-ଖୋ, ଦୌଡ, ଲଙ୍ଗ ଜମ୍ପ, ହାଇ ଜମ୍ପ, ସଟପୁଟ୍ ଥ୍ରୋ, ଡିସକସ୍ ଥ୍ରୋ, ଜଭଲିନ୍ ଥ୍ରୋ ଆଦି ପ୍ରତିଯୋଗିତା ଅନୁଷ୍ଠିତ ହୋଇଥିଲା । ବୁଗୁଡା ବ୍ଲକ ସ୍କୁଲ ସ୍ପୋର୍ଟସ ଏସୋସିଏସନ ସେକ୍ରେଟାରୀ ବିଶ୍ୱେଶ୍ୱର ଗିରିଙ୍କ ତତ୍ତ୍ୱାବଧାନରେ ଆୟୋଜିତ କ୍ରୀଡା ପ୍ରତିଯୋଗିତାଗୁଡ଼ିକୁ କ୍ରୀଡା ଶିକ୍ଷକ ସିଦ୍ଧାନ୍ତ କୁମାର ରାଉତ, ଲକ୍ଷ୍ମଣ ବେହେରା, ହରିହର ବିଶ୍ୱାଳ, ଆଦିତ୍ୟ ପ୍ରଧାନ, ବିଜୟ କୁମାର ବିଷୋୟୀ ଓ ଦୁତିକୃଷ୍ଣ ପାତ୍ର ପ୍ରମୁଖ ପରିଚାଳନା କରିଥିବା ବେଳେ ସିଆରସିସି ଦେବଦତ୍ତ ମହାନ୍ତି, ଅନନ୍ତ ସାହୁ ଓ ଶଶୀକାନ୍ତ ପାତ୍ରଙ୍କ ସମେତ ବି.କରଡ଼ାବାଡ଼ି ହାଇସ୍କୁଲର ସମସ୍ତ ଶିକ୍ଷକ ଓ ଶିକ୍ଷୟିତ୍ରୀ ସହଯୋଗ କରିଥିଲେ ।

## ପ୍ରଧାନମନ୍ତ୍ରୀଙ୍କ ୧୨୫ତମ ମନ୍ କି ବାତ୍ କାର୍ଯ୍ୟକ୍ରମ


ମାହାଙ୍ଗା.୧।୯:(ମନ୍ଥନ)ଭାରତର ଯଶସ୍ୱୀ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀଙ୍କ ୧୨୫ତମ ମନ୍ କି ବାତ୍ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଏହି କାର୍ଯ୍ୟକ୍ରମରେ ଭଦ୍ରେଶ୍ୱର ମଣ୍ଡଳ ସଭାପତି ଭକ୍ତଚରଣ ସ୍ୱାଇଁ ଯୋଗଦେଇଥିଲେ। ଭଉଁରିଆ ପଂଚାୟତର ନହଙ୍ଗ ଗ୍ରାମର ବୁଥ୍ ନଂ୧୫୪ର ସଭାପତି ରତ୍ନାକର ରାଉତଙ୍କ ଘରେ ମଣ୍ଡଳସ୍ତରୀୟ ମନ୍ କି ବାତ୍ ସଭା ଅନୁଷ୍ଠିତ ହୋଇଥିଲା। ନୃତାଙ୍ଗ ଗ୍ରାମ ପଂଚାୟତ, କୁସୁନପୁର, ଗୋତରା ଗ୍ରାମ ପଂଚାୟତର କାହ୍ନୁପୁର, ଆପିଲୋ, ପ୍ରହରାଜପୁର ବୁଥ, ଭଦ୍ରେଶ୍ୱର ପଂଚାୟତର ଝାଡେଶ୍ୱରପୁର, ପାଣ୍ଡିଆ, ସାହାନିଆଜପୁର, ଗୋବିନ୍ଦପୁର, ଗୋପାଳପୁର ଗ୍ରାମପଂଚାୟତର ଗୋପାଳପୁର,ବନ୍ତଳା, ବରାହିପୁର ବୁଥ, ଓଷଙ୍ଗ ବୁଥ ଏପରିକି ୧୮ଟି ବୁଥରେ ମନ୍ କି ବାତ୍ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ଏହି କାର୍ଯ୍ୟକ୍ରମରେ ବହୁସଂଖ୍ୟକ ବିଜେପି କର୍ମୀ ଅଂଶଗ୍ରହଣ କରିଥିଲେ।

## ଅନନ୍ତ ଶମ୍ଭୁ ପୀଠରେ ରାଧାଷ୍ଟମୀ ଓ ଏକାକ୍ଷର ମେଳା ଅନୁଷ୍ଠିତ

ମାହାଙ୍ଗା,୧।୯:(ମନ୍ଥନ)କଟକ ଜିଲ୍ଲା ମାହାଙ୍ଗା ବ୍ଲକ ଉଷୁମା ପଂଚାୟତର ଉଷୁମା ଗ୍ରାମରେ ମାଳୀକା ବର୍ଣ୍ଣିତ ଗୋବରୀ କୂଳରେ ଥିବା ଶ୍ରୀ ଶ୍ରୀ ଅନନ୍ତ ଶମ୍ଭୁ ପୀଠରେ ପବିତ୍ର ରାଧାଷ୍ଟମୀ ଅବସରରେ ସନ୍ଧ୍ୟାରେ ଏକାକ୍ଷର ମେଳା ଅନୁଷ୍ଠିତ ହୋଇଯାଇଛି। ଏହି ପୀଠରେ ମହାଦେବଙ୍କ ସହ ଯୋଗ ମାୟା ଆଦିଶକ୍ତି ଏବଂ ୩୩କୋଟି ଦେବାଦେବୀ ଗୁପ୍ତରେ ରହି ପୂଜା ପାଉଛନ୍ତି। ୨୦୨୩ ମସିହା ଶ୍ରୀ ପଞ୍ଚମୀ ତିଥିରେ ହଠାତ୍ ଜଣେ ଭକ୍ତଙ୍କୁ ସ୍ୱେପ୍ନାଦେଶ ପରେ ଶ୍ରୀ ଶ୍ରୀ ଅନନ୍ତଶମ୍ଭୁ ପୀଠରେ ହୋମଯଜ୍ଞ କରାଯାଇ ସେହିଦିନ ଠାରୁ ପୂଜାର୍ଚ୍ଚନ କରାଯାଇ ଆସୁଅଛି। ଉକ୍ତସ୍ଥାନଟି ବଣଜଙ୍ଗଲରେ ପରିପୂର୍ଣ୍ଣ ଥିଲା। ଏହି ସ୍ଥାନରେ୧୨ହାତର ଉଚ୍ଚ ଉଇ ହୁଙ୍କା ଲୁଚିକି ରହିଥିଲା। ଏହି ପୀଠକୁ ଓଡ଼ିଶାର ବହୁ ସାଧୁସନ୍ଥ ଓ ଭକ୍ତମାନେ ଆସି ଦର୍ଶନ କରିଥାନ୍ତି। ମାଳିକା ବର୍ଣ୍ଣିତ ଏହି ଅନନ୍ତଶମ୍ଭୁ ପୀଠରେ ହୋମଯଜ୍ଞ, ନାମ ସଂକୀର୍ତ୍ତନ, ରାସ, ଏକାକ୍ଷର ମେଳା, ଗୀତା ପଠନ, ଭାଗବତ ପଠନ, ମାଳିକା ପାଠ ଭଳି ବହୁ ଆଧ୍ୟାତ୍ମିକ କାର୍ଯ୍ୟକ୍ରମ ପରିବେଷଣ କରାଯାଉଛି। ମହାପୁରୁଷ ଅଚ୍ୟୁତାନନ୍ଦ ଦାସଙ୍କ ଚକଡାମଡାଣ, ଚୁମ୍ବକ ମଳିକା, ମୋହକଳ୍ପ ମଳିକା, ଭବିଷ୍ୟପରାନ୍ଧ, ଚନ୍ଦ୍ରକଳ୍ପ ମାଳିକା, ଶିବକଳ୍ପ, ଭବିଷ୍ୟ ମାଳିକା, ୬୪ପଟଳ, ଭୀମଭୋଇଙ୍କ ପଦ୍ମକଳ୍ପ ଭଳି ଅନେକ ମାଳିକା ଗ୍ରନ୍ଥରେ ଏହି ସ୍ଥାନର ପ୍ରମାଣ ରହିଛି। ଶ୍ରୀ ଶ୍ରୀ ଅନନ୍ତ ଶମ୍ଭୁପୀଠରେ ଅନୁଷ୍ଠିତ ଏକାକ୍ଷର ମେଳାରେ ବହୁ ସାଧୁସନ୍ଥ ଓ ଗ୍ରାମବାସୀ ଯୋଗଦେଇଥିଲେ। ଶାନ୍ତି ଶୃଙ୍ଖଳା ସହିତ ଏକାକ୍ଷର ମେଳା ଅନୁଷ୍ଠିତ ହୋଇଥିଲା।

## ଯୁଗ୍ମଜନ ଅଭିଯୋଗ ଶୁଣାଣି ଶିବିର

ଜଗତସିଂହପୁର,୧।୯:(ମନ୍ଥନ)ଆଜି ଜଗତସିଂହପୁର ଜିଲ୍ଲା ପ୍ରଶାସନ ପକ୍ଷରୁ ଯୁଗ୍ମଜନ ଅଭିଯୋଗ ଶୁଣାଣି ଶିବିର କୁଜଙ୍ଗ ବ୍ଲକ୍ କାର୍ଯ୍ୟାଳୟ ଠାରେ ଅନୁଷ୍ଠିତ ହୋଇଯାଇଅଛି । ଏହି ଅଭିଯୋଗ ଶିବିର ରେ ଜିଲ୍ଲାପାଳ ଶ୍ରୀ ଜେ. ସୋନାଲ ଉପସ୍ଥିତ ରହି ଜନସାଧାରଣଙ୍କ ବିଭିନ୍ନ ଆପତ୍ତି ଅଭିଯୋଗ ର ଶୁଣାଣି କରିଥିଲେ । ଆଜି ମୋଟ ୧୧୬ ଟି ଅଭିଯୋଗ ପଞ୍ଜୀକୃତ ହୋଇଥିଲାୟ ସେଥିମଧ୍ୟରୁ ବ୍ୟକ୍ତିଗତ ସମସ୍ୟା ସମ୍ପର୍କୀୟ ୧୦୫ ଗୋଟି, ଗୋଷ୍ଠୀଗତ ସମସ୍ୟା ସମ୍ପର୍କୀୟ /ଗ୍ରାମ୍ୟ ସମସ୍ୟା ସମ୍ପର୍କୀୟ ୧୧ ଟି, ବ୍ୟକ୍ତିଗତ ଅଭିଯୋଗ ମଧ୍ୟରୁ ରାସନ୍ କାର୍ଡ ସମସ୍ୟା ସମ୍ପର୍କୀୟ ୧୪ ଟି, ଆବାସ ପାଇଁ ୧୭ ଟି, ଜମିଜମା ସମସ୍ୟା ସମ୍ପର୍କୀୟ ୧୮ ଟି, ମୁଖ୍ୟମନ୍ତ୍ରୀ ରିଲିଫ୍ ପାଣ୍ଠି ସହାୟତା ପାଇଁ ୨ ଟି, ଭତ୍ତା ପାଇବା ପାଇଁ ୧୭ ଟି,



ପୋଲିସ ସହାୟତା ପାଇଁ ୨ ଟି ଏବଂ ଅନ୍ୟାନ୍ୟ ୩୨ ଟି ଅଭିଯୋଗର ଶୁଣାଣି କରାଯାଇଥିଲା । ୩ ଟି ଅଭିଯୋଗର ତତ୍କାଳ ସମାଧାନ କରାଯାଇଥିଲା । ଏହି ମିଳିତ ଜନ ଅଭିଯୋଗ ଶୁଣାଣି ଶିବିର ରେ ଆରକ୍ଷୀ ଅଧିକ୍ଷକ ଶ୍ରୀ ଅଙ୍କିତ କୁମାର ବର୍ମା, ଅତିରିକ୍ତ ଜିଲ୍ଲାପାଳ, ଜଗତସିଂହପୁର, ଶ୍ରୀ ଜ୍ୟୋତି ଶଙ୍କର ରାୟ,ଜିଲ୍ଲା ପରିଷଦ ର ମୁଖ୍ୟ ବିକାଶ ତଥା ନିର୍ବାହୀ ଅଧିକାରୀ ଶ୍ରୀ ରବିନାରାୟଣ ଜେଠୀ , ଉପ ଜିଲ୍ଲାପାଳ,ଜଗତସିଂହପୁର,ଶ୍ରୀ ପ୍ରଶାନ୍ତ କୁମାର ତରାଇ, ଗୋଷ୍ଠୀ ଉନ୍ନୟନ ଅଧିକାରୀ, କୁଜଙ୍ଗ,ଶ୍ରୀ ଦୀପକ ପ୍ରସାଦ ସ୍ୱାଇଁ, ଭାରପ୍ରପ୍ତ ତହସିଲଦାର, କୁଜଙ୍ଗ, ଶ୍ରୀ ଅଭିଷେକ ପଣ୍ଡା , ଜିଲ୍ଲା ସ୍ତରୀୟ ଅଧିକାରୀ, କ୍ଷେତ୍ରୀୟ ଅଧିକାରୀ, ବ୍ଲକ ସ୍ତରୀୟ ଅଧିକାରୀ ପ୍ରମୁଖ ଉପସ୍ଥିତ ରହି ଜନସାଧାରଣଙ୍କର ଆପତ୍ତି ଅଭିଯୋଗ ର ଶୁଣାଣି କରିଥିଲେ ।

## ପ୍ରଧାନମନ୍ତ୍ରୀ ମାଙ୍କ ପ୍ରତି ଅପମାନ ଜନକ କଥା କହିଥିବାରୁ ବିଜେପିର ବିକ୍ଷୋଭ

ଅନୁଗୁଳ : ଗତ ଅଗଷ୍ଟ ୨୭ ତାରିଖ ବିହାରରେ ମାନ୍ୟବର ପ୍ରଧାନମନ୍ତ୍ରୀ ଏବଂ ତାଙ୍କ ସମ୍ମାନୀୟା ମା'ଙ୍କ ବିଷୟରେ କଂଗ୍ରେସ ନେତାମାନେ ଯେଉଁ ଅପମାନଜନକ କଥା କହିଥିଲେ, ଏହାର ପ୍ରତିବାଦ ରେ ରବିବାର ଅନୁଗୁଳ ଜିଲ୍ଲା ବିଜେପି ପକ୍ଷରୁ ପ୍ରତିବାଦ ସଭା ଅନୁଷ୍ଠିତ ହୋଇଯାଇଛି ୟ ରବିବାର ଦିନ ୩ ଘଟିକା ସମୟରେ ଅନୁଗୋଳ ସହର ରାଜା ଛକ ସମ୍ମୁଖରେ ଜିଲ୍ଲା ବିଜେପି ପକ୍ଷରୁ ଶତାଧିକ କାର୍ଯ୍ୟକର୍ତ୍ତା ଉପସ୍ଥିତ ରହି କଂଗ୍ରେସ ନେତା



ମାନଙ୍କର ଏଭଳି ମନ୍ତବ୍ୟ କୁ ଘୋର ନିନ୍ଦା କରିଥିଲେୟ ପରେ କଂଗେସ ନେତା ରାହୁଲ୍ ଗାନ୍ଧି ଙ୍କର କୁଶ ପୁତ୍ତଳିକା ଦାହ କରାଯାଇଥିଲା ୟ ଉକ୍ତ କାର୍ଯ୍ୟକ୍ରମ ରେ ଜିଲ୍ଲା ସଭାପତି ଯଯାତି କେଶରୀ ପଟ୍ଟନାୟକ, ଛେଣ୍ଡିପଦା ବିଧାୟକ ଅଗସ୍ତି ବେହେରା, ପ୍ରାକ୍ତନ ଜିଲ୍ଲା ସଭାପତି ଦିଲେଶ୍ୱର୍ ପ୍ରଧାନ, ସୁଦିପ୍ ଗଡ଼ନାୟକ, ଚୌଧୁରୀ ପ୍ରଧାନ , ସିଦ୍ଧାର୍ଥ ରାଉତରାଏ, ପ୍ରକାଶ ମଙ୍ଗରାଜ , ଗୋପବନ୍ଧୁ ଗଡ଼ନାୟକ , ଯୋଶବନ୍ତ ପ୍ରସାଦ ବେହେରା, ରୁଚିର ନନ୍ଦ, ଦିଲ୍ଲୀପ କୁମାର ଦାସ, ବସନ୍ତ ମଞ୍ଜରୀ ପ୍ରଧାନ, ମୀରା ଗଡ଼ନାୟକ, ସୋଭାଗିନି ପ୍ରଧାନ, ଶୁଚିସ୍ମିତା ତ୍ରିପାଠୀ, ରୋଜାଲିନ ଦାସ , ନମିତା ଦଳବେହେରା, ସୁଜାତା ଦାସ, ସରିତା ମିଶ୍ର, ମିତାରାଣି ଙ୍କ ସମେତ ଶତାଧିକ କାର୍ଯ୍ୟକର୍ତ୍ତା ଉପସ୍ଥିତ ଥିଲେ ୟ

## ନଗର କଂଗ୍ରେସର ନୂଆଁଖାଇ ଭେଟଘାଟ ଯୋଗ ଦେଲେ ସମରେନ୍ଦ୍ର

ବଲାଙ୍ଗିର,୧।୯:(ମନ୍ଥନ)ଆମ ଅଂଚଳର ଐତିହ୍ୟ, ପରଂପରା, ଏକତା ଓ ଭାଇଚାରାର ପର୍ବ ନୂଆଁଖାଇ ଉପଲକ୍ଷେ ସମସ୍ତଙ୍କୁ ନୂଆଁଖାଇ ଜୁହାର । ଏହି ପର୍ବ ଆମକୁ ଏକତା ସୁତ୍ରରେ ବାନ୍ଧିଥାଏ । ଯେ ଯେଉଁଠି ଥିଲେ ଆମେ ଆମର ମାଁ ମାଟିକୁ ଫେରିଆସୁ ଏହି ପର୍ବ ପାଳନ କରିବା ପାଇଁ । ଏହି ଉପଲକ୍ଷେ ଆମେ ନିଷ୍ପତ୍ତି ନେବା ଦରକାର ଯେ ଦଳ ମତ ଜାତି, ବର୍ଣ୍ଣ ଏ ସବୁରୁ ଉର୍ଦ୍ଧ୍ୱରେ ରହି ଆମେ ଯେଉଁ ପରିସ୍ଥିତିରେ ଥିଲେ ବି ସମସ୍ତେ ସମସ୍ତଙ୍କ କାମରେ ଆସିବା ଦରକାର । ସମାଜର ପ୍ରତ୍ୟେକ ବର୍ଗ ଲୋକଙ୍କ ପାଇଁ ଆମେ ଉପଲବ୍ଧ ହେବା ଦରକାର । କେହି ବି ସୁଖରେ ଥାଉ କି ଦୁଃଖରେ ଥାଉ ତାର ସହ ତା ପାଖକୁ ପହଂଚି ତାର ସୁଖ ଦୁଃଖରେ ଭାଗି ହୋଇପାରିଲେ ହିଁ ଆମର ଏହି ଭେଟଘାଟ କାର୍ଯ୍ୟକ୍ରମ ସଫଳ ହେବ ଓ ଏହା ଦ୍ୱାରା ଏକତା ଓ ଭାଇଚାରାର ସନ୍ଦେଶ ସମାଜର ସବୁ ସ୍ତରକୁ ପହଂଚିବ ବୋଲି ସ୍ଥାନୀୟ ଏକ ହୋଟେଲ ରେ ନଗର କଂଗ୍ରେସ ତରଫରୁ ଆୟୋଜିତ ନୂଆଁଖାଇ ଭେଟଘାଟ କାର୍ଯ୍ୟକ୍ରମରେ ଯୋଗ ଦେଇ ସମରେନ୍ଦ୍ର ମିଶ୍ର କଂଗ୍ରେସ କର୍ମକର୍ତ୍ତା, ଶୁଭେଚ୍ଛୁ ଓ ସାଧାରଣ



ଲୋକଙ୍କୁ ବାର୍ତ୍ତା ଦେଇଛନ୍ତି । ସେ ଆହୁରି ମଧ୍ୟ କହିଛନ୍ତି ଯେ ଏହା ରାଜନୈତିକ ସମାବେଶ ନୁହେଁ ୟ ଆମେ ଏକାଠି ହୋଇଛୁଁ ଆମ ଭିତରେ ଥିବା ଏକତା ଭାଇଚାରା କୁ ଆହୁରି ବ୍ୟାପକ କରିବା ପାଇଁ । ଆମର ବ୍ୟକ୍ତିଗତ ହେଉ କି ସାମୁହିକ ଉଦ୍ୟମ ଯୋଗୁଁ ଯଦି ଅଂଚଳର ଲୋକଙ୍କ କିଛି ଅସୁବିଧା ଦୂର ହୋଇ ପାରିଲା ଲୋକେ ଆମର କାର୍ଯ୍ୟକଳାପ ଦ୍ୱାରା କୌଣସି ପ୍ରକାରେ ଉପକୃତ ହୋଇପାରିଲେ ତେବେ ହିଁ ଆଜିର ନୂଆଁଖାଇ ଭେଟଘାଟ ସଫଳ ହେବ ବୋଲି ମୁଁ ଭାବିବି । ନଗର କଂଗ୍ରେସ ସଭାପତି ବୁଲୁ ଦାନୀ ଙ୍କ ଆବାହକତ୍ୱରେ ଅନୁଷ୍ଠିତ ଏହି କାର୍ଯ୍ୟକ୍ରମରେ ଉପସ୍ଥିତ ଥିବା ବରିଷ୍ଠ କଂଗ୍ରେସ ନେତୃବର୍ଗ ଯଥା ଅଶୋକ ନନ୍ଦ, ଓମ୍ ପ୍ରକାଶ କୁମ୍ଭାର, ମନୀଷ ମିଶ୍ର, ସନ୍ତକ ବହିଦାର, ଉମା ଶଙ୍କର ପଣ୍ଡା, ଅରବିନ୍ଦ ପରୁଆ, ବଜରଂଗ ବନଛୋର, ରାଜେନ୍ଦ୍ର ପାଣି, ଅସୀତ ମିଶ୍ର, ଜୁଲୁ ପଟ୍ଟନାୟକ,ଆରତିପ୍ରୀତି ନାଗ, ଉପେନ ଦୀପ, ଜ୍ୟୋତି ନାଗ, ବ୍ରଜ ସେଠି, ମିରା ମଣ୍ଡଳ, ସବିତା ଶତପଥି, ସାଇନା ବେଗମ, କଳ୍ପନା ସାହୁ, ବବିତା ସାହୁ, ସୁଧା ସିଂଦେଓ, ଅନ୍ନପୂର୍ଣ୍ଣା ସେଠ ପ୍ରମୁଖ ନିଜ ନିଜ ବକ୍ତବ୍ୟରେ ନୂଆଁଖାଇ ର ଶୁଭେଚ୍ଛାବାର୍ତ୍ତା ପ୍ରଦାନ କରିଥିଲେ ।ଏହି କାର୍ଯ୍ୟକ୍ରମରେ ସଫଳ କରିବା ପାଇଁ ଅଙ୍କିତ ସାହୁ, ନାସିର ଖାନ, ହିମାଂଶୁ ସାହୁ, ସଂଜୟ ମିଶ୍ର, ଆକବର ଖାନ, ବିକି ପଣ୍ଡା, ଲୋପନ ମିଶ୍ର, ଚିନ୍ମୟ ବେହେରା, କିରନ ସେଠ, ଗୁଣ୍ଡୁ ଦାଶ, କୈଳାସ ମିଶ୍ର ପ୍ରମୁଖ ସହଯୋଗ କରିଥିଲେ।

## ପୁଅ ମୃତ୍ୟୁର ୧୭ ଦିନ ପରେ ବାପା ପୁନଃ ଅଭିଯୋଗ ମୋ ପୁଅକୁ ହତ୍ୟା କରାଯାଇଛି

ଗୋପ,୧।୯:(ମନ୍ଥନ) ପୁରୀ ଜିଲ୍ଲାର ଗୋପ ଥାନା ଅନ୍ତର୍ଗତ ପୟରା ପଞ୍ଚାୟତର ଖଡିଶ ଗ୍ରାମରେ ଗତ ୧୩/୦୮/୨୦୨୫ ରିଖ ମଧରାତ୍ରି ରେ ଘଟିଯାଇଥିଲା ଏକ ଅଭାବନୀୟ ଘଟଣା।କ୍ଷ ବିପିନି କୁମାର ଭୋଇ ନାମକ ଜଣେ ବ୍ୟକ୍ତିଙ୍କ ପୁଅ ତ୍ରିନାଥ ଭୋଇଙ୍କ ବେକରେ ରାଶି ଲଗାଇ ଏକ ଆମ୍ବ ଗଛରେ ଝୁଲୁଥିବା ଅବସ୍ଥାରେ ଗତ ୧୪/୦୮/୨୦୨୫ ରିଖ ଦିନ ଭୋର ୫.୩୦ ମି ପରିବାର ଲୋକେ ଦେଖିଥିଲେ ।ପରିବାର ଲୋକ ସଙ୍ଗେ ସଙ୍ଗେ ଗୋପ ମେଡ଼ିକାଲକୁ ଆଣିଲେୟ କିନ୍ତୁ ଭାଗ୍ୟର ବିଡମ୍ବନା ବିପିନଙ୍କ ଏକମାତ୍ର ରୋଜଗାରିଅ। ପୁଅ ତ୍ରିନାଥକୁ ଡାକ୍ତର ମୃତ୍ୟୁ ଘୋଷଣା କଲେୟ ତାପରେ ତ୍ରିନାଥ ର ବାପା ବିପିନୀ ଭୋଇ ଗୋପ ଥାନାରେ ଏକ ଲିଖିତ ଅଭିଯୋଗ କରିଥିଲେ । ଅଭିଯୋଗଟି ହେଲା ସେହି ଗ୍ରାମର ଦିଲ୍ଲୀପ ଭୋଇ ନାମକ ଏକ ଯୁବକଙ୍କ ସହ କୌଣସି କାରଣରୁ ବଚସା ହୋଇଥିଲା । ଏବଂ ସେଇ



ରାତି ପ୍ରାୟ ୧.୩୦ମି ଦୁଇ ତିନି ଥର ବିପିନିଙ୍କ ଘରକୁ ଆସି କହିଲା ଯେ ତୋ ପୁଅ କୁ ମୁ ବାଡ଼େଇଛି ଯାହା ଘରକୁ ଆଣିବୁ । ଉକ୍ତ ଘଟଣାକୁ ଆଧାର କରି ବିପିନ ତାଙ୍କ ପୁଅର ହତ୍ୟା କରିଥିବା ଅଭିଯୋଗ ଆଣିଥିଲେ ତ୍ରିନାଥ ଙ୍କ ବାପା ବିପିନ ଭୋଇ । ଘଟଣା ଘଟିବା ପ୍ରାୟ ୧୭ ଦିନ ବିତିଯାଇଥିଲେ ମଧ ଗୋପ ପୋଲିସ କୌଣସି ପଦକ୍ଷେପ ଗ୍ରହଣ କଲାନାହିଁ କାହିଁକି ? ସେଥିପାଇଁ ଖଡ଼ିସ ଗ୍ରାମ ର ଶତାଧିକ ମହିଳା ଓ ପୁରୁଷ ଆସି ଗୋପ ଥାନାକୁ ଘେରାଉ କରିଛନ୍ତି । ତ୍ରିନାଥକୁ ହରାଇ ବାପା ବିପିନ ପ୍ରାୟ ଅର୍ଦ୍ଧ ପାଗଳ ହୋଇଯାଇଛନ୍ତି । ମାର ଅବସ୍ଥା ଅତ୍ୟନ୍ତ ଗମ୍ଭୀର । ଭଉଣୀ ଦୁଇଜଣ ଓ ସାହି ଲୋକଙ୍କ ଅଭିଯୋଗ କୀ ତ୍ରିନାଥକୁ ଦିଲ୍ଲୀପ ମାରି ଗଛରେ ଟଙ୍ଗାଇ ଦେଇଛି । ଗୋପ ପୋଲିସ କୌଣସି ଚାପରେ ବଶବର୍ତ୍ତୀ ହୋଇ ଆସାମୀ ବିରୁଦ୍ଧରେ କୌଣସି ପଦକ୍ଷେପ ଗ୍ରହଣ କରୁନାହିଁ । ଆନ୍ଦୋଳନକାରୀଙ୍କ ସହିତ ଗୋପ ପୋଲିସ କଥା ହୋଇ ବିଫଳ ହେଲାପରେ ନିମାପଡାର ଏସ ଡି ପି ଓ ଜନାର୍ଦ୍ଦନ ପାଢ଼ୀ ଆସି ସମସ୍ୟା ସମ୍ପର୍କ ଉପରେ ଆଲୋଚନା କରିଛନ୍ତି । କିନ୍ତୁ ଆନ୍ଦୋଳନକାରୀଙ୍କ ଗୋଟିଏ ଜିଦ୍ ଯେ ପର୍ଯ୍ୟନ୍ତ ଆମକୁ ନ୍ୟାୟ ନ ମିଳିଛି ଆମେ ଏ ସ୍ଥାନରୁ ଉଠିବୁନି । ଖବର ସଂଗ୍ରହ ପର୍ଯ୍ୟନ୍ତ ଆନ୍ଦୋଳନକାରୀ ଗୋପ ଥାନାକୁ ଘେରାଉ କରି ବସିଥିଲେ ।

## ଭାରତୀୟ ଜନତା ପାର୍ଟି ମହିଳା ମୋର୍ଚ୍ଚାର ବିକ୍ଷୋଭରେ ଜିଲ୍ଲା କଂଗ୍ରେସ ପକ୍ଷରୁ ପ୍ରତିକ୍ରିୟା

ରାଉରକେଲା,୧।୯:(ମନ୍ଥନ)ଆଜି ସେକ୍ଟର୍-୨୧ ଠାରେ କଂଗ୍ରେସ ଭବନ ସମ୍ମୁଖରେ ଭାରତୀୟ ଜନତା ପାର୍ଟି ମହିଳା ମୋର୍ଚ୍ଚା ପକ୍ଷରୁ, ବିକ୍ଷୋଭ ପ୍ରଦର୍ଶନ କରାଯାଇଥିବାରୁ ଏହାର ପ୍ରତିକ୍ରିୟା ଦେଇଛନ୍ତି ଜିଲ୍ଲା କଂଗ୍ରେସ ସଭାପତି ଜ୍ଞାନେନ୍ଦ୍ର ଦାସ ଏବଂ କଂଗ୍ରେସ ପ୍ରାର୍ଥୀ ବିରେନ୍ଦ୍ର ନାଥ ପଟ୍ଟନାୟକ ।ଜିଲ୍ଲା କଂଗ୍ରେସ ସଭାପତି ଜ୍ଞାନେନ୍ଦ୍ର ଦାସ ତାଙ୍କ ପ୍ରତିକ୍ରିୟାରେ କହିଛନ୍ତି ଯେ, ଦେଶର ୧୪୦କୋଟି ଲୋକଙ୍କ ବିରୋଧୀ ଦଳର ନେତା କଂଗ୍ରେସ ଦଳର ରାହୁଲ ଗାନ୍ଧୀଙ୍କ ଲୋକପ୍ରିୟତାରେ ଅସହିଷ୍ଣୁ ହୋଇ ଆଜି ବିଜେପି ଦଳ ଜିଲ୍ଲା କଂଗ୍ରେସ କାର୍ଯ୍ୟାଳୟକୁ ଘେରାଉ କରିବାକୁ ଆସିଛନ୍ତି ତାହା ଏକ ହାସ୍ୟାସ୍ପଦ କଥାୟ କଂଗ୍ରେସ ଦଳର ରାହୁଲ ଗାନ୍ଧୀ ଦସ୍ତାବିଜ ସହିତ ପ୍ରମାଣିତ କଲେ ଯେ ଭୋଟ ଚୋରି ହୋଇଛି ଏବଂ ୨୦୨୪ ମସିହାରେ ନରେନ୍ଦ୍ର ମୋଦୀ ଯେଉଁ ପ୍ରଧାନମନ୍ତ୍ରୀ ହୋଇଛନ୍ତି । ତାହା ଦେଶବାସୀଙ୍କ ଭୋଟ ଚୋରି କରିବା ମାଧ୍ୟମରେ ପ୍ରଧାନମନ୍ତ୍ରୀ ହୋଇଛନ୍ତି । ବର୍ତ୍ତମାନ ସମୟ ସେମାନଙ୍କୁ ପ୍ରମାଣିତ



କରିବାକୁ ହେବ ଯେ, ରାହୁଲ ଗାନ୍ଧୀ ଯାହା କହୁଛନ୍ତି ତାହା ଭୂଲ କହୁଛନ୍ତି ବୋଲି ।ବର୍ତ୍ତମାନ ନିର୍ବାଚନ କମିଶନଙ୍କୁ ଯେଉଁ କାଠ ପୁତଳୀ ବନେଇ ଯେଉଁ ମନ୍ତବ୍ୟ ଦେଉଛନ୍ତି ତାହା ନିନ୍ଦନୀୟ । ସେହିପରି ଭାରତୀୟ ଜନତା ଜନତା ପାର୍ଟିର କାର୍ଯ୍ୟକର୍ତ୍ତାମାନେ ଗୁଣ୍ଡାଗର୍ଦ୍ଦି କରି କଂଗ୍ରେସ କାର୍ଯ୍ୟାଳୟକୁ ଘେରାଉ କରିଛନ୍ତି ତାହା ଅତ୍ୟନ୍ତ ନିନ୍ଦନୀୟ । ଜାତୀୟ କଂଗ୍ରେସ ଗାନ୍ଧୀଙ୍କ ବିଚାରଧାରାରେ ଚଲେ, ସତ୍ୟ ଅହିଂସାରେ ଚଲେ । ଏହି ପରିପ୍ରେକ୍ଷୀରେ କଂଗ୍ରେସ ଦଳର ନେତୃବୃନ୍ଦଙ୍କ ପକ୍ଷରୁ ଥଣ୍ଡା ପାଣି ଏବଂ ଲଡୁ ଧରି ଅପେକ୍ଷା କରାଯାଇଛି, ସେମାନେ ଯେଉଁ ହିଂସା ଘଟାଇବାକୁ ଆସିଛନ୍ତି, ସେମାନଙ୍କୁ ଅହିଂସା ମାଧ୍ୟମରେ ଜବାବ ଦିଆଯିବ । ସମ୍ବିଧାନକୁ ବଞ୍ଚାଇବାର ସମୟ ଆସିଛି ଏବଂ ଗଣତନ୍ତ୍ରକୁ ହତ୍ୟା କରିବାର ଯେଉଁ ପ୍ରୟାସ କରାଯାଉଛି ତାହା କଂଗ୍ରେସ ଦଳ କେବେ ହେବାକୁ ଦେବନାହିଁ । ସେହିପରି କଂଗ୍ରେସର ବିଧାନସଭା ନିର୍ବାଚନ ପ୍ରାର୍ଥୀ ବିରେନ୍ଦ୍ର ନାଥ ପଟ୍ଟନାୟକ ତାଙ୍କ ବକ୍ତବ୍ୟରେ କହିଥିଲେ ଯେ ବିଜେପି ଦଳ ଔଷଧ ବିକଳରେ ତାଟିଆ କାମୁଡୁଛନ୍ତି ।ଲୋକସଭାରେ ବିରୋଧୀ ଦଳର ନେତା ତଥା କଂଗ୍ରେସର ସର୍ବୋଚ୍ଚ ନେତା ରାହୁଲ ଗାନ୍ଧୀ ଯେତେବେଳେ ଇଲେକ୍ସନ କମିଶନଙ୍କ ଦୁର୍ନୀତିକୁ ପଦାରେ ପକାଇ ଭୋଟ ଚୋରିର ଅଭିଯୋଗ ଆଣିଛନ୍ତି, ବିଜେପି ଦଳ ଇଲେକ୍ସନ କମିଶନଙ୍କୁ କହି ଯେଉଁ ଡାଟାର ଆବଶ୍ୟକତା ଅଛି ସେଗୁଡିକ ପ୍ରକାଶ କଲେ, ସବୁ ସମସ୍ୟାର ସମାଧାନ ହୋଇଯିବ ବୋଲି କହିଥିଲେ। ଭାରତୀୟ ଜନତା ପାର୍ଟିର ବିକ୍ଷୋଭକୁ ଭଣ୍ଡୁର କରାଯିବା ପାଇଁ ଜିଲ୍ଲା କଂଗ୍ରେସର ବହୁ ବରିଷ୍ଠ ନେତାଙ୍କ ସମେତ କଂଗ୍ରେସ କର୍ମୀ ମଧ ଜିଲ୍ଲା କଂଗ୍ରେସ କାର୍ଯ୍ୟାଳୟରେ ଉପସ୍ଥିତ ଥିଲେ ।ଜିଲ୍ଲା ପ୍ରଶାସନ ପକ୍ଷରୁ କୌଣସି ଅଘଟଣ ଘଟିବା ପାଇଁ ସୁରକ୍ଷାର ବନ୍ଦୋବସ୍ତ କରାଯାଇଥିଲା ।

## ଜିଲ୍ଲା କାର୍ଯ୍ୟାଳୟରେ ଅଭିଯୋଗ ଶୁଣାଣି

ଅନୁଗୋଳ,୧।୯:(ମନ୍ଥନ)ଜିଲ୍ଲା କାର୍ଯ୍ୟାଳୟ ଠାରେ ଜନ ଶୁଣାଣି କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି ୟ ଏହି କାର୍ଯ୍ୟକ୍ରମରେ ୩୦ଟି ଅଭିଯୋଗ ଗ୍ରହଣ କରାଯାଇଥିଲା ।ସେଥିମଧ୍ୟରୁ ୨୭ଟି ବ୍ୟକ୍ତିଗତ ଓ ୩ଟି ଗ୍ରାମ୍ୟଭିତ୍ତିକ ଅଭିଯୋଗର ଶୁଣାଣି କରାଯାଇଥିଲାୟ ୨ ଜଣଙ୍କୁ ରେଡକ୍ରସ ପାଣ୍ଠିରୁ ୧୦ ହଜାର ଟଙ୍କା ଚିକିତ୍ସା ସହାୟତା ରାଶି ପ୍ରଦାନ କରାଯାଇଥିଲା । ଏହି କାର୍ଯ୍ୟକ୍ରମରେ ବିଭିନ୍ନ ବିଭାଗର ଜିଲ୍ଲା ସ୍ତରୀୟ ଅଧିକାରୀ ଯୋଗଦେଇଥିଲେ । ଏହି ଶିବିରକୁ ଆସିଥିବା ଲୋକମାନେ ଗ୍ରାମ୍ୟ ସମସ୍ୟା, ସ୍ୱାସ୍ଥ୍ୟ, ଗ୍ରାମୀଣ ଆବାସ, ଜମିଜମା ସମ୍ବନ୍ଧୀୟ,ବ୍ୟକ୍ତିଗତ ସମସ୍ୟା ସମେତ ବିଭିନ୍ନ ଅଭିଯୋଗ ଦାଖଲ କରିଥିଲେ ।

## ଜିଲ୍ଲା ସ୍ତରୀୟ ମିଳିତ ଜନ ଶୁଣାଣି କାର୍ଯ୍ୟକ୍ରମ

ଅନୁଗୋଳ,୧।୯:(ମନ୍ଥନ)ଆଜି ଜିଲ୍ଲାପାଳ ଶ୍ରୀ ଅବଦାଲ୍ ମୁହମ୍ମଦ ଅଖତରଙ୍କ ଅଧ୍ୟକ୍ଷତାରେ ଆଠମଲ୍ଲିକ ବ୍ଲକ୍ କାର୍ଯ୍ୟାଳୟ ଠାରେ ଜିଲ୍ଲା ସ୍ତରୀୟ ମିଳିତ ଜନଶୁଣାଣି କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି । ଏହି ଶିବିରରେ ଆରକ୍ଷୀ ଅଧିକ୍ଷକ ରାହୁଲ ଜୈନଯୋଗ ଦେଇଥିଲେ । ଜନଶୁଣାଣି ଶିବିରରେ ସମୁଦାୟ ୫୩ଟି ଅଭିଯୋଗ ଗ୍ରହଣକରାଯାଇଥିଲା । ସେଥିମଧ୍ୟରୁ ୪୪ଟି ବ୍ୟକ୍ତିଗତ ଓ ୯ଟି ଗ୍ରାମ୍ୟଭିତ୍ତିକ ଅଭିଯୋଗର ଶୁଣାଣି ହୋଇଥିବାବେଳେ ୬ଟି ଅଭିଯୋଗର ତୁରନ୍ତ ଫଇସଲା କରାଯାଇଥିଲା । ଏହିକାର୍ଯ୍ୟକ୍ରମରେ ଜିଲ୍ଲା ପରିଷଦ ଅଧକ୍ଷା ଶ୍ରୀମତୀ ବବିତା ପ୍ରଧାନ, ଅତିରିକ୍ତ ଜିଲ୍ଲାପାଳ ଶ୍ରୀଉଦୟ



କୁମାର ମହାପାତ୍ର, ଜିଲ୍ଲା ପରିଷଦର ମୁଖ୍ୟ ଉନ୍ନୟନ ଅଧିକାରୀ ତଥା କାର୍ଯ୍ୟ ନିର୍ବାହୀ ଅଧିକାରୀ ଶ୍ରୀ ଦେବଦତ୍ତ ମହନ୍ତ, ଜିଲ୍ଲା ମୁଖ୍ୟ ଚିକିତ୍ସା ଓ ଜନ ସ୍ୱାସ୍ଥ୍ୟ ଅଧିକାରୀ ଡ.ମଦନ ମୋହନ ପ୍ରଧାନ, ଆଠମଲ୍ଲିକ ଉପଜିଲ୍ଲାପାଳ ଶ୍ରୀ ଉପେନ୍ଦ୍ର ଲୋହା, ଡେପୁଟୀ କଲେକ୍ଟର ଶ୍ରୀଶୁଭଦର୍ଶନ ମିଶ୍ର, ଜିଲ୍ଲା ଶିକ୍ଷା ଅଧିକାରୀ ଶ୍ରୀ ନିରଞ୍ଜନ ସାହୁ, ଜିଲ୍ଲା ମଙ୍ଗଳ ଅଧିକାରୀ ଶ୍ରୀଦିଲ୍ଲୀପ କୁମାର ମିଶ୍ର, ଜିଲ୍ଲା ଯୋଗାଣ ଅଧିକାରୀ ଶ୍ରୀ ଶ୍ରୀନିବାସ ସାହୁ, ମୁଖ୍ୟ ଜିଲ୍ଲା କୃଷି ଅଧିକାରୀ ଶ୍ରୀ ଉମା ଶଙ୍କର ମିଶ୍ର, ଉପ-ନିର୍ଦ୍ଦେଶକ ଉଦ୍ୟାନ ଶ୍ରୀ ଅମର ଲୁଗୁନ୍, ଜିଲ୍ଲାମୁଖ୍ୟପ୍ରାଣୀ ଚିକିତ୍ସା ଅଧିକାରୀ ଡ.ନିରୋଦ ଦାସ, ଜିଲ୍ଲା ସାମାଜିକ ସୁରକ୍ଷା ଅଧିକାରୀ ଶ୍ରୀ ନାରାୟଣ ମହାପାତ୍ରଙ୍କ ସମେତ ବିଭିନ୍ନ ଜିଲ୍ଲା ସ୍ତରୀୟ ଓ ବ୍ଲକ୍ ସ୍ତରୀୟ ଅଧିକାରୀମାନେ ଯୋଗ ଦେଇଥିଲେ । ଏହି ଶିବିରକୁ ଆସିଥିବା ଲୋକମାନେ ଗ୍ରମ୍ୟ ସମସ୍ୟା, ସ୍ୱାସ୍ଥ୍ୟ, ଗ୍ରାମୀଣଆବାସ, ଜମିଜମା ସମ୍ବନ୍ଧୀୟ,ବ୍ୟକ୍ତିଗତ ସମସ୍ୟା ସମେତ ବିଭିନ୍ନ ଅଭିଯୋଗ ଦାଖଲକରିଥିଲେ ।

ମଙ୍ଗଳବାର ୨ ସେପ୍ଟେମ୍ବର ୨୦୨୫, ଭୁବନେଶ୍ୱର
TUESDAY 2 SEPTEMBER, 2025, BHUBANESWAR



'ମିଶୁ ମୋର ଦେହ ଏ ଦେଶ ମାଟିରେ,
ଦେଶବାସୀ ଚାଲି ଯାଆନ୍ତୁ ପିଠିରେ ।
ଦେଶର-ସ୍ୱରାଜ୍ୟ ପଥେ ଯେତେ ଗାଡ଼
ପୂରୁ ତହିଁ ପଡ଼ି ମୋର ମାଂସ ହାଡ଼ ।

## ଗୀତାଜ୍ଞାନ

ସର୍ବଭୂତସ୍ଥିତଂ ଯୋ ମାଂ ଭଜତ୍ୟେକତ୍ୱମାସ୍ଥିତଃ ।
ସର୍ବଥା ବର୍ତ୍ତମାନୋଽପି ସ ଯୋଗୀ ମୟି ବର୍ତ୍ତତେ ।।
ଅର୍ଥ: ଯେଉଁ ପୁରୁଷ ଏକୀଭାବରେ ସ୍ଥିତ ହୋଇ ସମସ୍ତ ପ୍ରାଣୀଙ୍କ ଠାରେ ଆତ୍ମରୂପରେ ସ୍ଥିତ ମୋତେ (ସଚ୍ଚିଦାନନ୍ଦଘନ ବାସୁଦେବଙ୍କୁ) ଭଜନ୍ତି, ସେହି ଯୋଗୀ ସକଳପ୍ରକାରେ କ୍ରିୟାକଳାପ କରୁଥିଲେ ମଧ୍ୟ ମୋ ସହିତ ହିଁ ସକଳ କ୍ରିୟା କରୁଥାନ୍ତି । ।।

# ଆସ୍ଥା ହରାଉଛି ସରକାରୀ ସ୍କୁଲ !

କେନ୍ଦ୍ର ପରିସଂଖ୍ୟାନ ଓ କାର୍ଯ୍ୟକ୍ରମ କାର୍ଯ୍ୟକାରୀତା ମନ୍ତ୍ରଣାଳୟର ଶିକ୍ଷା ସମ୍ପର୍କିତ କମ୍ପ୍ରେହେନସିଭ୍ ମଡ୍ୟୁଲର ସର୍ଭେ ରିପୋର୍ଟରେ କୁହାଯାଇଛି ଯେ, ଚଳିତ ଶିକ୍ଷାବର୍ଷରେ ଦେଶରେ ପ୍ରତି ୪ଜଣରେ ଜଣେ ସ୍କୁଲ ଛାତ୍ର ଅର୍ଥାତ ହାରାହାରି ୨୭ପ୍ରତିଶତ ଛାତ୍ର ପାଠ ବୁଝିବା ପାଇଁ ଘରୋଇ ଟ୍ୟୁସନ ବା କୋଚିଂ ଉପରେ ନିର୍ଭର କରନ୍ତି । ସହରାଚଂଳରେ ୩୦.୭ ପ୍ରତିଶତ ଛାତ୍ରଛାତ୍ରୀ ଘରୋଇ ଟ୍ୟୁସନ ଉପରେ ନିର୍ଭର କରୁଥିବାବେଳେ ଗ୍ରାମାଚଂଳରେ ୨୫.୫ ପ୍ରତିଶତ ନିର୍ଭରଶୀଳ । ତେବେ ଘରୋଇ କୋଚିଂ ପାଇଁ ସହରାଚଂଳରେ ଗୋଟିଏ ପିଲା ପାଇଁ ପ୍ରାଥମିକ ବିଦ୍ୟାଳୟ ସ୍ତରରେ ପ୍ରାୟ ୪୦୦୦ଟଙ୍କା ଖର୍ଚ୍ଚ କରିବାକୁ ପଡୁଥିବା ସମୟରେ ଉଚ୍ଚ ମାଧ୍ୟମିକ ପିଲାଙ୍କ ପିଛା ୧୦,୦୦୦ଟଙ୍କା ବ୍ୟୟ କରିବାକୁ ପଡୁଛି । ରିପୋର୍ଟରେ ଆହୁରି କୁହାଯାଇଛି ଯେ କେବଳ ନବମ ଓ ଦଶମ ଶ୍ରେଣୀରେ ପଢୁଥିବା ୪୪.୬ ପ୍ରତିଶତ ଛାତ୍ରଛାତ୍ରୀ ଘରୋଇ କୋଚିଂ ସେଂଟର ଗୁଡିକରେ ଶିକ୍ଷା ନେଇଥିବା ବେଳେ ଗ୍ରାମାଚଂଳରେ ଏହା ୩୩.୧ ପ୍ରତିଶତ ରହିଛି । ଦେଶବ୍ୟାପୀ ହାରାହାରି ୩୭ପ୍ରତିଶତ ଛାତ୍ରଛାତ୍ରୀ ବିନା କୋଚିଂରେ ପାଠ ବୁଝିପାରୁନାହାଁନ୍ତି । ଯାହାକି ସ୍କୁଲଶିକ୍ଷାର କୁଶଳତା ଓ ପ୍ରାବଲ୍ୟତା ନେଇ ପ୍ରଶ୍ନବାଚୀ ସୃଷ୍ଟି କରିଛି ବୋଲି କୁହାଯାଇପାରେ । କେବଳ ଏତିକି ନୁହେଁ କ୍ଲାସରୁମ ଶିକ୍ଷା ନିଜର ମହତ୍ୱ ହରାଉଥିବା ବେଳେ କୋଚିଂ ସେଂଟର ଗୁଡିକ ଏବେ ପିଲାଙ୍କ ପାଇଁ ଛାୟା ସ୍କୁଲରେ ପରିଣତ ହୋଇଛି । ଏହା ନିସନ୍ଦେହ ଯେ, ଦେଶରେ ଛତୁ ଫୁଟିବା ଭଳି କୋଚିଂ ସେଂଟର ଗଢି ଉଠିଥିବାବେଳେ ସେଗୁଡିକ ପିଲାଙ୍କ ପାଇଁ ପ୍ରତିଯୋଗିତାମୂଳକ ପରୀକ୍ଷା ଲାଗି ପ୍ରସ୍ତୁତ ଏବଂ ଗୁରୁତ୍ୱପୂର୍ଣ୍ଣ ଶ୍ରେଣୀରେ ପରିଣତ ହୋଇଛି । ଉଲ୍ଲେଖଯୋଗ୍ୟ ଯେ, ଏଥିଲାଗି ପରିବାରଗୁଡିକ ସେମାନଙ୍କ ବାର୍ଷିକ ବ୍ୟୟର ୯ରୁ ୧୨ପ୍ରତିଶତ ବ୍ୟୟ କରିଥାନ୍ତି ବୋଲି ରିପୋର୍ଟରେ କୁହାଯାଇଛି । କହିବା ବାହୁଲ୍ୟ ଯେ, ଶ୍ରେଣୀ କକ୍ଷ୍ୟରେ ପିଲାଙ୍କ ପ୍ରତି ଶିକ୍ଷକଙ୍କ ବ୍ୟକ୍ତିଗତ ଧ୍ୟାନର ଅଭାବ ଯୋଗୁଁ ସେମାନେ କୋଚିଂ ମୁହାଁ ହେବାକୁ ବାଧ୍ୟ ହେଉଛନ୍ତି । ସେହିପରି ପିଲାମାନେ କୋଚିଂ ମୁହାଁ ହେବା ପାଇଁ ଶିକ୍ଷକମାନେ ମଧ୍ୟ ଦାୟୀ, ଅଧିକ ଉପାର୍ଜନ ପାଇଁ ଘରୋଇ କୋଚିଂ ପାଇଁ ଶିକ୍ଷକମାନେ ବାଧ୍ୟ କରୁଥିବା ଆଶଙ୍କାକୁ ମଧ୍ୟ ଏଡାଇ ଦିଆଯାଇନପାରେ । ଆମ ରାଜ୍ୟରେ ମଧ୍ୟ ଘରୋଇ କୋଚିଂ ସେଂଟର ମୁହାଁ ଛାତ୍ରଛାତ୍ରୀଙ୍କ ସଂଖ୍ୟା କମ୍ ନୁହେଁ । ରିପୋର୍ଟରେ କୁହାଯାଇଛି ଯେ, ରାଜ୍ୟରେ ପ୍ରାଥମିକରୁ ଉଚ୍ଚମାଧ୍ୟମିକ ସ୍ତରରେ ୫୭.୧ ପ୍ରତିଶତ ଘରୋଇ କୋଚିଂ ସେଂଟର ବିନା ପାଠ ବୁଝିପାରୁନଥିବାବେଳେ ସହରାଚଂଳରେ ୬୬.୬ ପ୍ରତିଶତ ଓ ଗ୍ରାମାଚଂଳରେ ୫୪.୬ ପ୍ରତିଶତ ପିଲା ଘରୋଇ କୋଚିଂ ନେଉଛନ୍ତି । ଉଚ୍ଚ ମାଧ୍ୟମିକ ସ୍ତରରେ ୬୮.୭ ପ୍ରତିଶତ ଛାତ୍ରଛାତ୍ରୀ ଘରୋଇ କୋଚିଂ ଉପରେ ନିର୍ଭରଶୀଳଥିବା କୁହାଯାଇଛି । ସେହିପରି କେନ୍ଦ୍ର ଶିକ୍ଷା ମନ୍ତ୍ରଣାଳୟ ୟୁନିଫାଏଡ ଡିଷ୍ଟ୍ରିକ୍ଟ ଇନ୍‌ଫର୍‌ମେସନ୍ ସିଷ୍ଟମ ଫର ଏଜୁକେଶନ(ୟୁ-ଡାଇଜ୍ ପ୍ଲସ) ୨୦୨୪-୨୫ ରିପୋର୍ଟରେ ଯେଉଁ ତଥ୍ୟ ପ୍ରକାଶ ପାଇଛି, ତାହା ନିଶ୍ଚିତ ଭାବେ ଚିନ୍ତାଜନକ । ରିପୋର୍ଟରେ କୁହାଯାଇଛି ଯେ, ଦେଶରେ ସରକାରୀ ବିଦ୍ୟାଳୟ ସଂଖ୍ୟା ହ୍ରାସ ପାଇଥିବାବେଳେ ଘରୋଇ ସ୍କୁଲ ସଂଖ୍ୟା ବଢିଛି । ସେହିପରି ସରକାରୀ ବିଦ୍ୟାଳୟରେ ଛାତ୍ରଛାତ୍ରୀଙ୍କ ନାମ ଲେଖା ହ୍ରାସ ପାଉଥିବା ସମୟରେ ଘରୋଇ ଶିକ୍ଷାନୁଷ୍ଠାନରେ ନାମଲେଖା ଆଶାତୀତ ଭାବେ ବୃଦ୍ଧି ପାଇଛି । ଉଲ୍ଲେଖଯୋଗ୍ୟ ଯେ, ଦେଶରେ ୧୫ ନିୟୁତ ଉଭୟ ସରକାରୀ ଓ ବେସରକାରୀ ବିଦ୍ୟାଳୟର ୯.୬ ନିୟୁତ ଶିକ୍ଷକ ଏବଂ ୨୬କୋଟି ୪୦ଲକ୍ଷ ଛତ୍ରଛାତ୍ରୀଙ୍କୁ ମତ ନେଇ ଏହି ୟ-ଡାଇଜ ପ୍ଲସ ସର୍ଭେ ରିପୋର୍ଟ ପ୍ରସ୍ତୁତ କରାଯାଇଥିଲା । ତେବେ ସରକାରୀ ସ୍କୁଲରେ ଛାତ୍ରଛାତ୍ରୀଙ୍କ ନାମଲେଖା ହ୍ରାସ ନିଶ୍ଚିତ ଭାବେ ଚିନ୍ତାଜନକ । ଏହା ନିସନ୍ଦେହ ଯେ, ପ୍ରାଥମିକ ଠାରୁ ଆରମ୍ଭ କରି ମାଧ୍ୟମିକ ଓ ଉଚ୍ଚମାଧ୍ୟମିକ ପର୍ଯ୍ୟନ୍ତ ସରକାରୀ ସ୍କୁଲରେ ଗୁଣାତ୍ମକ ଭିତଭୂମି, ତାଲିମପ୍ରାପ୍ତ କର୍ମଚାରୀ ଏବଂ ଉତରଦାୟିତ୍ୱର ଅଭାବ ଯୋଗୁଁ ଅଭିଭାବକ ଓ ପିଲା ଘରୋଇ ବିଦ୍ୟାଳୟ ମୁହାଁ ହୋଇଛନ୍ତି । କହିବା ଅଯଥାର୍ଥ ହେବ ନାହିଁ ଯେ, ସରକାରୀ ବିଦ୍ୟାଳୟରେ ଜଣେ ପିଲା ପିଛା ଯେତିକି ବ୍ୟୟ ହୋଇଥାଏ, ବେସରକାରୀ ବା ଘରୋଇ ଶିକ୍ଷାନୁଷ୍ଠାନରେ ଏହାର ୯ଗୁଣ ଦେୟ ଦେବାକୁ ହୋଇଥାଏ । ଏହା ନିସନ୍ଦେହ ଯେ, ସରକାରୀ ସ୍କୁଲର ଉନ୍ନତି ନେଇ ସରକାରଙ୍କ ବିଫଳତା କେବଳ ସ୍କୁଲ ସଂଖ୍ୟା ହ୍ରାସ ପାଇ ନାହିଁ ଶିକ୍ଷାର ମାନ ମଧ୍ୟ ହ୍ରାସ ପାଇଛି ବୋଲି କୁହାଯାଇପାରେ । ଆମ ରାଜ୍ୟ ମଧ୍ୟ ଏଥିରୁ ବାଦ ପଡିନାହିଁ । ରାଜ୍ୟରେ ୧୨୮ଟି ସରକାରୀ ସ୍କୁଲ ବନ୍ଦ ହୋଇଯାଇଥିବା ଛାତ୍ରଛାତ୍ରୀଙ୍କ ନାମଲେଖା ସଂଖ୍ୟା ମଧ୍ୟ ଗତବର୍ଷ ତୁଳନାରେ ୧,୧୨,୮୫୮ ହ୍ରାସ ପାଇଛି । ଯାହାକି ଅତ୍ୟନ୍ତ ଚିନ୍ତାଜନକ ବୋଲି କୁହାଯାଇପାରିବ । ଏହା ସତ୍ୱେ ୟୁ-ଡାଇଜ ପ୍ଲସ ରିପୋର୍ଟରେ ସରକାରୀ ବିଦ୍ୟାଳୟ ସମ୍ପର୍କରେ ଯେଉଁ ସନ୍ତୋଷଦାୟକ ତଥ୍ୟ ପ୍ରକାଶ ପାଇଛି, ତାହା ହେଉଛି ଶିକ୍ଷକ ସଂଖ୍ୟା ବୃଦ୍ଧି ଓ ଅଧାରୁ ପାଠ ଛାଡୁଥିବା(ଡ୍ରପ ଆଉଟ) ଛାତ୍ରଛାତ୍ରୀଙ୍କ ହ୍ରାସ । ଦେଶ ସ୍ୱାଧୀନ ହେବା ପରଠାରୁ ଚଳିତ ଶିକ୍ଷାବର୍ଷରେ ଦେଶରେ ଶିକ୍ଷକଙ୍କ ସଂଖ୍ୟା ୧କୋଟିରୁ ଅତିକ୍ରମ କରିଛି । ଦେଶରେ ମୋଟ ଶିକ୍ଷକଙ୍କ ସଂଖ୍ୟା ୩,୪୪,୧୧୬କୁ ବୃଦ୍ଧି ପାଇଛି । ଗତବର୍ଷ ଶିକ୍ଷକଙ୍କ ସଂଖ୍ୟା ୩,୩୫,୪୯୬ ଥିଲା । ଆମ ରାଜ୍ୟରେ ଶିକ୍ଷକ ଛାତ୍ର ଅନୁପାତ ୧:୨୨ ଥିବାବେଳେ ଦେଶରେ ୧:୩୦ ରହିଛି । ଯାହା ଏକ ସକରାତ୍ମକ ସନ୍ଦେଶ ଦିଏ ।

# ମହାପ୍ରସାଦ ଓ ଗଙ୍ଗାଜଳ

ଉତ୍କଳାନନ୍ଦ ଅଜୟ କୁମାର ବେହେରା

'ପ୍ରସାଦ' ସବୁ ଦେବାଦେବୀଙ୍କର ମନ୍ଦିରରେ ବା ପୂଜା ପାର୍ବଣରେ ହୁଏ । ପ୍ରସାଦକୁ ଭୋଗ କୁହାଯାଏ । ଭୋଗ ନ ହେବା ପୂର୍ବରୁ ସେହି ଭୋଗ୍ୟ ଉପକରଣ ଗୁଡ଼ିକୁ ଅମଣିଆଁ କୁହାଯାଏ । ମହାପ୍ରସାଦ କେବଳ ଶ୍ରୀଜଗନ୍ନାଥ ମନ୍ଦିରର ପ୍ରସାଦ ହିଁ ସେହି ନାମର ଅଧିକାରୀ । ତାର ପୁଣ୍ୟପ୍ରଦ ଯମ ବି ଏକ ମୋକ୍ଷର ଉଚ୍ଚାରଣ ତାହା ହିଁ ଦିବ୍ୟ ସତ୍ୟର 'ଶପଥ' ହଳପାର ବିଶେଷ ପ୍ରୟୋଗ କରାଯାଉଛି ।



ଏତଦ୍ ସତ୍ୟମ, ଏତଦ ସତ୍ୟମ, ଏତଦ ସତ୍ୟମ । ଏପରି ତିନିଥର ଉଚ୍ଚାରଣ କାହାରି ନିର୍ବନ୍ଧକର୍ମରେ କନ୍ୟା ପକ୍ଷ ବରପକ୍ଷ ଏହି ବହାପ୍ରସାଦକୁ ଧରି କହିଥାନ୍ତି । ବରଯାତ୍ରୀ ବର ସହିତ ଆସି କନ୍ୟାଙ୍କ ଘରେ ବା ଉଦ୍ଦିଷ୍ଟ କଲ୍ୟାଣ ମଣ୍ଡପରେ ପହଞ୍ଚିଲେ କନ୍ୟା ପକ୍ଷର ଲେଶକେ ବରଯାତ୍ରୀ ସମସ୍ତ କୁଣିଆଙ୍କୁ ଏଇ ମହାପ୍ରସାଦ ପ୍ରଥମେ ଦେଇ ଅର୍ଚ୍ଚନା କରିଥାନ୍ତି । ଏପରି ମୂଲ୍ୟବାନ ଖାଦ୍ୟ ନାହିଁ ଯାହା ଚଣ୍ଡାଳ ବା ଭିନ୍ନ ଜାତକ ହାତରୁ ବ୍ରାହ୍ମଣ ବି ଗ୍ରହଣ କରନ୍ତି । ମହାପ୍ରସାଦ ଦିବ୍ୟ ଭୋଜନରେ ଆସେ । ଭୋଜନ ୧୬ ପ୍ରକାର ସବୁଠାରୁ ଶ୍ରେଷ୍ଠ ଭୋଜନରେ ହିଁ ଏହି ଦିବ୍ୟ ଭୋଜନ ମହାପ୍ରସାଦ । ରାଜ ପ୍ରାସାଦରେ ରାଜମହଲରେ ରାଜକୀୟ ଆହାର ଠାରୁ ଏହି ମହାପ୍ରସାଦ ବହୁ ଉଚ୍ଚରେ । ଆହାର ପ୍ରସ୍ତୁତ ଓ ପ୍ରସାଦ ବି ଦୂର ସ୍ଥାନକୁ ତାହା ଗ୍ରାହ୍ୟ ହୋଇନପାରେ, ମାତ୍ର ଶ୍ରୀ ମହାପ୍ରସାଦ ଦୂର ଦେଶକୁ ବିଭିନ୍ନ ହାତ ହୋଇଗଲେ ବି ଗ୍ରାହ୍ୟ ହୋଇଥାଏ । ମହାପ୍ରସାଦ ଏପରି ଜିନିଷ ଯେବେ ଯୋଡ଼ା ଆଷାଢ଼ ପଡ଼େ ମହାପ୍ରଭୁଙ୍କ ନବକଳେବର ହୁଏ । ଦାରୁର ସନ୍ଧାନ, ଦାରୁଙ୍କୁ ନିୟମ ବିଧିରେ ସଂଗ୍ରହ ଓ ଶ୍ରୀକ୍ଷେତ୍ରକୁ ଶଗଡ଼ିରେ ଟାଣି ଟାଣି ବହୁ ହରିବୋଲ ହୁଳହୁଳି ବାଦ୍ୟନାଦ କୀର୍ତ୍ତନାଦି ମଧ୍ୟରେ ଶ୍ରୀମନ୍ଦିରକୁ ଅଣାଯାଇ ନୂତନ ବିଗ୍ରହ କରାଯାଇ ପୁରାତନ ବିଗ୍ରହରୁ ବ୍ରହ୍ମପରିବର୍ତ୍ତନ କରାଯାଇ ପରେ ସିଂହାସନରୂଢ଼ା କରାଯାଇ ପୁନଃ ନିତ୍ୟ ନୀତିକାମ ଧାରାରେ ରଖାଯାଏ । ପ୍ରଭୁଙ୍କର ମହାପ୍ରସାଦର ଲୀଳା ଏ ମଧ୍ୟରେ ଓଡ଼ିଶାରେ ପୁର ପଲ୍ଲୀରେ ସ୍ମୃତି ରଖିବାରେ ଏହି ସମୟରେ ଅଭଢ଼ା, ନିର୍ମାଲ୍ୟ ପଦରେ ଏକି ପୁଅପିଲା ବା ଝିଅ ପିଲା ଅନ୍ୟ ଏକ ପୁଅ ବା ଝିଅ ପିଲା ସହିତ ଏକ ସମ୍ବନ୍ଧରେ ବନ୍ଧାଯାଏ । ରକ୍ତ ସମ୍ପର୍କ ପରି ସଇସଙ୍ଗାତ ସମ୍ବନ୍ଧ ଆମର ବନ୍ଧୁତ୍ୱରେ ଆତ୍ମବନ୍ଧୁ, ପିତୃବନ୍ଧୁ, ମାତୃବନ୍ଧୁ ଜ୍ଞାତି କୁଟୁମ୍ବ ପରି ଏହି ମହାପ୍ରସାଦ ଦିଆବନ୍ଧୁ ନିବିଡ଼ ସମ୍ପର୍କରେ ରହେ । ସୂର୍ଯ୍ୟବନ୍ଧୁରେ ଏହି ସମ୍ବନ୍ଧ ବହୁ ଉଚ୍ଚରେ ରହିଥାଏ । ଏକ ଗୁରୁଙ୍କ ଠାରୁ ଦୀକ୍ଷିତ ବ୍ୟକ୍ତିମାନେ ବି ନିବିଡ଼ ସମ୍ବନ୍ଧରେ ରହନ୍ତି ମାତ୍ର ଆଦର୍ଶ ରକ୍ଷାରେ ଅନେକ ହେଳା ଲୋକେ ଏବେ କରୁଛନ୍ତି । ଗଙ୍ଗାଜଳ ମଧ୍ୟ ଏହିପରି ନାରୀମାନେ ମାସିକ ରଜସ୍ରାବ ପରେ ଗଙ୍ଗାଜଳରେ ଶୌଚ ସ୍ନାନ କରିବ ଶୁଦ୍ଧ ମନେକରନ୍ତି । ଗଙ୍ଗାଜଳ କେବେ ପଚେ ବା ସଢ଼ି ଦୁର୍ଗନ୍ଧ ହୁଏନାହିଁ । ଏଥିରେ ଜୀବାଣୁ ବଂଶ ବିସ୍ତାର କରିପାରନ୍ତି ନାହିଁ । ତେବେ ଗଙ୍ଗାତୀର୍ଥ ପ୍ରୟାଗରାଜରୁ ଉପରକୁ ଉପରକୁ ଗଙ୍ଗାଙ୍କ ଉପରେ ମୁଣ୍ଡକୁ ଯେତେ ବାଟ ବଦ୍ରୀବିଶାଳ ଯାଏ ବା ଗଙ୍ଗୋତ୍ରୀ ଯାଏ ଯାଇ ପାରିବେ ସେତେ ଶୁଦ୍ଧ ଗଙ୍ଗାଜଳ ମିଳିଥାଏ । ଗଙ୍ଗାନଦୀରେ ଏ ସମୟରେ ବିଭିନ୍ନ ସହରାଞ୍ଚଳର ଆବର୍ଜନାମିଶା ପରିତ୍ୟକ୍ତଜଳ, କଳକାରଖାନାର ଜଳ, ଉତ୍ତରାଖଣ୍ଡ, ଉତ୍ତରପ୍ରଦେଶ, ବିହାର ଓ ପଶ୍ଚିମବଙ୍ଗରେ ବିଭିନ୍ନ ସ୍ଥାନରେ ମିଶୁଛି ଫଳରେ ଗଙ୍ଗା ମୁହାଣ ଯାଏ ଅପେକ୍ଷାକୃତ ଶୁଦ୍ଧତା ରହୁନାହିଁ । ଏହି ଗଙ୍ଗା ବିଷ୍ଣୁଙ୍କ ପାଦ ନଖକୋଣରୁ ବାହାରିଛନ୍ତି ଓ ଶିବଙ୍କ ମସ୍ତିଷ୍କଜଟା ବାଟେ ପୃଥିବୀକୁ ଆସି ବହି ଯାଉଛନ୍ତି । ଶିବ, ବିଷ୍ଣୁ ସମ୍ବନ୍ଧ ଗଙ୍ଗାମାଆଙ୍କର ଅଛି । ଏଇ ଗଙ୍ଗାଜଳ ପ୍ରକୃତରେ କୈବଲ୍ୟ ସମତୁଲ୍ୟ ସନାତନ ଧର୍ମର ଧରାଯାଇଛି । ଲୋକେ ଭାବନ୍ତୁ ମାଆ ଗର୍ଭଧାରଣରେ ମାଆ କେତେ ଗୋଇଠା ଭୃଣର ପରିପୃକ୍ତ ଠାରୁ ଗର୍ଭମୋକ୍ଷ ପର୍ଯ୍ୟନ୍ତ ଖାଇନାହାଁନ୍ତି । ଟିକି ପିଲା ମାଆ କୋଳରେ ଥିବା ବେଳେ ପିଲାର କେତେ ଗୋଇଠା ମାତାଙ୍କୁ ଦେଇ ନାହାନ୍ତି । ହେଲେ ମାଆ ତାକୁ ଧରି ନାହାଁନ୍ତି କି ଏ ପାଇଁ ମାଆଙ୍କର ଅଭିଶାପ ନାହିଁ । କ୍ଷମାଶୀଳା ମାଆ ସଦା କଲ୍ୟାଣ ମୁଖର । ଏପରି ଗଙ୍ଗା ସ୍ନାନ ପାଇଁ ଗଲେ ଲାକେ ଗଙ୍ଗାଜଳରେ ପାଦ ହିଁ ପ୍ରଥମେ ପକାଉଛନ୍ତି । ଯାହା ମାଆଙ୍କୁ ଗୋଇଠା ମାରିବା ସହିତ ସମାନ । ହେଲେ ସେ ଗଙ୍ଗାମାଆ ସଦା କଲ୍ୟାଣକାରୀ ଦେବୀ ମାଆ ।

ମହାପ୍ରସାଦ ଓ ଗଙ୍ଗାଜଳକୁ ଆମେ ସମ୍ମାନ ଜଣାଇବା ସହିତ ଏହାର ବିଶୁଦ୍ଧତା ପାଇଁ ଓ ତାକୁ ରକ୍ଷା ପାଇଁ ଏକ ଏକ ସଂକଳ୍ପ କରି ଯୋଦ୍ଧା ରୂପରେ କାର୍ଯ୍ୟ କରିଯିବା ନିହାତି ଆବଶ୍ୟକ । ଏହା ସଦା ପବିତ୍ରକରଣରେ ଆମର ସହାୟକ ।

ବରେଣ୍ୟ ବାଣୀ' ପିସି ସରକାର ଲେନ୍, ଅରୁଣୋଦୟ ମାର୍କେଟ, କଟକ, ଦୂରଭାଷ : ୯୪୩୭୦୩୧୨୫୩

# ସିଜନାଲ ଆଫେକ୍ଟିଭ ଡିଜଅର୍ଡ଼ର

ଡାକ୍ତର ସମ୍ରାଟ କର

ବର୍ଷାତ ଦିନକୁ ଦିନ ବଢ଼ିଲାଣି । ସେ ଦିନ ବର୍ଷାଭିଜା ସକାଳୁ କ୍ଷୀପ୍ର ଲିପିକାର ବନ୍ଧୁ ଶ୍ରୀକାନ୍ତଙ୍କ ଫୋନ କଲଟି ପାଇଲି । ସେ ତାଙ୍କ ଭାଇଙ୍କ ବିଷୟରେ ବୁଝିବା ପାଇଁ ଚାହୁଁଥିଲେ । ତାଙ୍କ ଭାଇ ଏକ କର୍ମ ସଂସ୍ଥାନରେ ବୃତ୍ତିଗତ ଦାୟିତ୍ୱରେ ଅଛନ୍ତି । ତେବେ ତାଙ୍କ କହିବା ମୁତାବକ ସେ ତାଙ୍କ ଭାଇଙ୍କ ମାନସିକ ଅସ୍ୱସ୍ତିକର ଅବସ୍ଥାକୁ ଏକ ବିଲକ୍ଷଣ ଭାବେ ଭାବୁଛନ୍ତି । ତାଙ୍କ ଭାଇଙ୍କର ଯଦିଓ କୌଣସି ମାନସିକ ସମସ୍ୟା ନଥିଲା କିନ୍ତୁ ସେ ମୋ ସହିତ ପରାମର୍ଶ ମାଗିବାରୁ ମୁଁ ତାଙ୍କୁ କହିଲି ତୁମେ ଏ ନେଇ ସେପରି ବ୍ୟସ୍ତ ହୁଅନାହିଁ । କାରଣ ବାସ୍ତବ କଥା ହେଉଛି ବର୍ଷା ଦିନେ ଅନୁଭୂତ ହେଉଥିବା ଅବସାଦକୁ ସିଜନାଲ ଆଫେକ୍ଟିଭ ଡିଜଅର୍ଡ଼ର ବା ସ୍ୟାଡ୍ କୁହାଯାଏ । ଏହି ଋତୁରେ କମ ସୂର୍ଯ୍ୟରଶ୍ମୀ ଯୋଗୁଁ ଶରୀରର ଆଭ୍ୟନ୍ତରୀଣ ସମୟସାରଣୀ ସିକାଡିଆନ ରିଦିମରେ ବିଭ୍ରାଟ ଘଟି ଆମର ମାନସିକ ଅବସ୍ଥାକୁ ପରିଚାଳନା କରୁଥିବା ମସ୍ତିଷ୍କର ସିରୋଟୋନିନ ନାମକ ରାସାୟନିକ ପଦାର୍ଥର କ୍ଷରଣ କମିଯାଇଥାଏ । ସେଥିପାଇଁ ମନରେ ଅବସାଦ ସୃଷ୍ଟି ହୋଇଥାଏ । ଏହାର ଲକ୍ଷଣ ସ୍ୱରୂପ ମନରେ ଦୁଃଖ ବା ନୈରାଶ୍ୟଜନକ ଚିନ୍ତାଧାରା ଆସିଥାଏ । ଅଧିକ ନିଦ୍ରା ଯିବା ସତ୍ତ୍ୱେ ନିଜକୁ କ୍ଳାନ୍ତ ତଥା କମ ଶକ୍ତି ସଂପନ୍ନ ମନେହୁଏ । ସକାଳୁ ନିଦରୁ ଉଠିବାକୁ ଇଚ୍ଛା ହୁଏନାହିଁ । ଶର୍କରାଜାତୀୟ ଖାଦ୍ୟ ପ୍ରତି ଅହେତୁକ ଦୁର୍ବଳତା ବଢ଼େ । ଆଗରୁ ଭରପୁର ଉପଭୋଗ କରୁଥିବା କାର୍ଯ୍ୟକଳାପ ପ୍ରତି ଆସକ୍ତି କମିଯାଏ । କୌଣସି ନିଷ୍ପତ୍ତି ନେବାରେ ଦ୍ୱିଧା ଲାଗେ । ସାଙ୍ଗସାଥୀ ଓ ବନ୍ଧୁବାନ୍ଧବଙ୍କ ଠାରୁ ଦୂରେଇ ରହିବାକୁ ଇଚ୍ଛା ହୁଏ । କାରଣ ନଥାଇ ଆଣ୍ଠୁଗଣ୍ଠି ଓ ମୁଣ୍ଡବିନ୍ଧା ହୁଏ । ବେଳେ ବେଳେ ମନରେ ଆତ୍ମହତ୍ୟା ପ୍ରବଣତା ଉଦ୍ରେକ ହୁଏ ।

ଏହି ସମସ୍ୟାକୁ ମାନସିକ ଚିକିତ୍ସା ବ୍ୟବସ୍ଥାରେ ସ୍ୟାଡ୍ ବୋଲି ବୁଝିଥାଉ । ତେବେ ସ୍ୟାଡ୍ କବଳରୁ ବର୍ତ୍ତିବା ପାଇଁ ଦିନ ବେଳା ବାହାରେ ଅଧିକ ସମୟ ବୁଲାବୁଲି କରିବା ଭଲ । ଏହାଦ୍ୱାରା ଶରୀରରେ ସିରୋଟୋନିକ ସ୍ତର ବଢ଼ିପାରିବ ଏବଂ ସିକାର୍ଡ଼ିଆନ ରିଦିମ ସୁସଂଗତ ହୋଇ ଅବସାଦ କମିଯିବ । ଏଥି ସହିତ ଯୋଗ, ନୃତ୍ୟ, ଜଗିଂ ବା ୱାର୍କଆଉଟ ପରି ନିୟମିତ ଶାରୀରିକ ବ୍ୟାୟାମ ମଧ୍ୟ ଜରୁରୀ । ଏହାଦ୍ୱାରା ଏଣ୍ଡୋର୍ଫିନସ ନାମକ ହରମୋନ କ୍ଷରଣ ତ୍ୱରିତ ହୁଏ, ଯାହା ପ୍ରାକୃତିକ ଭାବେ ମନୋଭାବକୁ ଉନ୍ନତ କରିଥାଏ । ସନ୍ତୁଳିତ ଆହାର ମଧ୍ୟ ଉପଶମ ଆଣିବାରେ ସହାୟକ ହୁଏ । ବିଶେଷକରି ଓମେଗା-୩ ଚର୍ବିଳାମ୍ଳ, ଭିଟାମିନ ଡି, ଭିଟାମିନ ବି ଓ ମ୍ୟାଗ୍ନେସିୟମ ଖଣିଜସାର



ସଂପନ୍ନ ଖାଦ୍ୟ ଖାଇଲେ ଅବସାଦର ଲକ୍ଷଣ ସବୁ ଦୂରେଇଯିବ । ସେହିପରି ଅନ୍ୟ ମାନଙ୍କ ସଂସ୍ପର୍ଶରେ ଆସି ସାମାଜିକ ଭାବ ବିନିମୟ ବଜାୟ ରଖିବା ଦ୍ୱାରା ଏକାକୀତ୍ୱ ଦୂର ହୋଇଯିବା ସହ ସମର୍ଥନ ଓ ପ୍ରୋତ୍ସାହନ ମିଳିପାରିବ । ଚିତ୍ର ଆଙ୍କିବା, ବହି ପଢ଼ିବା କି ସଂଗୀତ ପରିବେଷଣ କରିବା ପରି ନିଜର ମନପସନ୍ଦର କାର୍ଯ୍ୟକଳାପରେ ମଜ୍ଜି ଯିବା ମଧ୍ୟ ଏ ଦିଗରେ ଉପାଦେୟ ।

ଏହାଦ୍ୱାରା ମନରୁ ନକାରାତ୍ମକ ଚିନ୍ତାଧାରା ଦୂର ହୋଇଯିବା ସହ ପୂର୍ଣ୍ଣତା ଲାଭ ହେଲା ଭଳି ଅନୁଭବ ମିଳିଥାଏ । ଯଦି ଯାବତୀୟ ପତ୍ରିକାର ସତ୍ତ୍ୱେ ସ୍ଥିତିରେ କୌଣସି ସୁଧାର ନ ଆସେ, ତେବେ ମାନସିକ ରୋଗ ବିଶେଷଜ୍ଞଙ୍କ ସହ ପରାମର୍ଶ କରିବା ନିହାତି ଜରୁରୀ । ଏସବୁ କ୍ଷେତ୍ରରେ ପୀଡ଼ିତଙ୍କ ପାଖ ଲୋକଙ୍କର ଗୁରୁତ୍ୱପୂର୍ଣ୍ଣ ଦାୟିତ୍ୱ ରହିଛି । ତାଙ୍କୁ କୌଣସି ଅସ୍ୱସ୍ତିକର ଆଲୋଚନାରେ ସମ୍ପୃକ୍ତ କରନ୍ତୁ ନାହିଁ ବରଂ ତାଙ୍କ ଖାଦ୍ୟ ଓ ବିଶ୍ରାମର ଦିଗକୁ ଟିକେ ଦେଖନ୍ତୁ । ସୁଷମ ଖାଦ୍ୟ ପ୍ରଦାନ କରନ୍ତୁ, ସମସ୍ତ ପ୍ରକାର ନିଶାଦ୍ରବ୍ୟ ଠାରୁ ଦୂରେଇ ଯେପରି ଏକ ଚିନ୍ତାମୁକ୍ତ ଓ ପ୍ରଫୁଲ୍ଲିତ ସମୟ କାଟିବ ସେ ଦିଗକୁ ଦୃଷ୍ଟି ଦିଅନ୍ତୁ । ପ୍ରଥମେ ପ୍ରଥମେ ପୀଡ଼ିତା ଜଣଙ୍କ ଅସହଯୋଗ ଓ ବିରକ୍ତିକର କରିପାରନ୍ତି । କିନ୍ତୁ ବାସ୍ତବକଥା ହେଉଛି ତାଙ୍କୁ ସବୁ କଥାରେ ସମର୍ଥନ ଦେବା ସହ ଭଲପାଇବା ଓ ପ୍ରେରଣା ସହ ସୁଖଦୁଃଖ ବାଣ୍ଟି ତାଙ୍କ ମାନସିକତାକୁ ଉଜ୍ଜୀବିତ କରାଯାଇପାରିବ । କୌଣସି ପରିସ୍ଥିତିରେ ପୀଡ଼ିତ ଜଣଙ୍କୁ ବିରକ୍ତି କର ଆଘାତ ପାଇବା ପରି କଥା କୁହନ୍ତୁ ନାହିଁ । ଯଥା ସମ୍ଭବ ଶୋଇବା ଓ ଖାଇବା ଦିଗକୁ ଦୃଷ୍ଟି ଦେବା ସହ ଯୋଗ ଅଭ୍ୟାସ ଓ ଶାରୀରିକ ଅଭ୍ୟାସ ଖୁବ ଭଲ । ପଢ଼ିବା ପାଇଁ ଚାହିଁଲେ ତାଙ୍କ ମନ ପସନ୍ଦର ପୁସ୍ତକ ଦିଅନ୍ତୁ । ବୁଲିଯିବା ପାଇଁ ଇଚ୍ଛା କରୁଥିଲେ ଦେବାଳୟ ବ୍ୟତୀତ ପ୍ରାକୃତିକ ନୈସର୍ଗୀକ କ୍ଷେତ୍ର ସବୁଜ ବନାନୀ ପାହାଡ଼ ନଦୀ ସମୁଦ୍ର କୂଳ ଏସବୁ ସ୍ଥାନକୁ ଭ୍ରମଣ ପାଇଁ ନେଇପାରନ୍ତି ।

ତାଙ୍କ ଭିତରେ ମାନସିକ ଭାବେ ଯେ କୌଣସି ସମସ୍ୟା ଯେ ରହିଛି ସେ ଯେପରି ନ ଭାବନ୍ତି ବା ନବୁଝନ୍ତି ସେ ଦିଗକୁ ଆପଣ ଦେଖନ୍ତୁ । ଅନେକ କ୍ଷେତ୍ରରେ ଦେଖାଯାଏ ପୀଡ଼ିତର ଆଖପାଖ ଲୋକଙ୍କ ସମସ୍ୟା କଥାରେ ନାହିଁ 'ଦେଉଳରୁ ମୁଖଶାଳା ବଳିଯାଏ' । ମାନସିକ ରୋଗ ବିଶେଷଜ୍ଞଙ୍କ ଉପରେ ଭରଷା ଓ ଆସ୍ଥା ରଖନ୍ତୁ ସେ ଆପଣଙ୍କୁ ଏ କ୍ଷେତ୍ରରେ ନୂଆ ଜୀବନର ଆନନ୍ଦ ଭରି ଦେବା ପାଇଁ କାର୍ଯ୍ୟ କରୁଥିବାରୁ ଚିକିତ୍ସା ସମ୍ବନ୍ଧିତ ସମସ୍ତ ତଥ୍ୟ ତାଙ୍କୁ ସୂଚୀତ କରିବେ । କୌଣସି କଥା ଗୋପନୀୟ ରଖିବେ ନାହିଁ । ପୀଡ଼ିତ ଜଣଙ୍କୁ ଧୈର୍ଯ୍ୟପୂର୍ଣ୍ଣ ଭାବେ ଦାୟିତ୍ୱ ଗ୍ରହଣ ବେଳେ ଏ ନେଇ ସର୍ବପ୍ରଥମେ ଆପଣ ମାନସିକ ଭାବେ ନିଜକୁ ସୁସ୍ଥ ଓ ପ୍ରଫୁଲ୍ଲିତ ରଖନ୍ତୁ । ଦେଖିବେ ଏହା ସେପରି ବଡ଼ ସମସ୍ୟା ହୋଇ ଆପଣଙ୍କ ପାଇଁ ରହିବ ନାହିଁ ।

ମାନସିକ ରୋଗ ବିଶେଷଜ୍ଞ, ଦି'ବ୍ରେନ୍, ପୁରୀଘାଟ ରୋଡ଼, କଟକ

# ଝିଅଟିର ନାଁ ଶବରୀ

ଅନୀତା ପଟ୍ଟନାୟକ

ଶବରୀ ନାନୀର ଆମ ଘରେ ଭାରି ପ୍ରଭାବ । କୋରାପୁଟର କଲମପୁରର ନିପଟ ମଫସଲି ଗାଉଁଲି ଘରେ ତାର ଜନ୍ମ ହୋଇଥିଲା ବୋଲି ବାପା କହୁଥିଲେ । ଘର ଭିତରେ ମୁଣ୍ଡରେ ଓଢ଼ିଣା ଦେଇ କସ୍ତା ଧଳା ଶାଢ଼ୀଟିଏ ପିନ୍ଧି ଘରର ସବୁ କାମ କରେ । ସେ ଘରୁ ବାହାରକୁ ପାଦ ଦିଏ ନାହିଁ । ବଜାରରେ କେବେ କିଣାବିକା କରେ ନାହିଁ । ବାପା କହନ୍ତି ସେ ଆଦିବାସୀ ଅଧ୍ୟୁଷିତ କୋରାପୁଟର ଜଙ୍ଗଲରେ ଝିଅଟିଏ । ଏଣେ ତେଣେ ବୁଲୁଥିବା ବେଳେ ତାକୁ ନେଇ ଆସି ତାର ନାଁ ଦେଇଥିଲେ ଶବରୀ । ଆମ ଘରକୁ ବିଭିନ୍ନ ପ୍ରକାର ଖବର କାଗଜ ଆସେ । ଶବରୀ ସେ ସବୁ ଖବର କାଗଜ ନାଁ 'ସମାଜ' ବୋଲି ଜାଣିଥିଲା । ବୋଉ ବାପା ବିଭିନ୍ନ ସମ୍ବାଦପତ୍ରର ନାଁ ଧରି ତାକୁ ଆଣିବାକୁ କହିଲେ ସେ କୌଣସି ଗୋଟିଏ ଖବରକାଗଜକୁ ଆଣି 'ସମାଜ' ଆଣିଚି କହି ଦେଇ ଦିଏ । ବାପା ହସି ଦେଲେ କେଣେ ହସୁଚ ବୋଲି କୁହେ । ମୁଁ ବାଧ୍ୟ ହୋଇ ଖବର କାଗଜଟିକୁ ରଖିଦେଇ 'ଟାଇମ୍ସ ଅଫ ଇଣ୍ଡିଆ' ଓ ଅନ୍ୟାନ୍ୟ କାଗଜ ଆଣି ଦିଏ । ସବୁବେଳେ କୁହେ 'ମୁଇଁ ପାଠ ପଢ଼ିଛି କି ?' ଶବରୀ ଜାଣିବାରେ ଖବରକାଗଜ ଗୁଡ଼ିକ ଘରର ଅଦରକାରୀ ଜିନିଷ ସେଗୁଡ଼ିକ ମାସ ଶେଷରେ ବିକ୍ରି ହେଲେ ଯାହା କିଛି ରେଜା ପଇସା ମିଳୁଥିଲା ବାପାଙ୍କ କହବା ମୁତାବକ ମା'ତାକୁ ବିକ୍ରି କରି ଶବରୀକୁ ଦେଇ ଦେଇଥିଲା । ଅଙ୍କ ଜାଣିନଥିବା ଦେଢ଼ ଟଙ୍କା ଓ ଅଢ଼େଇ ଟଙ୍କା ମଧ୍ୟରେ ପାର୍ଥକ୍ୟ ଜାଣି ନଥିବା ଶବରୀ ବାପା ଅଫିସରୁ ଫେରିଲେ ବାପାଙ୍କୁ କହେ 'ମା ମତେ ଦେଢ଼ଟଙ୍କା ଦେଇଚେ, ମୁଁ ମୋର ଖୁଟ ତଳେ ରଖିଚେ ।' ବାପା, ମାଆ ଅନାଅନି ହୋଇ ହସି ଦିଅନ୍ତି ।

ଆମ ଘରେ ସ୍ଥିର ହେଲା ଶ୍ରୀକ୍ଷେତ୍ରକୁ ଯିବା ପାଇଁ । ସେ ଜଗନ୍ନାଥଙ୍କୁ ପୂଜା କରେ । ସେ ଘରେ ଫୁଟିଥିବା ମନ୍ଦାରଫୁଲ ତାଙ୍କ ମୁଣ୍ଡରେ ଦିଏ । ସବୁବେଳେ କୁହେ 'ମୁଇଁ ପିଲା ଦିନେ ଯାକୁ ଦେଖିଲେ ଭାରି ଭଲଟା ମୁଁ ତାକେ ପୂଜା କରେ ସେ ମୋର କଥା ଶୁନେ । ସେ ମତେ ବାବୁଲେ ଦେଖାଇଲା । ବାବୁ ମତେ ଘିଚିଂ କରି ନେଇଆସିଲା ।' ଆମଘରେ ପୁରୀକୁ ଯିବା ପାଇଁ କଥାବର୍ତ୍ତା ହେଉଥିବା ସମୟରେ ବାପା-ସମସ୍ତଙ୍କୁ ଶୀଘ୍ର ଶୀଘ୍ର ବାହାରିବା ପାଇଁ କହିଲେ । ଶବରୀ ଆଡ଼କୁ ଅନାଇ କହିଲେ ସବୁ କାମ ସାରି ଶୀଘ୍ର ବାହାରିବୁ । ତାର ଭାଷାରେ କହିଲେ ତୋର ଦିଅଁ କେ ଦେଖବୁ । ମା' ଚାହୁଁ ନଥିଲେ ଶବରୀ ଯାଉ ସ ସେ ଘର ଜଗି କି ରହୁ । ସେ ଘରର ଗୋଟିଏ ବିଶ୍ୱସ୍ତ ଜୀବ କହିଲେ ଚଳେ । ମୋର ବାପା ମା' ପାଇଁ ଗୋଟିଏ ଷ୍ଟିଲ ଆଲମିରା ଆଣିଥିଲେ । ସେ ଥିଲେ ଗୋଟିଏ ଗୋଲିଆ ଟିଣରେ ଗୋଦରେଜ' ଲେଖାଯାଇଥିଲା । ଘରେ ସମସ୍ତେ ଗଜରେଜ କହୁ କହୁ ସେ ଶବ୍ଦଟା ଶବରୀ ଜାଣିଲା । ଦିନେ ବାପାଙ୍କୁ କହିଲା 'ମୋର ଟିଣ ବାକ୍ସରେ ମୋର ଲୁଗା ରଖି ନାହିଁ ମୋର ଗଜରେଜ' ଦରକାର । ବାପା, ମାଆଙ୍କର ସେହି ଟିଣ ଆଲମିରାଟିକୁ ଶବରୀ ଦେଇ ଦେଇ ପରବର୍ତ୍ତୀ ଅବସ୍ଥାରେ ମା'ଙ୍କ ପାଇଁ ଗୋଟିଏ ଗୋଦରେଜର ଆଲମାରୀ ଆଣିଦେଇଥିଲେ । ବାପା ମୋ ଆଡ଼କୁ ଅନାଇ କହିଲେ କାଲି ସକାଳ ୫ଟାରେ ଗୋଟାଏ ଓଲା ବୁକ୍ କରିଦେବୁ । ଆମ ଶବରୀ ଓଲାରେ ବସି ଆମ ସହ ପୁରୀକୁ ଯିବ । ଏକଥା ଶୁଣି ଶବରୀ କହିଲା, 'ନାଇଁ ଲୋ ବାବା ମୁଁ ପୁରୀ ନାଇଁ ଯାଏ । ମୁଁ କୋଉ ଓଲା ସଙ୍ଗେ ନାଇଁ ଯାଏ । ଓଲା ମତେ କେଣେ ନେଇଯିବ । ଓଲା କିଛି ଜାଣେନା । ମତେ କୋଉଠି ବିକି ଦେବ । ମୁଇଁ ଘର ଜଗି କରି ରହିବି । କୋଉ ଓଲା ପିଲା ସାଙ୍ଗେ ଯିବିନି ମୋତକ ଡର ଲାଗୁଚେ ।'

ଆମେ ଯେତେ ବୁଝାଇଲୁ ଓଲା ଗୋଟିଏ କମ୍ପାନୀର ନାମ ଯେକି ଗାଡ଼ି ବ୍ୟବସାୟ କରନ୍ତି ଓ ସେହି କମ୍ପାନୀ ଗାଡ଼ିରେ ଆମେ ପୁରୀ ଯିବା, ମହାପ୍ରସାଦ ଖାଇବା, ସମୁଦ୍ର କୂଳରେ ବୁଲିବା ଇତ୍ୟାଦି ଇତ୍ୟାଦି । ଶବରୀ କିନ୍ତୁ ମାଁଙ୍କ ଫଣଫଣିଆ ମୁହଁ ଦେଖି ଜାଣିଲ । ତାଙ୍କ ସହ ଏକା ସଙ୍ଗରେ ଶବରୀ ଯାଉ ସେ କଥାରେ ଚାହୁଁନାହାଁନ୍ତି କାରଣ ମା ଥରେ ବି ଶବରୀକୁ ପୁରୀ ଯିବା ପାଇଁ କହିନଥିଲେ । ଖାଲି ଖୁସି ହୋଇ କହୁଥାନ୍ତି ଓଲା କେତେବେଳେ ଆସିବ । ଶବରୀ ବୁଝି ପାରିଲା କିଛି ଗୋଟେ ମାଁଙ୍କ ମନ୍ଦ ଉଦ୍ଦେଶ୍ୟ ଅଛି । କୋଉ ଗୋଟା ଓଲାକୁ ଡାକି ଜଙ୍ଗଲରେ ଛାଡ଼ି ଦେଲେ ତାର କ'ଣ ଅବସ୍ଥା ହେବ । ତେଣୁ ସେ ପୁରୀ ଗଲାନାହିଁ । ଆମେ ସମସ୍ତେ ପୁରୀ ଗଲୁ । ବହୁତ ବୁଲାବୁଲି କଲୁ । ମଜା କଲୁ । ଶବରୀ ଘର ଜଗି ରହିଲା । ମା' ତା ପାଇଁ ଗୋଟିଏ ଧଳା ଶଙ୍ଖ ଟିଏ ବଡ଼ଦାଣ୍ଡରୁ କିଣିଲେ । କହିଲେ ସେ ବଣଭାଲୁ ଶଙ୍ଖଟାକୁ ଠିକ ବୁଝି ପାରିବ ଓ ସନ୍ଧ୍ୟାରେ ବଜାଇବ । ଘରକୁ ଫେରି ମା' ଶଙ୍ଖଟିକୁ ନେଇ ତାକୁ ଦେଲେ କହିଲେ ସଞ୍ଜ ବେଳେ ଏହାକୁ ତିନିଥର ଫୁଙ୍କିବ । କିନ୍ତୁ ଏ କ'ଣ ସେ ଆଶ୍ଚର୍ଯ୍ୟ ହୋଇ ଦେଖିଲେ ତାର ଜଗନ୍ନାଥଙ୍କ ମୁଣ୍ଡ ଉପରେ ସୁନ୍ଦର ସୁନ୍ଦର ମନ୍ଦାର ଫୁଲ ଦିଆଯାଇଛି । ଫଟୋରୁ ମହୁ ଝରୁଛି ଓ କଳା ପିମ୍ପୁଡ଼ି ସେଠାରେ ମନ୍ଦା ମନ୍ଦା ହୋଇ ବସିଛନ୍ତି ।

ଅବସରପ୍ରାପ୍ତ ପ୍ରାଧାପିକା, ସିଡ଼ିଏ, କଟକ, ଦୂରଭାଷ : ୯୬୯୨୯୮୦୦୨୬



## କୁଶଭଦ୍ରା ନଦୀକୁ ପୁନର୍ବାର ଚିରସ୍ରୋତା କରିବା ପାଇଁ ସଂକଳ୍ପ ନେଲେ ଯୁବଗୋଷ୍ଠୀ

ଗୋପ, ୧।୯:(ମନ୍ଥନ)ସାମ୍ପ୍ରତିକ ସମୟରେ ରାଜ୍ୟର ଅଧିକାଂଶ ନଦୀରେ ବନ୍ୟା ପରିସ୍ଥିତି ଉପୁଜିଥିବା ବେଳେ କୁଶଭଦ୍ରା ନଦୀରେ ପାଣି ଦେଖିବାକୁ ମିଳୁନି ।ରାଜ୍ୟର ୩ଟି ନିର୍ବାଚନ ମଣ୍ଡଳୀର ୪ଟି ବ୍ଲକର ଜନସାଧାରଣ ନିର୍ଭର କରୁଥିବା କୁଶଭଦ୍ରା ନଦୀ ଆଜି ସୁପ୍ତ ହୋଇପଡିଛି ।ଏହାକୁ ପୁନର୍ବାର ଚିରସ୍ରୋତାରେ ପରିଣତ କରିବା ନିମନ୍ତେ କୁଶଭଦ୍ରା କାନ୍ଧୁଛି ପରିବାର ପକ୍ଷରୁ ସ୍ଥାନୀୟ ଶ୍ରୀରାମ ମଣ୍ଡପ ଠାରେ ଏକ ସାମ୍ବାଦିକ ସମ୍ମିଳନୀ ଅନୁଷ୍ଠିତ ହୋଇଯାଇଛି। କୁଶଭଦ୍ରା କିଭଳି ତା'ର ପୂର୍ବ ହୃତ ଗୌରବ ଫେରିପାଇବ ସେ ସମ୍ବନ୍ଧରେ ବିଷଦ ଆଲୋଚନା କରାଯାଇଥିଲା । ଏହାର ପୁନଃଉଦ୍ଧାର, ମୁହାଣ ଖନନ, ସୁରକ୍ଷାର ଆବଶ୍ୟକତା ରହିଛି ବୋଲି ସମସ୍ତେ ମତପ୍ରକାଶ କରିଥିଲେ। କେବଳ ସରକାରୀ ଯନ୍ତ୍ରୀ, ନେତା ମନ୍ତ୍ରୀ ଚାହିଁଲେ ଯେ, ଏହାର ସମାଧାନ ହୋଇଯିବ ତା' ନୁହେଁ ସମସ୍ତ ଜନସାଧାରଣ ଏଥିପାଇଁ ସଚେତନ ହେବାସହ ଏହାର ସୁରକ୍ଷା ନିମନ୍ତେ ଆବଶ୍ୟକ ପଦକ୍ଷେପ ନେବା ଦରକାର । କୁଶଭଦ୍ରା କାନ୍ଧୁଛି ପରିବାରର ଆବାହକ ବିକାଶ ବାରିକଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ସଭାରେ ବରିଷ୍ଠ ଶିକ୍ଷାବିତ ଯୋଗେନ୍ଦ୍ର ଚନ୍ଦ୍ର ମିଶ୍ର, ନିମାପଡ଼ା ମହାବିଦ୍ୟାଳୟ ଅଧ୍ୟାପକ ମାନସ ରଞ୍ଜନ ସ୍ୱାଇଁ କୁଶଭଦ୍ରା ନଦୀର ଇତିବୃତି ସମ୍ପର୍କୀୟ ସୂଚନା ଦେଇଥିଲେ । ଅନ୍ୟମାନଙ୍କ ମଧ୍ୟରେ ଶିକ୍ଷାବିତ ଶରତଚନ୍ଦ୍ର ସେନାପତି, ସମାଜସେବୀ ଚନ୍ଦ୍ରକାନ୍ତ ବରାଳ, ନିଗମାନନ୍ଦ ସାହୁ, ନିରଞ୍ଜନ ସାହୁ, ଦୀପକ ସାହୁ , ଗୋପ ସୁରକ୍ଷା ମଞ୍ଚ ର ସଭାପତି ସଚ୍ଚିଦାନନ୍ଦ ଗୋଛାୟତ ପ୍ରମୁଖ ଯୋଗଦେଇ କୁଶଭଦ୍ରାକୁ ପୁନର୍ଜୀବିତ କରିବା ନିମନ୍ତେ ଜନ ଆନ୍ଦୋଳନର ଆବଶ୍ୟକତା ରହିଥିବା କହିଥିଲେ ।

## ସର୍ବଭାରତୀୟ ସ୍ତରରେ ଖେଳିବେ ଅଂଶୁମାନ

ଅନୁଗୋଳ, ୧।୯:(ମନ୍ଥନ)ସରସ୍ୱତୀ ଶିଶୁ ବିଦ୍ୟା ମନ୍ଦିର ଗାନ୍ଧିମାର୍ଗ ଅନୁଗୋଳର ଦଶମ ଶ୍ରେଣୀର ଛାତ୍ର ଅଂଶୁମାନ ଧଳ ଆସନ୍ତା ମାସ ବେଙ୍ଗାଲୁରୁରେ ହେବାକୁ ଥିବାଅଖିଳ ଭାରତୀୟ କ୍ରୀଡାରେ ଅଂଶ ଗ୍ରହଣ କରିବେ । ଗତ ୨୯ ତାରିଖରେ ଯାଜପୁର ମଧୁସୂଦନ ନଗର ସରସ୍ୱତୀ ଶିଶୁ ବିଦ୍ୟା ମନ୍ଦିରରେ ଚାଲିଥିବା କ୍ଷେତ୍ରୀୟ ଖେଳକୁଦରେ କିଶୋର ବର୍ଗର ହାମର ଥ୍ରୋ ପ୍ରତିଯୋଗିତାରେ ପ୍ରଥମ ସ୍ଥାନ ଅଧିକାର କରି ଏହି ଯୋଗ୍ୟତା ସେ ହାସଲକରିଛନ୍ତି । ବିଦ୍ୟାଳୟର ବରିଷ୍ଠ ଆଚାର୍ଯ୍ୟ ଫୁଲେନ୍ଦୁ ପ୍ରଧାନଙ୍କ ତତ୍ତ୍ୱାବଧାନରେ ସେ କ୍ରୀଡାରେ ଅଂଶଗ୍ରହଣ କରିଥିଲେ ।ସଫଳତାକୁ ନେଇ ବିଦ୍ୟାଳୟ ପ୍ରଧାନ ଆଚାର୍ଯ୍ୟ ଆଲୋକ ଭୋଇ, ସହପ୍ରଧାନ ଆଚାର୍ଯ୍ୟ ସୁରେଶ କୁମାର ସାହୁ ତଥା ସମସ୍ତ ଗୁରୁଜୀ ଗୁରୁମାଙ୍କ ତରଫରୁ ଶୁଭେଚ୍ଛା ଜଣାଇଛନ୍ତି ।

## ବଙ୍ଗୋମୁଣ୍ଡା ଜେଏମଏଫସି କୋର୍ଟର ପ୍ରତିଷ୍ଠା ଦିବସ ପାଳିତ

ବଙ୍ଗୋମୁଣ୍ଡା, ୧।୯:(ମନ୍ଥନ)ବଲାଙ୍ଗୀର ଜିଲ୍ଲା କ ।ବାଞ୍ଜି ବିଧାନସଭା କ୍ଷେତ୍ର ବଙ୍ଗୋମୁଣ୍ଡା ବ୍ଲକ ଜିଏମଏଫସି କୋର୍ଟ ର ଆଜି ପ୍ରତିଷ୍ଠା ଦିବସ ବଙ୍ଗୋମୁଣ୍ଡା ଓକିଲ ସଂଘ ତରଫରୁ ପାଳନ କରାଯାଇଛି । ବଙ୍ଗୋମୁଣ୍ଡା ଓକିଲ ସଂଘ ସଭାପତି ସୁଧାଂଶୁ ଦାସଙ୍କ ସଭାପତିତ୍ୱ ରେ ମୁଖ୍ୟ ଅତିଥି ଭାବେ ବଙ୍ଗୋମୁଣ୍ଡା କୋର୍ଟଜଜ୍ ଶୁଭମ କାନୁନଗୋ ଯୋଗ ଦେଇଥିଲେ । ଏଥିରେ ସଂପାଦକ କୈଳାସ ବିଶ୍ୱାଳ,ସହ ସଂପାଦକ ହେମନ୍ତ ନାଏକ,ଉପ ସଭାପତି ପ୍ରଦୀପ ଶର୍ମା,କୋଷାଧ୍ୟକ୍ଷ ସନ୍ତୋଷ ପୁରୋହିତ, ଯୁଗ୍ମ ସଂପାଦକ ବୁଧଦେବ ଭରାସଗରିଆ। , ଦିନେଶ ତାଣ୍ଡି,ନଳିନୀ ମେହେର,ସୁନୀଲ ପୁଟେଲ , ପ୍ରକାଶ ନାଗ ,ବରିଷ୍ଠ ଆଇନଜୀବୀ ଭବାନୀ ଶଙ୍କର ରାଓ, ହରିବନ୍ଧୁ ମେହେର,ରାଜୁ କୁମ୍ଭାର,ଲିଗାଲ ସେଲର ସଦସ୍ୟ ନାରାୟଣ ମିଶ୍ର ଯୋଗଦେଇଥିଲେ । ଏହି ସଭାକୁ ସମସ୍ତ ସଦସ୍ୟମାନେ ଉପସ୍ଥିତ ରହି ସହଯୋଗ କରିଥିଲେ ।



## ଗୋଇମୁଣ୍ଡ ୪୯ ତମ ଦୁର୍ଗାପୂଜା ପାଇଁ ମାଟି ଅନୁକୂଳ

ବଙ୍ଗୋମୁଣ୍ଡା, ୧।୯:(ମନ୍ଥନ)ବଲାଙ୍ଗୀର ଜିଲ୍ଲା କ ।ବାଞ୍ଜି ବିଧାନସଭା କ୍ଷେତ୍ର ମୁରିବାହାଲ ବ୍ଲକ ଗୋଇମୁଣ୍ଡ ଗ୍ରାମରେ ୪୯ ତମ ଦୁର୍ଗାପୂଜା ପାଇଁ ପ୍ରସ୍ତୁତି ଆରମ୍ଭ ହୋଇଛି । ମାଁଙ୍କ ମୃଣ୍ମୟୀ ମୂର୍ତ୍ତି ତିଆରି ପାଇଁ ମୃତ୍ତିକା ଅନୁକୂଳ କରାଯାଇଥିଲା ଯଥାରୀତି ପୂଜାର୍ଚ୍ଚନା କରାଯିବା ପରେ ଗ୍ରାମର ଟଙ୍ଗଜୋର କୂଳ ନିକଟରୁ ମୂର୍ତ୍ତି ପ୍ରସ୍ତୁତ ଉପଯୋଗୀ ମାଟି ଅନୁକୂଳ କରାଯାଇଥିଲା । ଘ ,ଶଙ୍ଖ ବାଦ୍ୟ ସହ ମଣ୍ଡପ ରୁ ବାହାରି ଟଙ୍ଗଜୋର କୂଳକୁ ପହଁଚି ସେଠାରେ ପାରମ୍ପରିକ ରୀତିନୀତିରେ ପୂଜା କରାଯାଇ ମାଟି ଅନୁକୂଳ ଏବଂ ମାଟି ସଂଗ୍ରହ କରାଯାଇଥିଲା। ଗ୍ରାମବାସୀଙ୍କ ଉଦ୍ୟମରେ ଗତ ୪୮ ବର୍ଷ ଧରି ନିରବଚ୍ଛିନ୍ନ ଭାବେ ବିଧି ଏବଂ ନିଷ୍ଠାର ସହ



ପୂଜା ପାଳିତ ହୋଇଆସୁଅଛି । ମୃତ୍ତିକା ଅନୁକୂଳ କାର୍ଯ୍ୟକ୍ରମରେ କମିଟି ସଭାପତି ଅକ୍ଷୟ ସାହୁ,ସମ୍ପାଦକ ଭକ୍ତବନ୍ଧୁ ସାହୁ,କୋଷାଧ୍ୟକ୍ଷ ଗୋରେଖ ଭୋଇ,କାର୍ଯ୍ୟକାରୀ ସଭାପତି ମିନିକେତନ ସାହୁ,ସହ ସମ୍ପାଦକ ଚିତରଞ୍ଜନ ସାହୁ,ସାଂସ୍କୃତିକ ସମ୍ପାଦକ ତରଣୀ ସେନ ସାହୁ, କମିଟି ସଦସ୍ୟ ରୋହିତ ଭୋଇ,କମ୍ବୁ ସାହୁ,ଅମିତ ରଣା,ରମାକାନ୍ତ ସାହୁ,ଅଶୋକ ନାରାୟଣ ଭୋଇ,ବାବୁନା ସାହୁ,ରୂପେଶ ସାହୁ,ଟିଙ୍କୁ ରଣା, ମିଳନ ଥପା ପ୍ରମୁଖ ସାମିଲ ହୋଇଥିଲେ । ଗାଁ କୁ ପହଁଚିବା ପରେ ବନ୍ଦାପଣା ଦେଇ ସ୍ୱାଗତ କରାଯାଇଥିଲା ।

## ମହିଳା, ଛାତ୍ରୀ ଓ ଶିଶୁକନ୍ୟାଙ୍କ ନିରାପତ୍ତା ଏବଂ ମର୍ଯ୍ୟାଦା ଦାବିରେ ନାଗରିକ କନ୍‌ଭେନ୍‌ସନ୍

ଅନୁଗୁଳ, ୧।୯:(ମନ୍ଥନ)ରାଜ୍ୟରେ ମହିଳା, ଛାତ୍ରୀ, ଶିଶୁକନ୍ୟାଙ୍କ ଉପରେ ବଢ଼ି ଚାଲିଥିବା ଅତ୍ୟାଚାର, ଦୁଷ୍କର୍ମ ଏବଂ ହତ୍ୟା ଭଳି ଘଟଣା ସମାଜର ସଚେତନ ନାଗରିକ ମାନଙ୍କ ମଧ୍ୟରେ ଉଦ୍‌ବେଗ ସୃଷ୍ଟି କରିଛି । ଏ ସଂକ୍ରା'ରେ ରବିବାର ପୂର୍ବାହ୍ନରେ ଅନୁଗୁଳ ସହର ମଧ୍ୟସ୍ଥ ସାନ୍ଧ୍ୟ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟ ପରିସରରେ ଏକ ନାଗରିକ କନ୍‌ଭେନ୍‌ସନ୍ ଅନୁଷ୍ଠିତ ହୋଇଯାଇଛି । ବରିଷ୍ଠ ଓକିଲ ପ୍ରମୋଦ କୁମାର ପ୍ରଧାନଙ୍କ ସଭାପତିତ୍ୱରେ ଅନୁଷ୍ଠିତ ଏହି କନ୍‌ଭେନ୍‌ସନ୍‌ରେ ଅଧ୍ୟାପକ ପୂର୍ଣ୍ଣେନ୍ଦୁ ଭୂତିଆ କନ୍‌ଭେନ୍‌ସନ୍‌ର ଚିଠା ପ୍ରସ୍ତାବକୁ ପାଠ କରିଥିଲେ । କନ୍‌ଭେନ୍‌ସନ୍‌ରେ ଉପସ୍ଥିତ ଥିବା ଅବସରପ୍ରାପ୍ତ ଓଡିଆ ପ୍ରାଧ୍ୟାପକ କୁମୁଦ ଚନ୍ଦ୍ର ଦାସ, ଅଧ୍ୟାପକଧନେଶ୍ୱର ସାହୁ, ଶିକ୍ଷାବିତ୍ ରବିନାରାୟଣ ସାହୁ, ଶିକ୍ଷାବିତ୍ ତରୁଣ କୁମାର ଦେହୁରୀ, ଶିକ୍ଷାବିତ୍ ପ୍ରଦୀପ କୁମାର ପ୍ରଧାନ, ନରେଶ ଚନ୍ଦ୍ର ସାହୁ, ଅକ୍ଷୟ ବାରିକ, ବରିଷ୍ଠ ଓକିଲ ବସନ୍ତ କୁମାର ଦାସ, ରଜତ ରନ ଦାସ, ସୁବାସ ଚନ୍ଦ୍ର ସାହୁ, ସମାଜସେବୀ ବ୍ରହ୍ମଜ୍ୟୋତି ମିଶ୍ର, ଦୌପଦୀ ଦେହୁରୀ, ଅଜୟ ଭାଇ, ଅକ୍ଷୟ ବେହେରା, ସ'ୋଷ କୁମାର ବେହେରା, ମିନତୀ ସାମଲ, ଜେନାମଣି ପ୍ରଶାନ୍ତ କୁମାର ରାଉତରାୟ ପ୍ରମୁଖ ଚିଠା ପ୍ରସ୍ତାବକୁ ସମର୍ଥନ କରିବା ସହ ଦୁଷ୍କର୍ମ ଘଟଣାରେ ସମ୍ପୃକ୍ତ ଅପରାଧୀମାନଙ୍କୁ କଠୋର ଦଣ୍ଡବିଧାନ କରିବା, ମଦ ସମେତ ସମସ୍ତ ମାଦକ ଦ୍ରବ୍ୟକୁ ନିଷିଦ୍ଧ କରିବା, ଇଣ୍ଟରନେଟ୍ ମାଧ୍ୟମରେ ଅଶ୍ଳୀଳତା, ଅପସଂସ୍କୃତିର ପ୍ରଚାର ପ୍ରସାର ବନ୍ଦ କରିବା, ଯୌନ ଉନ୍ମାଦ ସୃଷ୍ଟିକାରୀ ସଙ୍ଗୀତ, ନାଟକ, ଚଳଚ୍ଚିତ୍ର ବନ୍ଦ କରିବା, ପାଠ୍ୟ ପୁସ୍ତକରେ ନବଜାଗରଣ ଯୁଗର ମହାମନୀଷୀମାନଙ୍କର ଜୀବନ ସଂଗ୍ରାମକୁ ସ୍ଥାନିତ କରିବା ଏବଂ ସମାଜରେ ଉନ୍ନତ ସାହିତ୍ୟ, ସଂସ୍କୃତିର ବ୍ୟାପକ ଚର୍ଚ୍ଚା କରିବାର ଜରୁରୀ ଆବଶ୍ୟକତା ରହିଛି ବୋଲି ମତପୋଷଣ କରିଥିଲେ । ଶେଷରେ ''ପ୍ରଗତିଶୀଳ ନାଗରିକ ମଞ୍ଚ'' ନାମରେ ଏକ ନାଗରିକ କମିଟି ଘୋଷଣା କରାଯାଇଥିଲା । ଏହି କାର୍ଯ୍ୟକ୍ରମରେ ଅନ୍ୟମାନଙ୍କ ମଧ୍ୟରେ ହେମ' କୁମାର ଦାସ, ବଳରାମ ନାୟକ, ଅଜିତ୍ ତ୍ରିପାଠୀ, ସତ୍ୟପ୍ରକାଶ ଦାସ, ପ୍ରତିମା ମରୀ ସିଂହ, ଅଭୟ କୁମାର ଧର, ଅନ' ଚରଣ ସାହୁ, ନବକିଶୋର ମହାପାତ୍ର, ପ୍ରଦ୍ୟୁମ୍ନ ନାଏକ ପ୍ରମୁଖଙ୍କ ସମେତ ଶତାଧିକ ସଚେତନ ନାଗରିକ ଉପସ୍ଥିତ ଥିଲେ ।




## ମହିଳା ହିଂସା ବୃଦ୍ଧି ବିରୋଧରେ ଆଲୋଚନା ଚକ୍ର

ଫୁଲନଖରା, ୧।୯:(ମନ୍ଥନ) ଗଣତାନ୍ତ୍ରିକ ମହିଳା ସମିତି କଟକ ଜିଲ୍ଲା କମିଟି ତରଫରୁ ରାଜ୍ୟରେ ବୃଦ୍ଧି ପାଉଥିବା ମହିଳା ବିରୋଧୀ ହିଂସା ସମ୍ପର୍କରେ ଆଲୋଚନା କରାଯାଇ ଗଭୀର ଉଦବେଗ ପ୍ରକାଶ କରାଯାଇ ଥିଲା । ଜିଲ୍ଲା ସଭାପତି ଇନ୍ଦୁମତୀ ରାଉତ, ପୂର୍ବତନ କର୍ପୋରେଟର ଶ୍ରୀମତୀ ଶୁଭ୍ରା ମହାପାତ୍ର,ଜିଲ୍ଲା ସମ୍ପାଦିକା ବୁଲି ସାହୁ,ଗଣତାନ୍ତ୍ରିକ ମହିଳା ସମିତିର ରାଜ୍ୟ ସମ୍ପାଦକ ସୁରାଜିତା ନାୟକ,ସହ ସମ୍ପାଦିକା ମିନତୀ ପାଣିଗ୍ରାହୀ,ବରିଷ୍ଠ କର୍ମଚାରୀ ନେତା ରବି ନାରାୟଣ ମଲ୍ଲିକ,ଇଂ.ମନମୋହନ ପତି ପ୍ରମୁଖ ବକ୍ତବ୍ୟ ରଖି ମହିଳା ମାନଙ୍କ ସାମାଜିକ,ଅର୍ଥନୈତିକ ବିକାଶ ପାଇଁ ସଂଗ୍ରାମରେ ଅଧିକ ସଂଖ୍ୟକ ମହିଳାଙ୍କୁ ସାମିଲ କରିବା ପାଇଁ ଅହରହ କାମ କରିବାକୁ ସମସ୍ତେ ଆହ୍ୱାନ ଦେଇଥିଲେ । ଆଜି ପର୍ଯ୍ୟନ୍ତ ସୋମ୍ୟା ଶ୍ରୀ ନ୍ୟାୟ ପାଇଁ ପାଇଲା ନାହିଁ ବୋଲି ସୋମ୍ୟା ଶ୍ରୀ ଙ୍କ ପିତାଙ୍କ ଅଭିଯୋଗକୁ ସମର୍ଥନ କରି ଏକ ପ୍ରସ୍ତାବ ସଭାରେ ଗୃହୀତ ହୋଇଥିଲା । ମହିଳା ଆନ୍ଦୋଳନକୁ ଆଗେଇ ନେବାକୁ ଏକ ନ ଜଣିଆ। କମିଟି ଗଠନ କରାଇଛି । ଶୁଭ୍ରା ମହାପାତ୍ର,ବୁଲି ସାହୁ,ସାରଦା ନାୟକ,ଜ୍ୟୋସନା ପ୍ରଧାନ,ମମତା ପାଣି,ଗାୟତ୍ରୀ ସ୍ୱାଇଁ ପ୍ରମୁଖଙ୍କୁ ନେଇ କମିଟି ଗଠନ କରାଯାଇ ବୁଲି ସାହୁଙ୍କୁ ସମ୍ପାଦିକା ଭାବରେ ନିର୍ବାଚିତ କରାଯାଇ ଥିଲା ।

## ପିଏମ୍ ଜନମନ ଯୋଜନାରେ ନିୟମଗିରି ପର୍ବତ ସଂଲଗ୍ନ ୩ଟି ବ୍ଲକରେ ସର୍ଭେ କାର୍ଯ୍ୟକ୍ରମ ଆରମ୍ଭ

ରାୟଗଡ, ୧।୯:(ମନ୍ଥନ)ପୁଣିଥରେ ନିୟମ ଗିରି ପର୍ବତ ସଂଲଗ୍ନ ବ୍ଲକ ଯଥା କଲ୍ୟାଣ ସିଂପୁର, ିଷମ କଟକ ଓ ମୁନିଗୁଡା ବ୍ଲକରେ ବାଦ ପଡ଼ିଥିବା ହିତାଧିକାରୀଙ୍କୁ ଚିହ୍ନଟ କରି ତାଲିକାଭୁକ୍ତ କରିବା ପାଇଁ ଜିଲ୍ଲାପାଳ ଶ୍ରୀ ଆଶୁତୋଷ କୁଲକର୍ଣ୍ଣିଙ୍କ ଆଦେଶ କ୍ରମେ ପ୍ରଧାନମନ୍ତ୍ରୀ ଜନମନ ପରିଯୋଜନାରେ ବିଶେଷ ଭାବେ ଅନୁନ୍ନତ ଜନଜାତି ସମୁଦାୟ ଡଙ୍ଗରିଆ। କନ୍ଧ ହିତାଧିକାରୀଙ୍କୁ ଜାତିଗତ ପ୍ରମାଣପତ୍ର, ସ୍ଥାୟୀ ବାସିନ୍ଦା ପ୍ରମାଣପତ୍ର, ବାର୍ଷିକ ଆୟ ପ୍ରମାଣପତ୍ର ଏବଂ ଜଙ୍ଗଲ ଜମି ପଟ୍ଟା, ଆଧାର କାର୍ଡ, ସ୍ୱାସ୍ଥ୍ୟ ପରୀକ୍ଷା କରିବା ପାଇଁ ସଚେତନତା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା । ବିଷମକଟକ ବ୍ଲକରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ଡଙ୍ଗରିଆ। କନ୍ଧ ଉନ୍ନୟନ ସଂସ୍ଥାର ମଙ୍ଗଳ ଅଧିକାରୀ ଶ୍ରୀ ଜଗବନ୍ଧୁ ମେହେର ଓ ଅନ୍ୟ କର୍ମଚାରୀ, କଲ୍ୟାଣ ସିଂପୁର ବ୍ଲକର ଅନୁଷ୍ଠିତ କାର୍ଯ୍ୟକ୍ରମରେ ମଙ୍ଗଳ ସାମ୍ପ୍ରସାରଣ ଅଧିକାରୀ ଚନ୍ଦନ ଦାଶ ଓ କର୍ମଚାରୀ,ଉପସ୍ଥିତ ରହି ସଚେତନତା କରିଥିଲେ । ସେହିପରି ମୁନିଗୁଡା ବ୍ଲକର ମଙ୍ଗଳ ସମ୍ପ୍ରସାରଣ ଅଧିକାରୀ କୈଳାସ ଚନ୍ଦ୍ର ବେହେରାଙ୍କ ନେତୃତ୍ୱରେ ବିଭିନ୍ନ କର୍ମଚାରୀ ଉପସ୍ଥିତ ରହି ଶିବିର ପରିଚାଳନା କରିଥିଲେ । କଲ୍ୟାଣସିଂପୁର ବ୍ଲକର ପାର୍ସଲୀ ଠାରେ ଅନୁଷ୍ଠିତ ଶିବିରରେ ୧୪ଟି ନୂତନ ଆଧାର ସଂଯୋଗ, ୧୦ଟି ଜବ କାର୍ଡ, ୧୦ଟି ଜନ୍ମ ପ୍ରଣାମ ପତ୍ର ଜେନେରେଟ କରାଯାଇଛି । ସେହିପରି ିଷମ କଟକ ବ୍ଲକର ଖମ୍ବେଷି ଗ୍ରାମରେ ଅନୁଷ୍ଠିତ ଶିବିରରେ ମଧ୍ୟ ଜନ୍ମ ପ୍ରମାଣ ପତ୍ର ୨ଗୋଟି, ସିକିଲ ସେଲ ୩ଟି ଚିହ୍ନଟ ହଥିଲା ଓ ସର୍ବମୋଟ ୨୨ଜଣକ ସ୍ୱାସ୍ଥ୍ୟ ପରୀକ୍ଷା କରାଇଥିଲା । ୨୦ଜଣଙ୍କ ଆଧାର କାର୍ଡ, ୨ଜଣ ପେନସନ ଯୋଜନାରେ ଆବେଦନ, ୮ଜଣଙ୍କୁ ନୂତନ ଖାଉଟି କାର୍ଡରେ ଅନ୍ତର୍ଭୁକ୍ତ ପାଇଁ ଆବେଦନ କରିଛନ୍ତି । ଏହି ଶିରରେ ସ୍ଥାନୀୟ ସରପଞ୍ଚ ସମେତ ବହୁ ଗ୍ରାମବାସୀ ଉପସ୍ଥିତ ଥିଲେ । ମୁନିଗୁଡା ବ୍ଲକର ମୁନିଖୋଲ ଗ୍ରାମ ପଂଚାୟତର ମର୍କେବଣ୍ଡିଲ ଗ୍ରାମରେ ଅନୁଷ୍ଠିତ ଶିବିରରେ ସ୍ୱାସ୍ଥ୍ୟ ବିଭାଗ ତରଫରୁ ୫୯ଜଣକର ସ୍ୱାସ୍ଥ୍ୟ ପରୀକ୍ଷା କରାଯାଇଛି,ମଧୁବାବୁ ପେନସନ ଯୋଜନାରେ ୭ଜଣକର ଆବେଦନ ଗ୍ରହଣ କରାଯଇଥିଲା,ଶିକ୍ଷା ବିଭାଗ ତରଫରୁ ବିଦ୍ୟାଳୟ କୁ ଯାଇ ନଥିବା ୭ଜଣଙ୍କୁ ଚିହ୍ନଟ କରାଯାଇଛି, ଖାଉଟି କାର୍ଡ ପାଇଁ ୭ଟି ଆବେଦନ ଗ୍ରହଣ କରାଯାଇଥିଲା ବେଳେ ପ୍ରଧାନମନ୍ତ୍ରୀ ଜନମନ ଗୃହ ପାଇଁ ୪ଟି ଆବେଦନ କରିଥିଲେ ।

## ମା ରାମଚଣ୍ଡୀ ପୀଠରେ ମନ୍ଦିର ଟ୍ରଷ୍ଟ, ପୂଜା କମିଟି ଓ ପରିଚାଳନା କମିଟିର ପ୍ରସ୍ତୁତି ବୈଠକ

ଗଞ୍ଜାମ, ୧।୯:(ମନ୍ଥନ)ଗଞ୍ଜାମ ବ୍ଲକ ଅନ୍ତର୍ଗତ କରପଡା ପଞ୍ଚାୟତ ରେ ବିରାଜମାନ ମାଁ ରାମଚଣ୍ଡୀ ଙ୍କ ପୀଠରେ ପବିତ୍ର ଶୟନାଷ୍ଟମୀ ଅବସରରେ ମା' ଙ୍କ ଆସନ୍ତା ଷୋଡଶ ଦିନାତ୍ମକ ପୂଜା ଉପଲକ୍ଷେ ମନ୍ଦିର ଟ୍ରଷ୍ଟ, ପୂଜା କମିଟି ଓ ପରିଚାଳନା କମିଟିର ଏକ ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇଥିଲା । ଏହି ବୈଠକ ରେ ଟ୍ରଷ୍ଟି ଲକ୍ଷ୍ମୀନୃସିଂହ ପଣ୍ଡା, ପରିଚାଳନା କମିଟି ସଭାପତି ପ୍ରଶାନ୍ତ କୁମାର ନାୟକ,ସଂଯୋଜକ କମଳ ପଣ୍ଡା,ଗୋବର୍ଦ୍ଧନ ନାୟକ, ସରପଞ୍ଚ ଅଜୟ ନାୟକ,ପୂଜା କମିଟି ସଭାପତି ସି ଏଚ ଦୟାନନ୍ଦ ରେଡ୍ଡୀ, ସମ୍ପାଦକ ବିମଳ ପଣ୍ଡା, ଉପସଭାପତି ଦିବାକର ନାୟକ, ଶିବରାମ ନାୟକ, ଉପଦେଷ୍ଟା କୃଷ୍ଣ ଚନ୍ଦ୍ର ନାୟକ(ମହାରାଜ),ବରିଷ୍ଠ ପରାମର୍ଶ ଦାତା ତ୍ରିପତି ବାଲାଜୀ ମିଶ୍ର, ମନ୍ଦିର ମୁଖ୍ୟ ସ୍ଥପତି ପଣ୍ଡିତ ବିଜୟ ତ୍ରିପାଠୀ ଓ ପୂଜା କମିଟିର ଅନ୍ୟ ସମସ୍ତ କାର୍ଯ୍ୟକର୍ତ୍ତା, ସଭ୍ୟ ଉପସ୍ଥିତ ଥିଲେ । ଏହି ବୈଠକରେ ମୁଖ୍ୟ ପ୍ରସଙ୍ଗ ଥିଲା ମା' ଙ୍କ ଷୋଡଶ ଦିନାତ୍ମକ ପୂଜା ଆସନ୍ତା ୧୪. ୦୯. ୨୦୨୫(ରବିବାର) ମୂଳାଷ୍ଟମୀ ଠାରୁ ଆରମ୍ଭ ହୋଇ ୨୯. ୦୯.୨୦୨୫ (ସୋମବାର) ମହାଷ୍ଟମୀ ପର୍ଯ୍ୟନ୍ତ ଷୋଡଶ ଦିନାତ୍ମକ ପୂଜା ଚାଲିବ ।ପର୍ବ ସମୟରେ ଯେମିତି ସମସ୍ତ ପୂଜାପ୍ରଣାଳୀ ଶାସ୍ତ୍ରୀୟ ରୀତିନୀତି ରେ ସୁଚାରୁରୂପେ ପରିଚାଳନା କରାଜୀବ ଏବଂ ପ୍ରଥମ ଦିନ ଅର୍ଥାତ ୧୪. ୦୯. ୨୦୨୫(ରବିବାର) ମୂଳାଷ୍ଟମୀ ଦିନ ସହସ୍ର କୁମ୍ଭବିଶେଖ ପାଇଁ ଅଞ୍ଚଳ ବାସିଙ୍କ ସହଯୋଗ ରେ ଏକ ବିରାଟ କଳସଯାତ୍ରା କରି ପବିତ୍ର ପୂନ୍ୟତୟା ଋଷିକୂଲ୍ୟାରୁ ଜଳାଯାତ୍ରା ଆରମ୍ଭକରି ମାଆ। ମାନେ ମାଁ ରାମଚଣ୍ଡୀ ଙ୍କ ମନ୍ଦିରକୁ ଆସିବେ ସେହି ଜଳରେ ମାଁଙ୍କ ମହାସ୍ନାନ ହୋଇ ମାଁ ଙ୍କ ପୂଜା ଶୁଭାରମ୍ଭ କରାଯିବ । ଦୈନିକ ଶ୍ରୀଚଣ୍ଡୀପାଠ, ଚଣ୍ଡୀ ହବନ, ମହାପୁଜା,ବେଦ ପାଠ,ଭକ୍ତ ମାନଙ୍କ ମାନସିକ ପାଇଁ ଅଖଣ୍ଡ ଦୀପ ଯଜ୍ଞ, ଭକ୍ତ ମାନଙ୍କ ଦୈନିକ ପ୍ରସାଦ ସେବନ ପାଇଁ ସୁବ୍ୟବସ୍ଥା ଓ ଅନ୍ୟ ସମସ୍ତ ପ୍ରକାର ବ୍ୟବସ୍ଥା ପାଇଁ ସର୍ବ ସହମତି କ୍ରମେ ଏକ ରୂପରେଖ ପ୍ରସ୍ତୁତ କରାଯାଇଥିଲା । ଯେହେତୁ ଏହି ପୂଜା ଦୈନିକ ମଧ୍ୟରାତ୍ର ରେ ସମ୍ପୂର୍ଣ୍ଣ ହୁଏ ଏବଂ ପ୍ରତ୍ୟେକ ଦିନ ଶତାଧିକ ଭକ୍ତମାନେ ଆସନ୍ତି ଏବଂ ତାଙ୍କ ପାଇଁ ପ୍ରସାଦ ସେବନ ବ୍ୟବସ୍ଥା କରାଯାଇଥାଏ ଭକ୍ତମାନଙ୍କ ସୁରକ୍ଷା ଦୃଷ୍ଟିକୁ ଆଖି ଆଗରେ ରଖି ଷୋଡଶ ଦିନାତ୍ମକ ପୂଜା ସମୟରେ ପୋଲିସ ନିୟୋଜିତ କରିବା ପାଇଁ ଆମ କମିଟି ତରଫରୁ ଏକ ସ୍ୱତନ୍ତ୍ର ଦଳ ଜାଇ ଜିଲ୍ଲା ପ୍ରଶାସନ ଓ ଗଞ୍ଜାମ ଥାନା ଓ ଛତ୍ରପୁର ଥାନା IIC ଙ୍କୁ ଅବଗତ କରାଯିବ ବୋଲି ସ୍ଥିର କରାଗଲା ।



## ତୁମକେଲା ଗ୍ରାମକୁ ପାଇପ ଯୋଗେ ପାନୀୟ ଜଳ ଯୋଗାଣ ପାଇଁ ଭୂମି ପୂଜନ

ରାଉରକେଲା, ୧।୯:(ମନ୍ଥନ)ଇସ୍ପାତ ସହର ରାଉରକେଲାର ସେକ୍ଟର-୧୩ ଓ ସେକ୍ଟର-୧୪ ସଂଲଗ୍ନ ତୁମକେଲା ଗ୍ରାମକୁ ପାଇପ ଯୋଗେ ପାନୀୟ ଜଳ ଯୋଗାଣ ପାଇଁ ଆଜି ରଘୁନାଥପାଲ୍ଲୀ ବିଧାୟକ ଦୁର୍ଗା ଚରଣ ତନ୍ତୀଙ୍କ ଦ୍ୱାରା ଭୂମି ପୂଜନ କରାଯାଇଛି । ଦେଶ ସ୍ୱାଧୀନ ହେବାର ପ୍ରାୟ ସାତ ଦଶନ୍ଧି ହୋଇସାରିଥିବା ବେଳେ ଆଜି ମଧ୍ୟ ଓଡ଼ିଶାର ଶିଳ୍ପ ନଗରୀ ଭାବେ ପରିଚିତ ଇସ୍ପାତ ସହର ରାଉରକେଲାର ସେକ୍ଟର-୧୩ ଓ ୧୪ ନିକଟରେ ଥିବା ତୁମକେଲା ଗ୍ରାମରେ ରହୁଥିବା ଆବାଳବୃଦ୍ଧବନିତା ଶୁଦ୍ଧ ପାନୀୟ ଜଳ ଟୋପାଏ ପାଇଁ ନାହିଁ ନ ଥିବା ଅସୁବିଧାର ସମ୍ମୁଖୀନ ହୋଇଆସୁଥିଲେ । ବିଗତ ଦିନମାନଙ୍କରେ ଗ୍ରାମବାସୀମାନେ ନିଜର ଏହି ସମସ୍ୟା ନେଇ ସବୁ ନେତା ଓ ବିଭିନ୍ନ ବିଭାଗୀୟ ଅଧିକାରୀମାନଙ୍କୁ ସାକ୍ଷାତ କରିଥିଲେ ସୁଦ୍ଧା କୌଣସି ସୁଫଳ ମିଳିନଥିଲା । ତେବେ ଗତ ୨୦୨୪ ସାଧାରଣ ନିର୍ବାଚନରେ ରଘୁନାଥପାଲ୍ଲୀ ବିଧାନସଭା ନିର୍ବାଚନ ମଣ୍ଡଳୀରୁ ପ୍ରଥମ ଥର ପାଇଁ ବିଧାୟକ ଭାବେ ନିର୍ବାଚିତ ହୋଇଥିବା ଦୁର୍ଗା ଚରଣ ତନ୍ତୀଙ୍କୁ ନିଜ ସମସ୍ୟା ସମ୍ବନ୍ଧରେ ତୁମକେଲା ଗ୍ରାମବାସୀମାନେ ଜଣାଇବା ପରେ ବିଧାୟକ ଦୁର୍ଗା ଚରଣ ତନ୍ତୀ ଏ ସମ୍ବନ୍ଧରେ ୱାଟକୋର ଅଧିକାରୀଙ୍କ ସହ କଥା ହୋଇ ଗ୍ରାମକୁ ପାଇପ୍ ଯୋଗେ ଶୁଦ୍ଧ ପାନୀୟ ଜଳ ଯୋଗାଇଦେବା ପାଇଁ ତୁରନ୍ତ ଆବଶ୍ୟକ ପଦକ୍ଷେପ ନେବା ପାଇଁ ନିର୍ଦ୍ଦେଶ ଦେଇଥିଲେ । ବିଧାୟକ ଦୁର୍ଗା ତନ୍ତୀଙ୍କ ନିର୍ଦ୍ଦେଶ କ୍ରମେ ଆଜି ୱାଟକୋ ବିଭାଗର ଅଧିକାରୀ ଓ କର୍ମଚାରୀଙ୍କ ଉପସ୍ଥିତିରେ ତୁମକେଲା ଗ୍ରାମ ନିକଟରେ ଥିବା ଇସ୍ପାତ ମହାବିଦ୍ୟାଳୟ ଛକ ନିକଟରେ ଜଳ ଯୋଗାଣ ବ୍ୟବସ୍ଥା ପ୍ରାରମ୍ଭ ପାଇଁ ଭୂମିପୂଜନ କାର୍ଯ୍ୟକ୍ରମ ଆୟୋଜନ କରାଯାଇଥିଲା । ରଘୁନାଥପାଲ୍ଲୀ ବିଧାୟକ ଦୁର୍ଗା ଚରଣ ତନ୍ତୀ ମୁଖ୍ୟ ଅତିଥି ଭାବେ ଯୋଗ ଦେଇ ନଡ଼ିଆ। ଭାଙ୍ଗି ପାଇପ ଯୋଗେ ପ୍ରତ୍ୟେକ ଘରକୁ ଶୁଦ୍ଧ ପାନୀୟ ଜଳ ଯୋଗାଣ ବ୍ୟବସ୍ଥା କାର୍ଯ୍ୟର ଶୁଭାରମ୍ଭ କରିଛନ୍ତି । ଆଜିର ଏହି କାର୍ଯ୍ୟକ୍ରମରେ ିପେ ରାଜ୍ୟ ମୁଖପାତ୍ର ଧିରେନ ସେନାପତିଙ୍କ ସମେତ ବିଜେପିର ନେତା ଓ କର୍ମୀମାନେ ମଧ୍ୟ ତୁମକେଲା ଗ୍ରାମର ଏହି ଭୂମି ପୂଜନ କାର୍ଯ୍ୟକ୍ରମରେ ଉପସ୍ଥିତ ଥିଲେ ।

## ନିରାଶ୍ରୟ ମହିଳାଙ୍କୁ ଆଇନ ସହାୟତା

ରାୟଗଡା, ୧।୯:(ମନ୍ଥନ)ରାୟଗଡା ଜିଲ୍ଲା ଆଇନ୍ ସେବା ପ୍ରାଧିକରଣ ର ପାରା ଲିଗାଲ୍ ଭଲ୍ୟୁଣ୍ଟର ଶ୍ରୀମତି କୁମାରୀ ବାଡତ୍ୟା ଜଣେ ନିରାଶ୍ରୟ ମହିଳା କୁମାରୀ ନାଏକ, ସ୍ୱାମୀ- ଜନସେନ ନାୟକ, ନୂଆ ସାହି, ଜେ.ଏସ୍.କୋ, ରାୟଗଡା ଙ୍କୁ ଠାବ କରି ଜିଲ୍ଲା ଆଇନ୍ ସେବା ପ୍ରାଧିକରଣ ଙ୍କର ହସ୍ତଗତ କରିଥିଲେ ।ଓ ଉକ୍ତ ମହିଳା ଜଣକ ନିଜର ରହିବା, ଖାଇବା ଓ ନିଜର ଅସୁବିଧା କଥା ଲେଖି ଜଣାଇବା ସହିତ ସ୍ନେହା ସ୍ୱାଧାର ଗୃହରେ ତାଙ୍କୁ ରହିବାର ବ୍ୟବସ୍ଥା କରାଇଦିଆଗଲେ ସେ ସୁରକ୍ଷିତ ମନେ କରିବେ ବୋଲି ଜିଲ୍ଲା ଆଇନ୍ ସେବା ପ୍ରାଧିକରଣ ର ସଚିବ ଙ୍କୁ କହିଥିଲେ । ଏହାପରେ ଜିଲ୍ଲା ଆଇନ୍ ସେବା ପ୍ରାଧିକରଣ ର ସଚିବ ଶ୍ରୀ ସୁବ୍ରତ ଆଚାର୍ଯ୍ୟ ଙ୍କ ର ନିର୍ଦ୍ଦେଶ କ୍ରମେ ପାରା ଲିଗାଲ୍ ଭଲ୍ୟୁଣ୍ଟର ଶ୍ରୀମତି କୁମାରୀ ବାଡତ୍ୟା ଙ୍କ ସହାୟତାରେ ଉକ୍ତ ମହିଳାଙ୍କୁ ଜିଲ୍ଲା ଆଇନସେବା ପ୍ରାଧିକରଣ ପକ୍ଷରୁ ରାୟଗଡା ସ୍ଥିତ ସ୍ନେହା ସ୍ୱଧାର ଗୃହରେ ଅବସ୍ଥାପିତ କରାଯାଇଛି ।



## କାକଟପୁର ମୁଖ୍ୟ ରାସ୍ତାଉପରେ ବର୍ଷାପାଣି, ନିଷ୍କାସନ ପାଇଁ ନାହିଁ ପର୍ଯ୍ୟାପ୍ତ ସୁବିଧା

କାକଟପୁର, ୧।୯:(ମନ୍ଥନ) ପୁରୀ ଜିଲ୍ଲାର କାକଟପୁର , ଅସ୍ତରଙ୍ଗ ଅଞ୍ଚଳ ଏକ ସଂସ୍କୃତି ସଂପର୍ଣ୍ଣ ତଥା ମୁଖ୍ୟ ବ୍ୟବସାୟିକ ପେଣ୍ଠସ୍ଥଳୀ ଭାବେ ସମଗ୍ର ଜିଲ୍ଲାରେ ବେଶ ଜଣାଶୁଣା । କିନ୍ତୁ ବର୍ଷା ହେଲେ କାକଟପୁର ମୁଖ୍ୟ ରାସ୍ତାର ମେଡିକାଲ ଛକରୁ କଲେଜ ଛକ ପର୍ଯ୍ୟନ୍ତ ରାସ୍ତା ଉପରେ ବର୍ଷା ପାଣି ଲହଡି ମାରୁଛି । ଏମିତିକି ମୁଖ୍ୟ ରାସ୍ତାର କଡରେ ଥିବା ଦୋକାନ ବଜାରକୁ ଯିବାକୁ ହେଲେ ପାଣି କାଦୁଅରେ ପଶି ଯିବାକୁ ପଡୁଛି । ପରିବେଶ ଆବର୍ଜନା ପୂର୍ଣ୍ଣ ଥିବାରୁ ଯେଉଁଠି ପାଦ ପକାଇବ ସେଠି ଆଣ୍ଠୁଏ ବହଳରେ କାଦୁଅ । ଆଜକୁ ୩ ବର୍ଷ ତଳେ ନୂଆଗଡ଼ରୁ ନିମାପଡା ମୁଖ୍ୟ ରାସ୍ତା ନିର୍ମାଣ ପାଇଁ ପୁରୀ ପୂର୍ତ୍ତ ବିଭାଗ ଡିଭିଜନ ଅଧିନସ୍ଥ ନିମାପଡା ପୂର୍ତ୍ତ ବିଭାଗ ସବଡ଼ିଭିଜନର କାକଟପୁର ପୂର୍ତ୍ତ ବିଭାଗ ବିଭାଗ ସେକ୍ସନ ପକ୍ଷରୁ ୪୦ କୋଟିରୁ ଉର୍ଦ୍ଧ୍ୱ ଟଙ୍କା ବ୍ୟୟ ବରାଦରେ ରାସ୍ତା ନିର୍ମାଣ ହୋଇଥିଲା । କିନ୍ତୁ ରାସ୍ତାଟି ଏମିତି ବାଗରେ ଓ ଢଙ୍ଗରେ ନିର୍ମାଣ ହୋଇଛି ଯେ ରାସ୍ତା ସାରା କେଉଁଠି ଢିପ ତ ଆଉ କେଉଁଠି ଖାଲ ଥିବାରୁ ବର୍ଷା ଦିନେ ଏକ ଫୁଟରୁ ୨ ଫୁଟ ଉଚ୍ଚରେ ବର୍ଷା ଜଳ ରାସ୍ତାର ବିଭିନ୍ନ ସ୍ଥାନରେ ଜମି ରହୁଛି । ରାସ୍ତାରୁ ବର୍ଷା ଜଳ ନିଷ୍କାସନ ପାଇଁ ସ୍ଥାନୀୟ ଜନସାଧାରଣଙ୍କ ସହ ଅଞ୍ଚଳର ବିଭିନ୍ନ ବ୍ୟବସାୟୀ ସଙ୍ଘ ପକ୍ଷରୁ ଡ୍ରେନେଜ ନିର୍ମାଣ କରିବାକୁ ( ବାରମ୍ବାର ) ଦାବୀ ହୋଇଆସୁଥିଲେ ମଧ୍ୟ ପୂର୍ତ୍ତ ବିଭାଗ ଲୋକଙ୍କ ଅଭିଯୋଗ ପ୍ରତି (ଗୁରୁତ୍ୱ) ଦେଉନଥିବା ବିଭିନ୍ନ ମହଲରେ ଅଭିଯୋଗ ହେଉଛି ।ପୂର୍ତ୍ତ ବିଭାଗର ଏହି ବିପର୍ଯ୍ୟସ୍ତ ରାସ୍ତାକୁ ପ୍ରଶାସନ ଅଧିକାରୀଙ୍କ ଠାରୁ ରାଜନେତା ଦୈନନ୍ଦିନ ଦେଖୁଥିଲେ ମଧ୍ୟ ଏମାନେ ନିରବ ରହିବା ପଛରେ ରହସ୍ୟ କଣ ତାହାହିଁ ସାଧାରଣରେ ସନ୍ଦେହ ପ୍ରକାଶ ପାଉଛି । ବିଭାଗୀୟ ମନ୍ତ୍ରୀ ଏଦିଗରେ ଦୃଷ୍ଟି ଦେଇ ତୁରନ୍ତ କାକଟପୁର ମୁଖ୍ୟ ବଜାରର ମେଡିକାଲ ଛକରୁ କଲେଜ ଛକ ପର୍ଯ୍ୟନ୍ତ ରାସ୍ତା ଉପରେ ଜମୁଥିବା ବର୍ଷା ଜଳ ନିଷ୍କାସନ ପାଇଁତୁରନ୍ତ ଡ୍ରେନେଜ ନିର୍ମାଣ ପାଇଁ ସ୍ଥାନୀୟ ଅଞ୍ଚଳବାସୀଙ୍କ ପକ୍ଷରୁ ଦୃଢ଼ ଦାବୀ ହୋଇଛି ।



## ଜିଲ୍ଲା ସଦର ମହକୁମା ଠାରେ ଜିଲ୍ଲାପାଳଙ୍କ ଯୁଗ୍ମ ଅଭିଯୋଗ ଶୁଣାଣି

ରାୟଗଡା, ୧।୯:(ମନ୍ଥନ) ରାୟଗଡା ଜିଲ୍ଲା ପ୍ରଶାସନ ତରଫରୁ ରାୟଗଡ ଜିଲ୍ଲାସଦର ମହକୁମାସ୍ଥିତ ଜିଲ୍ଲା ପରିଷଦ ସଦଭାବନା ସଭାଗୃହ ଠାରେ ଯୁଗ୍ମ ଅଭିଯୋଗ ଶୁଣାଣୀ ଅନୁଷ୍ଠିତ ହୋଇଯାଇଛି । ରାୟଗଡା ଜିଲ୍ଲାପାଳ ଶ୍ରୀ ଆଶୁତୋଷ କୁଲକାର୍ଣ୍ଣିଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଶୁଣାଣି ଶିବିରରେ , ଖଣ୍ଡି । ବନ ଅଧିକାରୀ, ଶ୍ରୀ ସଚିନ ଅହ୍ଲା ସାହେବ ଓହଲେ, ,ଜିଲ୍ଲା ମୁଖ୍ୟ ଉନ୍ନୟନ ତଥା ନିର୍ବାହୀ ଅଧିକାରୀ, ଶ୍ରୀ ଅକ୍ଷୟ କୁମାର ଖେମୁଣ୍ଡୁ, ଅତିରିକ୍ତ ଆରକ୍ଷୀ ଅଧିକାରୀ,ଉପ ଜିଲ୍ଲାପାଳ, ରାୟଗଡ,ଶ୍ରୀ ରମେଶ କୁମାର ଜେନା,ଜିଲ୍ଲା ମୁଖ୍ୟ ଚିକିତ୍ସା ତଥା ଜନସ୍ୱାସ୍ଥ୍ୟ ଅଧିକାରୀ ଡାକ୍ତର ି ସରୋଜିନୀ ଦେବୀ, ପ୍ରକଳ୍ପ ପ୍ରଶାସକ ଆଇଟିଡ଼ିଏ ଶ୍ରୀ ଚନ୍ଦ୍ରକାନ୍ତ ମାଝୀ ଉପସ୍ଥିତ ରହି ଜନସାଧାରଣଙ୍କୁ ବିଭିନ୍ନ ଅଭିଯୋଗ ଶୁଣାଣି କରିଥିଲେ ଆଜି ମୋଟ ୭୭ଟି ଅଭିଯୋଗ ଜିଲ୍ଲାପାଳ ଗ୍ରହଣ କରିଥିଲେ । ସେଥି ମଧ୍ୟରୁ ୬୯ ଟି ବ୍ୟକ୍ତିଗତ ଅଭିଯୋଗ ଥିଲା ବେଳେ ୮ ଗୋଟି ଗ୍ରାମ ବାସୀ ମାନଙ୍କର ସାମୂହିକ ଅଭିଯୋଗ ଥିଲା । ୬ଜଣଙ୍କ ସ୍ୱାସ୍ଥ୍ୟ ସମସ୍ୟା ଅଭିଯୋଗ ଥିଲା ସେମାନଙ୍କୁ ଜିଲ୍ଲାପାଳ ୭୦ହଜାର ଟଙ୍କା ଜିଲ୍ଲା ରେଡକ୍ରସ ଫଣ୍ଡରୁ ଆର୍ଥିକ ସାହାଯ୍ୟ ପ୍ରଦାନ କରିଥିଲେ । ଜିଲ୍ଲାପାଳ ଆଜିର ଅଭିଯୋଗ ଗୁଡିକୁ ପାଇଲା ପରେ ବିଭାଗୀୟ ଅଧିକାରୀ ମାନଙ୍କୁ ତୁରନ୍ତ ଫଇସଲା ନିମନ୍ତେ ନିର୍ଦ୍ଦେଶ ଦେଇଥିଲେ । ଏହି ଶିବିରରେ ହିଲାସ୍ଥରୀୟ ବିଭିନ୍ନ ବିଭାଗୀୟ ଅଧିକାରୀ ଯୋଗଦାନ କରିଥିଲେ ।





# ୨୦୨୫ ଟାଇମ ୧୦୦ ଏଆଇ ତାଲିକାରେ କଗ୍ନିଜାଂଟ ସିଇଓ ରବି କୁମାର ଏସ.

ଭୁବନେଶ୍ୱର,୧।୯: କଗ୍ନିଜାଂଟର ସିଇଓ ରବି କୁମାର ଏସ୍ ୨୦୨୫ ଟାଇମ ୧୦୦ ଏଆଇ ତାଲିକାରେ ସ୍ଥାନ ପାଇଥିବା ସମ୍ପର୍କରେ କମ୍ପାନୀ ପକ୍ଷରୁ ଘୋଷଣା କରାଯାଇଛି। ଏହି ପ୍ରତିଷ୍ଠିତ ସ୍ୱୀକୃତି ରବି କୁମାରଙ୍କ ଦୂରଦୃଷ୍ଟିସମ୍ପନ୍ନ ନେତୃତ୍ୱ ଓ ଏଆଇ ଉଦ୍ୟୋଗ କ୍ଷେତ୍ରରେ ତାଙ୍କର ଅବଦାନକୁ ସୂଚିତ କରୁଛି। ଟାଇମ ୧୦୦ ଏଆଇ ତାଲିକା ଆଜିର ଏଆଇ ପରିଦୃଶ୍ୟକୁ ନୂଆ ରୂପ ଦେଉଥିବା ବିଭିନ୍ନ କ୍ଷେତ୍ରର ପ୍ରଭାବଶାଳୀ ଲିଡର, ଥିଙ୍କର, ବୈଜ୍ଞାନିକ ଓ ନୀତିନିର୍ମାତାମାନଙ୍କୁ ହାଇଲାଇଟ କରିଥାଏ। ଏହି ତାଲିକାରେ ସ୍ଥାନ ପାଇବା ଏଆଇ ଟେକ୍ନୋଲୋଜିକୁ ଅଗ୍ରଗାମୀ କରିବା ଦିଗରେ କୁମାରଙ୍କ ଉତ୍ସର୍ଗୀକୃତତା ଓ ଅବଦାନକୁ ପ୍ରତିଫଳନ କରୁନାହିଁ ବରଂ ଏହି ଶିଳ୍ପରେ ଉଦ୍ଭାବନା ଓ ଉତ୍କର୍ଷତାକୁ ପରିଚାଳନା କରିବା ପ୍ରତି କଗ୍ନିଜାଂଟର ପ୍ରତିବଦ୍ଧତାକୁ ଦର୍ଶାଉଛି।



ରବି କୁମାରଙ୍କ ନେତୃତ୍ୱରେ କଗ୍ନିଜାଂଟ ଏଂଟରପ୍ରାଇଜ ଏଆଇକୁ ତ୍ୱରାନ୍ୱିତ କରିବା ପାଇଁ ୨୦୨୩ରେ ୧ ମିଲିୟନ ଡଲାରର ନିବେଶ ଘୋଷଣା କରିଥିଲା। କମ୍ପାନୀ ଏହାର ଗ୍ଲୋବାଲ ସିନାପ୍ସ ସ୍କିଲିଂ ଅଭିଯାନ ମାଧ୍ୟମରେ ବର୍ତ୍ତମାନ ଏଆଇ ଓ ଆଡଭାନ୍ସଡ ଟେକ୍ନୋଲୋଜି କ୍ଷେତ୍ରରେ ଦକ୍ଷତା ଓ ପ୍ରଶିକ୍ଷଣ ସୁଯୋଗ ସହ ୧ ମିଲିୟନ ଲୋକଙ୍କ ନିକଟରେ ପହଂଚିଛି। ଏହାଛଡା ଶ୍ରୀଯୁକ୍ତ କୁମାର ନିକଟରେ ସମସ୍ତ ସ୍ତରରେ ଏଆଇ ସାକ୍ଷରତା ବଢାଇବା ପାଇଁ କଗ୍ନିଜାଂଟ କର୍ମଚାରୀଙ୍କ ମଧ୍ୟରେ ବିଶ୍ୱର ସବୁଠାରୁ ବଡ ଭାଇବ କୋଡିଂ ଇଭେଂଟର ଆୟୋଜନ କରିଥିଲେ। ଏହି ଇଭେଂଟ ଏକ ଅନଲାଇନ ଜେନେରେଟିଭ ଏଆଇ ହ୍ୟାକାଥନରେ ସର୍ବାଧିକ ଅଂଶଗ୍ରହଣକାରୀଙ୍କ ପାଇଁ ଏକ ଗିନିସ ୱାର୍ଲ୍ଡ ରେକର୍ଡ ଟାଇଟଲ ହାସଲ କରିଥିଲା। ସେହିପରି କୁମାର ଏଆଇକୁ ନେଇ ନୂତନ ବିଚାରଧାରାଗୁଡ଼ିକୁ ଉନ୍ମୋଚନ କରିବାରେ ସାହାଯ୍ୟ କରିବା ଲାଗି ୨୦୨୩ରେ ବ୍ଲୁବୋଲ୍ଟ ପ୍ରୋଗ୍ରାମକୁ କାର୍ଯ୍ୟକାରୀ କରିଥିଲେ, ଯାହା କର୍ମଚାରୀଙ୍କୁ ବର୍ତ୍ତମାନ ସୁଦ୍ଧା ୫ ଲକ୍ଷରୁ ଅଧିକ ଆଇଡିଆ ସେୟାର କରିବା ପାଇଁ ସଶକ୍ତ କରିଥିଲା। ରବି କୁମାର ୟୁଏସ ଚାମ୍ବର ଅଫ କମର୍ସର ବୋର୍ଡ ସଦସ୍ୟ ଓ ଏଆଇ ୱର୍କିଂ କମିଟିର ଅଧ୍ୟକ୍ଷ, ବୋର୍ଡ ଅଫ୍ ୟୁଏସ ଇଣ୍ଡିଆ ଷ୍ଟ୍ରାଟେଜିକ ପାର୍ଟନରସିପ ଫୋରମ, ବୋର୍ଡ ଅଫ୍ ଟ୍ରାନ୍ସୟୁନିୟନ, ବୋର୍ଡ ଅଫ୍ ଗଭର୍ଣ୍ଣର୍ସ ଅଫ୍ ଦ ନ୍ୟୁୟର୍କ ଏକାଡେମି ଅଫ୍ ସାଇନ୍ସେସର ବୋର୍ଡ ସଦସ୍ୟ, ୱାର୍ଲ୍ଡ ଇକୋନୋମିକ ଫୋରମର ଇନ୍‌ଫର୍ମେଶନ ଟେକ୍ନୋଲୋଜି ଆଣ୍ଡ କମ୍ୟୁନିକେଶନ ଫୋରମର ଅଧ୍ୟକ୍ଷ ଏବଂ ନାସକମ୍ ୟୁଏସ ସିଇଓ ଫୋରମର ଅଧ୍ୟକ୍ଷ ଭାବେ ନିଜ ଭୂମିକାଗୁଡିକ ମାଧ୍ୟମରେ ଏଆଇ ପାଇଁ ନିଜ ଦୃଷ୍ଟିକୋଣକୁ ଆହୁରି ବୃଦ୍ଧି କରିବେ।

# ‘କିଡ଼ସ୍ ଡ଼େ ସାମସଙ୍ଗ – ୨୦୨୫’

ଭୁବନେଶ୍ୱର,୧।୯ : ଆଜି ‘କିଡ଼ସ୍ ଡ଼େ ସାମସଙ୍ଗ – ୨୦୨୫’ର ଆୟୋଜନ କରୁଛି ଯାହାକି ଏକ ପ୍ରକାରର ଉତ୍ସବ ପାଳନ, ଗର୍ବର ସହିତ ସାମସଙ୍ଗ ପରିବାରର ଅଂଶବିଶେଷ ଭାବରେ ଏହାର କର୍ମଚାରୀ, ସେମାନଙ୍କର ପିଲାମାନେ ତଥା ପରିବାରର ସଦସ୍ୟ ମାନଙ୍କୁ ଗୋଟିଏ ଛାତ ତଳେ ଏକାଠି କରିବାର ଅଭିଜ୍ଞତା ପ୍ରଦାନ କରୁଅଛି। ଗୁରୁଗ୍ରାମ ସ୍ଥିତ ସାମସଙ୍ଗର କର୍ପୋରେଟ କାର୍ଯ୍ୟାଳୟରେ ଦିନ ସାରାଏହି କାର୍ଯ୍ୟକ୍ରମ ପରିବାରର ଶେଷ ସ୍ମୃତି ଗୁଡ଼ିକୁ ସଜାଡ଼ି ଏହାକୁ ଡ଼ିଜାଇନ କରିବା ସହିତ ପରବର୍ତି ପିଢ଼ୀଙ୍କୁ ସ୍ୱପ୍ନ ଦେଖିବା, ନବୀନତମତା ତଥା ଜ୍ଞାନକୌଶଳ ସନ୍ଧାନର ବିଭିନ୍ନ ଦିଗକୁ ନେଇ ସେମାନଙ୍କୁ ଏକାଠି କରାଇଥିଲା। ଏହି ପଦକ୍ଷେପ ପିଲାମାନଙ୍କୁ, ସେମାନଙ୍କର ଅଭିଭାବକ ମାନଙ୍କ ସହିତ ଏକାଠି ହୋଇ, ସାମସଙ୍ଗ ଦୁନିଆର ଭିତରେ ରହିଥିବା ପଦକ୍ଷେପ ଗୁଡ଼ିକର ସୁଯୋଗକୁ ଖୋଜିବା ସହିତ ସେମାନଙ୍କ ଅଭିଭାବକ ମାନେ କେଉଁଠାରେ କାର୍ଯ୍ୟ କରୁଛନ୍ତି, ତଥା ପ୍ରତିଷ୍ଠାନର ନବୀନତମ ସାଂସ୍କୃତିକ ଏବଂ ଯତ୍ନଶୀଳତାର ଅଭିଜ୍ଞତାକୁ ସେମାନଙ୍କୁ ଦେଖାଇବା। ପରିବାରର ସଦସ୍ୟ ମାନଙ୍କର ଏଭଳି ଉତ୍ସବରେ ଯୋଗଦାନ ରହିଛି କେବଳ ଏକ ବିସ୍ତାରିତ ପରିବାର ତଥା ଏସବୁକୁ ନେଇ ଏକାଠି ହେବାର ପ୍ରକୃତ ଉତ୍ସବ ପାଳନ ଉଦ୍ଦେଶ୍ୟ ପାଇଁ। “କିଡ଼ସ୍ ଡ଼େ ସାମସଙ୍ଗ କେବଳ ଆମର ରହିଥିବା ସମସ୍ତ ଦ୍ୱାର ଏବଂ ପରିବାର ଗୁଡ଼ିକର ହୃଦୟ ଖୋଲିବାକୁ ବୁଝାଇ ନଥାଏ ଏହା ସେମାନଙ୍କର ମାନସିକତାକୁ ଖୋଲିବା ସହିତ ନବୀନତମତାର ଦୁନିଆକୁ ମଧ୍ୟ ଖୋଲିବାକୁ ବୁଝାଇଥାଏ। ଆମର କର୍ମସ୍ଥଳୀକୁ ପରିବାରର ସେହି ସଦସ୍ୟ ମାନଙ୍କୁ ଏକାଠି ଆଣି ସେମାନଙ୍କୁ ସାମସଙ୍ଗର ଏକ ଅଂଶ ବିଶେଷ ଭାବରେ ପରିଚିତ କରାଇବା ପାଇଁ ନିଜର ଚେଷ୍ଟା ଜାରି ରଖିବା ସହିତ ଆମେ ଗର୍ବ ଅନୁଭବ କରୁଛୁ। ଚଳିତ ବର୍ଷର ଏହି ଉତ୍ସବ ନୀରବଚ୍ଛିନ୍ନ ଭାବରେ ଆମର ରହିଥିବା ପରବର୍ତି ପିଢ଼ୀଙ୍କ ପାଇଁ କାର୍ଯ୍ୟଦକ୍ଷତାକୁ ପ୍ରତିଫଳିତ କରିବା ସହିତ ଏ ଦିଗରେ ସେମାନଙ୍କୁ ଚିନ୍ତାନାୟକ, ନବୀନତମତା ତଥା ସୃଜନଶୀଳତା ଭାବରେ ସୃଷ୍ଟି କରିବା ସଙ୍ଗେ ସଙ୍ଗେ ରହିଥିବା ଅତି ନିକଟତର ସାମସଙ୍ଗ ପରିବାରର ଦୃଢ଼ ବନ୍ଧନକୁ ଆହୁରି ଅଧିକ ମଜବୁତ କରିବା ଏହା ଆମର ଉଦ୍ଦେଶ୍ୟ ଅଟେ” ମତବ୍ୟକ୍ତ କରି କହିଛନ୍ତି ରିଶଭ ନାଗପାଲ, ହେଡ଼ ଅଫ ପିପୁଲଟିମ, ସାମସଙ୍ଗ ଇଣ୍ଡିଆ।

# ୩୧ତମ ଗୁରୁ କେଳୁଚରଣ ମହାପାତ୍ର ପୁରସ୍କାର ମହୋତ୍ସବ-୨୦୨୫

## ପ୍ରଦର୍ଶନ କଳା ଓ ପରମ୍ପରା କ୍ଷେତ୍ରରେ ୩୧ ବର୍ଷର ଉତ୍କର୍ଷତାକୁ ସମ୍ମାନ ଜଣାଉଛି ସୃଜନ

ଭୁବନେଶ୍ୱର,୧।୯ (ନି.ପ୍ର) : ସୃଜନ- ଗୁରୁ କେଳୁଚରଣ ମହାପାତ୍ର ଓଡିଶୀ ନୃତ୍ୟବାସ ପକ୍ଷରୁ ଆସନ୍ତା ସେପ୍ଟେମ୍ବର ୫ରୁ ୯ ତାରିଖ ୨୦୨୫ ପର୍ଯ୍ୟନ୍ତ ରବିନ୍ଦ୍ର ମଣ୍ଡପଠାରେ ପ୍ରତିଦିନ ସନ୍ଧ୍ୟା ୭ଟାରେ ୩୧ତମ ଗୁରୁ କେଳୁଚରଣ ମହାପାତ୍ର (ଜିକେସିଏମ) ପୁରସ୍କାର ମହୋତ୍ସବ ୨୦୨୫ର ଆୟୋଜନ କରାଯିବ । ପ୍ରଦର୍ଶନ କଳାକୁ ସର୍ବୋତମ ଭାବେ ପାଳନକରି ଆମର ମୂଲ୍ୟବାନ ଐତିହ୍ୟ ପାଇଁ ପ୍ରଗାଢ ପ୍ରଶଂସାକୁ ପ୍ରୋତ୍ସାହିତ ଓ ଚିରସ୍ଥାୟୀ କରିବା ପାଇଁ ଏହି ପୁରସ୍କାର ମହୋତ୍ସବ ପଦ୍ମ ବିଭୂଷଣ ସମ୍ମାନପ୍ରାପ୍ତ ଗୁରୁ ସ୍ୱର୍ଗତ ଶ୍ରୀ କେଳୁଚରଣ ମହାପାତ୍ରଙ୍କ ସ୍ଥାପିତ ଦୃଷ୍ଟିକୋଣକୁ ପାଳନ କରିବା କ୍ଷେତ୍ରରେ ଅଟଳ ରହିଛି । ଓଡିଶାର ସାଂସ୍କୃତିକ କ୍ୟାଲେଣ୍ଡରରେ ଏକ ପ୍ରମୁଖ ଆକର୍ଷଣ ଭାବେ ଏହି ପ୍ରତିଷ୍ଠିତ ପୁରସ୍କାର ବିତରଣ ସମାରୋହ, ଚାରି ରାତିର ଚମତ୍କାର ନୃତ୍ୟ, ସଙ୍ଗୀତ ଓ ଥିଏଟର ପ୍ରଦର୍ଶନୀ ପରେ ଗୁରୁ ରତିକାନ୍ତ ମହାପାତ୍ରଙ୍କ ସୃଜନ ଟିମ୍‌ଙ୍କ ଦ୍ୱାରା ଚୂଡାନ୍ତ ପ୍ରଦର୍ଶନ ପରେ ଏହା ଶେଷ ହୋଇଥାଏ ।

ଶେଷ ସନ୍ଧ୍ୟାରେ ସୃଜନ ଶାସ୍ତ୍ରୀୟ ଜଗତର ବିଶିଷ୍ଟ ବ୍ୟକ୍ତିମାନଙ୍କୁ କଳା ପ୍ରତି ସେମାନଙ୍କର ଅତୁଳନୀୟ ଯୋଗଦାନ ପାଇଁ ପ୍ରତିଷ୍ଠିତ ଲାଇଫଟାଇମ ଆଚିଭମେଂଟ ଆୱାର୍ଡ (ଜୀବନବ୍ୟାପୀ ସାଧନା ପୁରସ୍କାର) ଉପସ୍ଥାପନ କରିଥାଏ । ଚଳିତ ବର୍ଷ ସମ୍ମାନିତ ଓଡିଶୀ ନୃତ୍ୟଶିଳ୍ପୀ, ଗୁରୁ, କୋରିଓଗ୍ରାଫର ଓ ପଦ୍ମଶ୍ରୀ ସମ୍ମାନପ୍ରାପ୍ତ ଶ୍ରୀମତି ମାଧବୀ ମୁଦଗଲ ଏବଂ ପ୍ରଖ୍ୟାତ ଓଡିଶୀ ଗାୟକ ଓ ସଙ୍ଗୀତ ଶିକ୍ଷାବିତ ଶ୍ରୀ ଅଲେଖ ଚନ୍ଦ୍ର ସାମଲଙ୍କୁ ସାଲିର୍ମାସ ଗୁରୁ କେଳୁଚରଣ ମହାପାତ୍ର ଆୱାର୍ଡ ୨୦୨୫ରେ ସମ୍ମାନିତ କରାଯିବ ଏବଂ ଏଥିସହିତ ସେମାନଙ୍କୁ ୧ ଲକ୍ଷ ଟଙ୍କାର ପୁରସ୍କାର ରାଶି ଓ




ପ୍ରମାଣପତ୍ର ଦିଆଯିବ । ୨୫,୦୦୦ ଟଙ୍କାର ନଗଦ ପୁରସ୍କାର ଓ ପ୍ରମାଣପତ୍ର ସହିତ ସାଲିର୍ମାସ ଗୁରୁ କେଳୁଚରଣ ମହାପାତ୍ର ଯୁବ ପ୍ରତିଭା ସମ୍ମାନ ୨୦୨୫ ଦ୍ୱାରା ଶାସ୍ତ୍ରୀୟ ନୃତ୍ୟ ଓ ଓଡିଶୀ ସଙ୍ଗୀତ କ୍ଷେତ୍ରରେ ୪୦ ବର୍ଷରୁ କମ୍ ବୟସର ଦୁଇ ଜଣ ଉଲ୍ଲେଖନୀୟ କଳାକାର ଶ୍ରୀମତି ଶତାବ୍ଦୀ ମଲ୍ଲିକ (ଓଡିଶୀ ନୃତ୍ୟ ପାଇଁ) ଓ ଶ୍ରୀ ମୁରଲିଧର ସ୍ୱାଇଁ (ଓଡିଶୀ ସଙ୍ଗୀତ ପାଇଁ)ଙ୍କୁ ସମ୍ମାନିତ କରାଯିବ । ସୃଜନର ନିର୍ଦ୍ଦେଶକ ଗୁରୁ ରତିକାନ୍ତ ମହାପାତ୍ର ଚଳିତ ବର୍ଷ ଏକ ନୂତନ କ୍ଷେତ୍ରରେ ସାଲିର୍ମାସ ଗୁରୁ କେଳୁଚରଣ ମହାପାତ୍ର କଳା ସମ୍ମାନର ଶୁଭାରମ୍ଭ କରିଛନ୍ତି । ୪୦ରୁ ୫୫ ବର୍ଷ ବୟସ ମଧ୍ୟରେ ନୃତ୍ୟ, ସଙ୍ଗୀତ ଓ ଥିଏଟର କ୍ଷେତ୍ରରେ ପ୍ରତିଷ୍ଠିତ ପ୍ରଦର୍ଶନୀ କଳାକାରଙ୍କୁ ସେମାନଙ୍କର ଉଲ୍ଲେଖନୀୟ ଅବଦାନ ଓ ସେମାନଙ୍କର କଳା ପ୍ରତି ନିରନ୍ତର ସମର୍ପଣ ପାଇଁ ଏହି ସମ୍ମାନରେ ସମ୍ମାନିତ କରାଯିବ । ଚଳିତ ବର୍ଷ ଶ୍ରୀ ରଘୁନାଥ ଦାସ ଓ ଶ୍ରୀ ଅର୍ଣ୍ଣବ ବନ୍ଦୋପାଧାୟଙ୍କୁ ସାଲିର୍ମାସ୍ ଗୁରୁ କେଳୁଚରଣ ମହାପାତ୍ର କଳା ସମ୍ମାନ ୨୦୨୫ ସହ ୫୦,୦୦୦ ଟଙ୍କାର ପୁରସ୍କାର ରାଶି ଓ ଏକ ପ୍ରମାଣପତ୍ରରେ ସମ୍ମାନିତ କରାଯିବ, ଯିଏକି ଓଡିଶୀ ସମୁଦାୟ ଉପରେ ଚମତ୍କାର ପ୍ରଭାବ ପକାଇଛନ୍ତି । ଏହି ସମ୍ମାନର ଆରମ୍ଭ କରି ଗୁରୁ ରତିକାନ୍ତ ମହାପାତ୍ର ପ୍ରତିବଦ୍ଧ ଓ ପ୍ରତିଭାଶାଳୀ କଳାକାରମାନଙ୍କୁ ସ୍ୱୀକୃତି ଦେବା କ୍ଷେତ୍ରରେ ରହିଥିବା ବାଧକକୁ ଦୂର କରିବା ପାଇଁ ଲକ୍ଷ୍ୟ ରଖିଛନ୍ତି, ଯିଏ ବିଗତ ବର୍ଷଗୁଡିକରେ ନିଜ ନିଜ କ୍ଷେତ୍ରରେ ପରିପକ୍ୱ ପ୍ରଦର୍ଶନକାରୀ, ଶିକ୍ଷକ ଓ ପ୍ରଶିକ୍ଷକରେ ପରିଣତ ହୋଇଛନ୍ତି ।

ଏହି ପୁରସ୍କାର ମହୋତ୍ସବର ଉଦ୍‌ଘାଟନୀ ସନ୍ଧ୍ୟା, ଓଡିଶୀ ନୃତ୍ୟର ଲୋକପ୍ରିୟ ମା-ଝିଅ ଯୋଡି ଶ୍ରୀମତି ସୁଜାତା ମହାପାତ୍ର ଓ ପ୍ରୀତିଶା ମହାପାତ୍ରଙ୍କ ଦ୍ୱାରା ଏକ ବହୁପ୍ରତିକ୍ଷୀତ ଓଡିଶୀ ନୃତ୍ୟ ସହ ଆରମ୍ଭ ହେବ । କାର୍ଯ୍ୟକ୍ରମର ୨ୟ ଦିନରେ ହିନ୍ଦୁସ୍ତାନୀ ଓ କର୍ଣ୍ଣାଟିକ ସଙ୍ଗୀତ କ୍ଷେତ୍ରରୁ ପ୍ରତିଷ୍ଠିତ କଳାକାରମାନେ ସଙ୍ଗୀତ ପରିବେଷଣ କରିବେ । ଏହି ମହୋତ୍ସବ ଏହାର ଅଧାରାସ୍ତାର ନିକଟତର ହେବା ସହିତ, ଦର୍ଶକମାନେ ବହୁମୂଖୀ ଭାରତନାଟ୍ୟମ ଗୁରୁ-ଶିଷ୍ୟ ଯୋଡି ଶ୍ରୀ ସମ୍ରାଟ ଦତ ଓ ଶ୍ରୀ ସାନ୍ତନୁ ରଏ ଦଶମହାବିଦ୍ୟାର ଉପସ୍ଥାପନ କରିବେ, ଏହାପରେ ଶ୍ରୀମତି ଚିନ୍ମୟୀ ଦ୍ୱାରକନାଥ ଓ ଟେମ୍ପଲ ଅଫ୍ ଫାଇନ ଆର୍ଟସ ଦ୍ୱାରା ଏକ ଗ୍ରୁପ ଓଡିଶୀ ନୃତ୍ୟ ପ୍ରଦର୍ଶିତ ହେବ । ଶେଷ ସନ୍ଧ୍ୟାର ପୂର୍ବଦିନ ମହୋତ୍ସବର ଏକମାତ୍ର ଥିଏଟର ପ୍ରଦର୍ଶନ ପ୍ରଦର୍ଶିତ ହେବ, ଏକ ପ୍ରଦର୍ଶିତ କଳା ଯାହା ଆଜିର ଓଡିଶାର ସହ ଘନିଷ୍ଠ ଭାବେ ଜଡିତ । ଶ୍ରୀ ନଳିନୀ ନିହାର ନାୟକ ଓ ଓଡିଶାର ସମୃଦ୍ଧ ଐତିହ୍ୟର ପୁନରୁଦ୍ଧାର କରିବାକୁ ଲକ୍ଷ୍ୟ ରଖିଥିବା ଓଡିଶାର ଏକ ଅଗ୍ରଗାମୀ ଥିଏଟର ସଂସ୍ଥା ନ୍ୟୁକ୍ଲେଷ୍ଟ ରିର୍ପଟୋରୀ ବ୍ୟାଘ୍ର ରୋହଣର ଉପସ୍ଥାପନ କରିବେ ।

# ଭାଷା ଓ ସଂସ୍କୃତି ଗୋଟିଏ ଜାତିର ପରିଚୟ ସୃଷ୍ଟି କରିବା ସହ ତାର ଗୌରବ ବୃଦ୍ଧି କରିଥାଏ

ବାଙ୍ଗାଲୋର,୧।୯ : ଭାଷା ଗୋଟିଏ ଜାତିର ପରିଚୟ ସୃଷ୍ଟି କରିବା ସହ ତାର ଗୌରବ ବୃଦ୍ଧି କରିଥାଏ । ଭାରତବର୍ଷ ବହୁଭାଷୀ ହେଲେ ମଧ ଦେଶର ଭାଷା ଓ ସଂସ୍କୃତି ଭାରତୀୟମାନଙ୍କ ମଧ୍ୟରେ ସମ୍ପର୍କର ସେତୁ ତିଆରି କରିଥାଏ ବୋଲି ବାଙ୍ଗାଲୋର ଠାରେ ଥିବା ଟି.ଜି.ଟି ଗ୍ରୀନ ଟେରାସେସ୍ କ୍ଲବ ହାଉସ୍ ଠାରେ ଓଡ଼ିଶାର ଚଲାପଥ ଅନୁଷ୍ଠାନ ଓ ହରିଓମ୍ ସାଂସ୍କୃତିକ ଓ ସାମାଜିକ ଅନୁଷ୍ଠାନର ମିଳିତ ଆନୁକୁଲ୍ୟରେ ସର୍ବଭାରତୀୟ ବହୁଭାଷୀ ଭାଷା ଓ ସଂସ୍କୃତିର ବୈଭବତା ଉପରେ ଅନୁଷ୍ଠିତ ହୋଇଥିବା ଏହି ଆଲୋଚନା ଚକ୍ରକୁ ଉତ୍ତର ପ୍ରଦେଶର ବିଶିଷ୍ଟ ସାହିତ୍ୟିକ ଓ ଗବେଷକ ବର୍ଷିଆନ କବି ଅନୀଲ କୁମାର ଶ୍ରୀବାସ୍ତବ ଉଦ୍‌ଘାଟନ କରିଥିବା ବେଳେ, ବିଶିଷ୍ଟ ଅତିଥି ଭାବେ ହିରୟାଣା ଓ କର୍ଣ୍ଣାଟକ ବାଙ୍ଗାଲୋରର ବିଶିଷ୍ଟ ଶିଳ୍ପପତି, ସମାଜସେବୀ, ବିଶିଷ୍ଟ



ପୌରାଣିକ ପ୍ରବଚକ, ବିଶିଷ୍ଟ ସଙ୍ଗୀତଜ୍ଞ ହରିଓଁ ଅଗ୍ରୱାଲା, କଳିଙ୍ଗ ବାଙ୍ଗାଲୋର ଫାଉଣ୍ଡେସନର ପ୍ରତିଷ୍ଠାତା ଅଧ୍ୟକ୍ଷ, ନିଉଜ୍ ସେଭେନର ଦକ୍ଷିଣ ଭାରତ ମୂଖ୍ୟ, ବିଶିଷ୍ଟ ସାହିତ୍ୟିକ ରଂଜନ କୁମାର ଆଚାର୍ଯ୍ୟ ମୁଖ୍ୟ ଅତିଥି ଭାବେ ଯୋଗ ଦେଇଥିବା ବେଳେ ସମ୍ମାନୀତ ଅତିଥି ଭାବେ ବିଶିଷ୍ଟ ସାହିତ୍ୟିକ କମଳେସ କୁମାର କେଶସ୍ୱାନୀ ଯୋଗଦେଇ ମତବ୍ୟକ୍ତ କରିଥିଲେ । ଚଲାପଥର ପ୍ରତିଷ୍ଠାତା ସମ୍ପାଦକ ହଳଧର ଧୀର ସ୍ୱାଗତ ଭାଷଣରେ ଚଲାପଥ ସମ୍ପର୍କରେ ଆଲୋକପାତ କରିଥିଲେ । ଅନ୍ୟମାନଙ୍କ ମଧ୍ୟରେ ପ୍ରମୋଦ କୁମାର ଦୋକାନିଆ, ବିମଲ କୁମାର ଦାଢ଼ା, ନଗେନ୍ଦ୍ର କୁମାର ଶ୍ରୀବାସ୍ତବ, ପ୍ରଶାନ୍ତ ପ୍ରକାଶ, ନରେନ୍ଦ୍ର ଯାଦବ, ଡକ୍ଟର ଏସ.କେ.ମାଲା, ସଂଜୀବ କୁମାର ରାଓ, ବିଜୟ କୁମାର ସାହୁ, ଡ. ରଘୁନାଥନ ପଟ୍ଟୀ, ପି.କେ.ରମେଶ, ଚିନ୍ମୟ ଗନରକର ପ୍ରମୁଖ ଯୋଗଦେଇ ଆଲୋଚନାରେ ଭାଗ ନେଇଥିଲେ । ଏହି ଆଲୋଚନା ଚକ୍ରରେ କର୍ଣ୍ଣାଟକ, ମହାରଷ୍ଟ୍ର, ତାମିଲିନାଡୁ, ଗୁଜୁରାଟ, ଜାମୁକାଶ୍ମୀର, ପଶ୍ଚିମବଙ୍ଗ, ଉତ୍ତରପ୍ରଦେଶ, ହରିୟାଣା, ରାଜସ୍ଥାନ, ଝାଡ଼ଖଣ୍ଡ, ଓଡ଼ିଶା, ବିହାର, ମଧ୍ୟପ୍ରଦେଶ, ଛତିଶଗଡ଼ ପ୍ରଭୃତି ରାଜ୍ୟରୁ ପ୍ରତିନିଧିମାନେ ଯୋଗଦେଇ ଆଲୋଚନାରେ ଅଂଶ ଗ୍ରହଣ କରିଥିଲେ ।

# ମଧ୍ୟାହ୍ନ ଭୋଜନର ମାନ ପରଖିଲେ ଜିଲ୍ଲାପାଳ

ମାଲକାନଗିରି,୧।୯ (ନି.ପ୍ର) : ଜିଲ୍ଲାପାଳ ସୋମେଶ କୁମାର ଉପାଧ୍ୟାୟ ଜିଲ୍ଲାରେ ମଧ୍ୟାହ୍ନ ଭୋଜନରେ ଅଭିନବ ପ୍ରୟାସ ଆରମ୍ଭ କରିଛନ୍ତି । ସୋମବାର ଯୁଗ୍ମ ଅଭିଯୋଗ ଶୁଣାଣୀ ପରେ ଜିଲ୍ଲାପାଳ ନିଜେ ପଦ୍ମଗିରି ଏସଏସଡି ଉଚ୍ଚ ବିଦ୍ୟାଳୟ ଗସ୍ତ କରି ମଧ୍ୟାହ୍ନ ଭୋଜନର ମାନ ପରଖିଛନ୍ତି । ଏହି ଅବସରରେ ପାଠପଢା କେମିତି ଚାଲିଛି ପଚାରି ବୁଝିଥିଲେ ଜିଲ୍ଲାପାଳ। ପିଲାଙ୍କ ସୁବିଧା ଅସୁବିଧା ବୁଝିଥିଲେ । ସେହିପରି ଉକ୍ତ ସ୍କୁଲର ଭିତ୍ତିଭୂମି ପରିଦର୍ଶନ କରିବା ସହ ଉନ୍ନୟନ କାମ ବୁଲି ଦେଖିଥିଲେ ଜିଲ୍ଲାପାଳ। ଛାତ୍ରଛାତ୍ରୀଙ୍କୁ ଉତ୍ତମ ଗୁଣବତ୍ତା ସମ୍ପନ୍ନ ଖାଦ୍ୟ ପରଷିବା ପାଇଁ ସୁନିଶ୍ଚିତ କରିବା ପାଇଁ ଜିଲ୍ଲାପାଳ ଅଧିକାରୀ ମାନଙ୍କୁ କଡ଼ା ନିର୍ଦ୍ଦେଶ ଦେଇଛନ୍ତି ।



ଏବେ ଜିଲ୍ଲାପାଳଙ୍କ ସମେତ ଅନ୍ୟ ଜିଲ୍ଲା ସ୍ତରୀୟ ଅଧିକାରୀ ଓ ଉପଖଣ୍ଡ ସ୍ତରୀୟ ଅଧିକାରୀ ମାନେ ମଧ୍ୟାହ୍ନ ଭୋଜନ ର ଗୁଣବତ୍ତା, ମାନ ଓ ସ୍ୱାଦ ଚାଖିବେ। ମୁଖ୍ୟତଃ ଜିଲ୍ଲାପାଳ ଓ ଜିଲ୍ଲା ଆରକ୍ଷୀ ଅଧିକ୍ଷକଙ୍କ ଯୁଗ୍ମ ଅଭିଯୋଗ ଶୁଣାଣୀ ଶିବିର ପରେ ନିକଟସ୍ଥ ସମସ୍ତ ବିଦ୍ୟାଳୟ ରେ ମଧ୍ୟାହ୍ନ ଭୋଜନର ସ୍ୱାଦ ଚାଖିବେ ଅଧିକାରୀ ମାନେ। ଆଜି ପଦ୍ମଗିରି ପଞ୍ଚାୟତରେ ଅଭିଯୋଗ ଶୁଣାଣୀ ପରେ ସମସ୍ତ ଅଧିକାରୀ ମାନେ ବିଭିନ୍ନ ବିଦ୍ୟାଳୟ ରେ ମଧ୍ୟାହ୍ନ ଭୋଜନରେ ପିଲା ମାନଙ୍କ ସହିତ ମିଶି ମଧ୍ୟାହ୍ନ ଭୋଜନର ମାନ ପରଖି ଥିଲେ। ଆରକ୍ଷୀ ଅଧିକ୍ଷକ ଖରାପଲ୍ଲି ଉଚ୍ଚ ପ୍ରାଥମିକ ବିଦ୍ୟାଳୟ, ଉପ ଜିଲ୍ଲାପାଳ ତଳସାହି ବିଦ୍ୟାଳୟ ରେ ମଧ୍ୟାହ୍ନ ଭୋଜନ ଚାଖି ଥିଲେ। ପଞ୍ଚାୟତର ନିକଟସ୍ଥ ଅନ୍ୟାନ୍ୟ ବିଦ୍ୟାଳୟ ଯଥା ସିନ୍ଧରୀମାଲ, ବାଂଟିଗୁଡା, ଜଦୁଗୁଡା, ବିଲାପାରି ଇତ୍ୟାଦି ବିଦ୍ୟାଳୟରେ ଅଧିକାରୀ ମାନେ ମଧ୍ୟାହ୍ନ ଭୋଜନ ର ସ୍ୱାଦ ଚାଖିଥିଲେ। ଆସନ୍ତା ଦିନ ଗୁଡିକରେ ଜିଲ୍ଲାର ସମସ୍ତ ବିଦ୍ୟାଳୟ ଗୁଡିକରେ ମଧ୍ୟାହ୍ନ ଭୋଜନ ର ସ୍ୱାଦ ଓ ମାନ ସୁନିଶ୍ଚିତ କରାଯିବ ବୋଲି ଜିଲ୍ଲା ଶିକ୍ଷା ଅଧିକାରୀ ଚିତ୍ତରଞ୍ଜନ ପାଣଗ୍ରାହୀ ସୂଚନା ଦେଇଛନ୍ତି।

# ଖାରବେଳ ନଗରଠାରେ ସ୍ୱାଏକରର ନୂତନ ଷ୍ଟୋର ଉଦ୍‌ଘାଟିତ

ଭୁବନେଶ୍ୱର,୧।୯ (ନି.ପ୍ର) : ଦେଶର ଅଗ୍ରଣୀ ଫ୍ୟାସନ ବ୍ରାଣ୍ଡ ଭାବେ ଜଣାଶୁଣା ସ୍ୱାଏକରର ଏକ ନୂତନ ଏକ୍ସକ୍ଲୁସିଭ୍ ଷ୍ଟୋର ଭୁବନେଶ୍ୱରର ଖାରବେଳ ନଗରସ୍ଥିତ ନରୁଲା କମ୍ପ୍ଲେକ୍ସଠାରେ ଉଦ୍‌ଘାଟିତ ହୋଇଯାଇଛି। ଏହି କାର୍ଯ୍ୟକ୍ରମରେ ବିଶ୍ୱଜିତ ମିଶ୍ର ଏବଂ ଅରିଜିତ ମହାପାତ୍ର ମୁଖ୍ୟ ଅତିଥି ଭାବେ ଯୋଗଦେଇଥିଲେ। ୬୫୦ ବର୍ଗ ଫୁଟ ବିଶିଷ୍ଟ ନୂତନ ଷ୍ଟୋରରେ ଯୁବ ପିଢୀଙ୍କୁ ସୁହାଇଲା ଭଳି ବିଭିନ୍ନ ପ୍ରକାରର ଟି ସାର୍ଟ, ଶୀତ ପୋଷାକ, ପର୍ଫ୍ୟୁମ୍, ଏବଂ ୱାଲେଟ୍ ଆଦି ଉପକରଣ ଉପଲବ୍ଧ ରହିଛି । ଏହି ଅବସରରେ ଫ୍ରାଞ୍ଚାଇଜ୍ ମାଲିକ ନମନ ନରୁଲା ଏବଂ ସଞ୍ଜୟ ନରୁଲାଙ୍କ ସମେତ ସେମାନଙ୍କର ପରିବାରବର୍ଗ ମଧ୍ୟ ଉପସ୍ଥିତ ଥିଲେ। ଏଥିରେ ସ୍ୱାଏକରର ଏଏସ୍ ଏମ୍ ବିକି ଗୁପ୍ତା ଯୋଗଦେଇଥିଲେ। ଏହି ଅବସରରେ ନରୁଲା ପରିବାରର ବନ୍ଧୁ ଓ




ଶୁଭେଚ୍ଛୁ ମାନେ ଉପସ୍ଥିତ ଥିଲେ। ଏହି ଷ୍ଟୋରଟି ଭୁବନେଶ୍ୱରର ୬ଷ୍ଠ ତମ ଏବଂ ଓଡିଶାର ୨୦ତମ ତମ ଷ୍ଟୋର ଅଟେ । ଭୁବନେଶ୍ୱରର ଏକ ବିଶିଷ୍ଟ ସ୍ଥାନ ତଥା ଖାରବେଳ ନଗରଠାରେ ଏଭଳି ଏକ ଫ୍ୟାସନ୍ ଆଉଟ୍?ଲେଟ୍ ଖୋଲାଯାଇଥିବାରୁ ଫ୍ରାଞ୍ଚାଇଜ୍ ମାଲିକମାନେ ବେଶ ଉତ୍ସାହ ପ୍ରକାଶ କରିଥିବା ସହ ସହରର ଗ୍ରାହକମାନଙ୍କୁ କିଣା କିଣିର ଏକ ନୂତନ ସ୍ୱାଦ ଚଖାଇବା ଏହାର ମୂଳ ଲକ୍ଷ୍ୟ ଅଟେ ବୋଲି ସେମାନେ ପ୍ରକାଶ କହିଥିଲେ। ଏହି ନୂତନ ଷ୍ଟୋରଟି ସାରା ଦେଶରେ ନିଜର ଛାପ ଛାଡିବା ସହ ଯୁବପିଢୀମାନଙ୍କ ଫ୍ୟାସନ ସେନ୍ସ ସହ ଯୋଡି ହେବାର ପ୍ରତିବଦ୍ଧତାକୁ ସୁଦୃଢ କରିପାରିଛି । ଏଠାରେ ଉଲ୍ଲେଖଯୋଗ୍ୟ ଯେ, ୧୯୯୨ ମସିହାରେ ପ୍ରତିଷ୍ଠା ହୋଇଥିବା ସ୍ୱାଏକରର ଏକ ପ୍ରମୁଖ ଫ୍ୟାସନ ବ୍ରାଣ୍ଡ ଯାହା ବିଭିନ୍ନ ପ୍ରକାରର ଷ୍ଟାଇଲିସ୍, କଣ୍ଟେପରାରି ଡିଜାଇନ୍ ଏବଂ ଆସେସୋରିଜ୍ ସହ ଜଡିତ ରହି ନିଜର ଏକ ସ୍ୱତନ୍ତ୍ର ପରିଚୟ ସୃଷ୍ଟି କରିପାରିଛି ।

# ଦହିଖାଇ ବରକୋଳି ରାସ୍ତା ଶୋଚନୀୟ, ହନ୍ତସନ୍ତ ସ୍ଥାନୀୟ ବାସିନ୍ଦା

ଖଣ୍ଡପଡ଼ା, ୧।୯ (ନିପ୍ର): ଖଣ୍ଡପଡ଼ା ବ୍ଲକ ବେଣାଗାଡିଆ ପଞ୍ଚାୟତ ଅଧୀନ ବରକୋଳି ଛକରୁ ଦହିଖାଇକୁ ସଂଯୋଗ କରୁଥିବା ରାସ୍ତା ଶୋଚନୀୟ ହୋଇପଡିଥିବା ନେଇ ଅଭିଯୋଗ ହୋଇଛି। ମିଳିଥିବା ସୂଚନା ଅନୁଯାୟୀ ବରକୋଳି ଛକ ଠାରୁ ଦହିଖାଇକୁ ସଂଯୋଗ କରୁଥିବା ରାସ୍ତା ଏବେ ମରଣଯନ୍ତା ପାଲଟିଥିବା ବେଳେ ଯାତ୍ରୀମାନେ ଯାତାୟତ କଲାବେଳେ ହନ୍ତସନ୍ତ ହେଉଥିବା ସୂଚନା ମିଳିଛି। ରାସ୍ତାରେ ଏକାଧିକ ଖାଲଖମା ଯୋଗୁଁ ସାମାନ୍ୟ ବର୍ଷାରେ ପାଣିଜମି ରହୁଥିବା ବେଳେ ବାଇକ ଆରୋହୀ ଓ ପଥଚାରୀ ସମସ୍ୟାରେ ପଡୁଛନ୍ତି। ରାସ୍ତା ସମସ୍ୟା ନେଇ ସ୍ଥାନୀୟ ଗ୍ରାମବାସୀ ଦୀର୍ଘ ୨ ବର୍ଷ ଧରି ଅଭିଯୋଗ କରିଆସୁଥିଲେ ମଧ କୌଣସି ସୁଫଳ ମିଳୁନଥିବା କହିଛନ୍ତି। ସ୍ଥାନୀୟ ଅଞ୍ଚଳବାସୀଙ୍କ କହିବା କଥା ହେଲା ରାସ୍ତାଟି ଗ୍ରାମ୍ୟ ଉନ୍ନୟନ ବିଭାଗ ଅଧୀନରେ ଆସୁଥିବା ବେଳେ ବର୍ଷ ବର୍ଷ ଧରି ମରାମତି ହେଉନି। ଏଥିସହିତ ସଂକୀର୍ଣ୍ଣ ରାସ୍ତା ଦେଇ ଦିନରାତି ଭାରିଯାନ ଚଳାଚଳ କରିବା ଦ୍ୱାରା ରାସ୍ତାର ଏଭଳି ଦୂରବସ୍ଥା ହୋଇଥିବା ମଧ ଅଭିଯୋଗ ହୋଇଛି। ଉକ୍ତ ରାସ୍ତା ଉପରେ ଖଳିସାହି, ସିଙ୍ଘାପଡ଼ା, ବେଣାଗାଡିଆ ପଞ୍ଚାୟତର ଶତାଧିକ ଲୋକେ ନିର୍ଭର କରୁଥିବା ବେଳେ ଯାତାୟତ ମଧ କରିଥାନ୍ତି। ଜିଲ୍ଲା ପ୍ରଶାସନ ତୁରନ୍ତ ଏ ଦିଗରେ ପଦକ୍ଷେପ ଗ୍ରହଣ କରିବାକୁ ସାଧାରଣରେ ଦାବି ହୋଇଛି।





## ସଙ୍ଗଠନ ସୃଜନ ଅଭିଯାନ ଓଡ଼ିଶା ଆରମ୍ଭ

# ବଛାହେବେ ନୂତନ ଜିଲ୍ଲା କଂଗ୍ରେସ ସଭାପତି

ଭୁବନେଶ୍ୱର,୧୯ (ନି.ପ୍ର) : ଅଖିଳ ଭାରତ କଂଗ୍ରେସ କମିଟିର ନିର୍ଦ୍ଦେଶ କ୍ରମେ ଓଡ଼ିଶାରେ ସଂଗଠନ ସୃଜନ ଅଭିଯାନ ଆରମ୍ଭ ହୋଇଛି। ଏହି ପ୍ରକ୍ରିୟାରେ ରାଜ୍ୟର ସମସ୍ତ ୩୫ ଗୋଟି କଂଗ୍ରେସ ସାଂଗଠନିକ ଜିଲ୍ଲା ପାଇଁ ସଭାପତି ଚୟନ ହେଉଅଛି। ଏହି ଗଣତାନ୍ତ୍ରିକ ପ୍ରକ୍ରିୟା ରାଜ୍ୟବ୍ୟାପୀ ଅଗଣିତ କଂଗ୍ରେସ କର୍ମୀଙ୍କ ମଧ୍ୟରେ ନାହିଁ ନ ଥିବା ଉତ୍ସାହ ସୃଷ୍ଟି କରିଛି ବୋଲି ଆଜି ମଧ୍ୟାହ୍ନରେ କଂଗ୍ରେସ ଭବନରେ ପିସିସି ସଭାପତି ଭକ୍ତ ଚରଣ ଦାସ ସାମ୍ବାଦିକ ମାନଙ୍କୁ ସୂଚନା ଦେଇଛନ୍ତି। ଶ୍ରୀ ଦାସ କହିଛନ୍ତି, ଗତକାଲି ବାଲେଶ୍ୱର ଓ କେନ୍ଦ୍ରାପଡ଼ା ପାଇଁ ଏଆଇସିସି ପର୍ଯ୍ୟବେକ୍ଷକ ଭାବେ ଯଥାକ୍ରମେ ସାଂସଦ ଶ୍ରେୟାସ ଏମ୍ ପଟେଲ ଓ ଏଆଇସିସି ସମ୍ପାଦକ ଗୋପୀନାଥ ପାଲାନିୟାପନ୍ ଭୁବନେଶ୍ୱରରେ ପହଞ୍ଚି ସମ୍ପୃକ୍ତ ଜିଲ୍ଲା ଗସ୍ତ କରି ଦଳୀୟ ନେତା ଓ କର୍ମୀଙ୍କ ସହିତ ଆଲୋଚନା ଆରମ୍ଭ କରିଛନ୍ତି। ଏହିପରି ସୋମବାର ଦେବଗଡ଼, ଖୋର୍ଦ୍ଧା, ମାଲକାନଗିରି, ମୟୂରଭଞ୍ଜ (ପୂର୍ବ), ନବରଙ୍ଗପୁର, ନୟାଗଡ଼ ଓ ନୂଆପଡ଼ା ପାଇଁ ଯଥାକ୍ରମେ ମୁମ୍ବାଇ କଂଗ୍ରେସ କାର୍ଯ୍ୟକାରୀ କମିଟି ସଭାପତି ଚରଣ ସିଂହ ସାପ୍ରା, ପୂର୍ବତନ ମନ୍ତ୍ରୀ ବିମଳ ଶାହା, ବିଧାୟକ ରାଘବେନ୍ଦ୍ର ସିଂହ, ଏଆଇସିସି କୃଷକ ବିଭାଗର ଅଖିଳେଶ ଶୁକ୍ଲା, ପିସିସି ପୂର୍ବତନ କାର୍ଯ୍ୟକାରୀ ସଭାପତି ଜେଟି କୁସୁମ



କୁମାର, ପୂର୍ବତନ ପିସିସି ସଭାପତି ମହେଶ ଶର୍ମା ଓ ଏଆଇସିସି ସମ୍ପାଦକ ମନୋଜ ଚୌହାନ ପ୍ରମୁଖ ଆସି ଓଡ଼ିଶାରେ ପହଂଚିଛନ୍ତି। ସୂଚନାଯୋଗ୍ୟ ପ୍ରତ୍ୟେକ ଜିଲ୍ଲାର ଏଆଇସିସି ପର୍ଯ୍ୟବେକ୍ଷକଙ୍କୁ କାର୍ଯ୍ୟ ସମ୍ପାଦନରେ ସହଯୋଗ କରିବା ପାଇଁ ୩ ଜଣିଆ ପିସିସି ପର୍ଯ୍ୟବେକ୍ଷକ ମଣ୍ଡଳୀ ସେମାନଙ୍କ ସହ ସଂପୃକ୍ତ ଜିଲ୍ଲା ଗସ୍ତ କରିଛନ୍ତି। ଉକ୍ତ ତିନିଜଣିଆ ପିସିସି ପର୍ଯ୍ୟବେକ୍ଷକ ମଣ୍ଡଳୀରେ ଜଣେ ଲେଖାଏଁ ବରିଷ୍ଠ କଂଗ୍ରେସ ନେତା ସାମିଲ ଅଛନ୍ତି। ପର୍ଯ୍ୟବେକ୍ଷକ ମାନେ ନିଜ ନିଜ ନିର୍ଦ୍ଧାରିତ ଜିଲ୍ଲାରେ ଅନ୍ୟୁନ ୭ ଦିନ ବିଭିନ୍ନ ବ୍ଲକ୍ ଗସ୍ତରେ ଯାଇ ସେଠାକାର କଂଗ୍ରେସ ନେତୃବୃନ୍ଦ ଓ କର୍ମୀ ମାନଙ୍କ ସହ ଆଲୋଚନା କରି ଏକ ୬ ଜଣିଆ ପ୍ରାରମ୍ଭିକ ତାଲିକା ପ୍ରସ୍ତୁତ କରିବେ। ଉକ୍ତ ତାଲିକାରେ ଅନୁସୂଚିତ ଜାତି, ଜନଜାତି, ମହିଳା, ଓବିସି ଓ ସଂଖ୍ୟାଲଘୁ ଆଦି ବର୍ଗର ପ୍ରତିନିଧିତ୍ୱ ଉପରେ ଗୁରୁତ୍ୱ ଆରୋପ କରାଯାଇଛି। ଉକ୍ତ ତାଲିକା ଗୁଡିକରୁ ଏଆଇସିସି ଜଣଙ୍କ ନାମ ସଭାପତି ଭାବେ ଘୋଷଣା କରିବ। ଏହି ପ୍ରକ୍ରିୟାକୁ ଯଥାସମ୍ଭବ ସ୍ୱଚ୍ଛ ଓ ନିରପେକ୍ଷ କରିବାକୁ ଏଆଇସିସି ତରଫରୁ ପରାମର୍ଶ ଦିଆଯାଇଛି। ଫଳରେ ପ୍ରତି ଜିଲ୍ଲାରେ ଜଣେ ଲେଖାଏଁ ଯୋଗ୍ୟ ତଥା ଦକ୍ଷ ବ୍ୟକ୍ତି ଦଳର ସାଂଗଠନିକ ନେତୃତ୍ୱ ନେବେ ବୋଲି ଶ୍ରୀ ଦାସ ଆଶା ପ୍ରକାଶ କରିଛନ୍ତି। ଏହି ପ୍ରକ୍ରିୟାକୁ ଯଥା ସମ୍ଭବ ଗଣତାନ୍ତ୍ରିକ ଓ ପୂର୍ଣ୍ଣାଙ୍ଗ କରିବା ପାଇଁ ଆବଶ୍ୟକ ସ୍ଥଳେ ପର୍ଯ୍ୟବେକ୍ଷକ ମାନେ ଅସୁସ୍ଥ ଓ ବୟୋବୃଦ୍ଧ ନେତୃବୃନ୍ଦଙ୍କ ଘରକୁ ଯାଇ ସେମାନଙ୍କ ଠାରୁ ତଥ୍ୟ ସଂଗ୍ରହ କରିବେ ବୋଲି ସେ ପ୍ରକାଶ କରିଛନ୍ତି। ଏହି ପ୍ରକ୍ରିୟା ଆସନ୍ତା ୧୪ ତାରିଖରେ ସରିବ ବୋଲି ଶ୍ରୀ ଦାସ ଗଣମାଧ୍ୟମକୁ ସୂଚନା ଦେଇଛନ୍ତି। ପୂର୍ବ ନିର୍ଦ୍ଧାରିତ କାର୍ଯ୍ୟକ୍ରମ ଅନୁଯାୟୀ ମଙ୍ଗଳବାର ମଧ୍ୟ ୭ କେନ୍ଦ୍ରୀୟ ପର୍ଯ୍ୟବେକ୍ଷକ ଓଡ଼ିଶା ଗସ୍ତରେ ଆସିବେ। ଆଜିର ପ୍ରେସବାର୍ତ୍ତାରେ ଅନ୍ୟମାନଙ୍କ ମଧ୍ୟରେ ସଂଗଠନ ସୃଜନ ଅଭିଯାନର ଅଧ୍ୟକ୍ଷ ଦେବାଶିଷ ପଟ୍ଟନାୟକ, ଏଆଇସିସି ୱାର ରୁମ୍ ଓଡ଼ିଶା ସଂଯୋଜକ ହିତେଶ ମତ୍ୱାନି, ପିସିସି ମିଡିଆ ବିଭାଗ ଅଧ୍ୟକ୍ଷ ଅରବିନ୍ଦ ଦାସ, ଓଡ଼ିଶା ୱାର ରୁମ୍ ଅଧ୍ୟକ୍ଷ ମନୋରଞ୍ଜନ ଦାଶ, ଭିତ୍ତିଭୂମି ଉପାଧ୍ୟକ୍ଷ ପ୍ରଦୀପ ମହାପାତ୍ର, ୱାର ରୁମ୍ ସଦସ୍ୟ ତରୁଣ ମିଶ୍ର, ବାଙ୍କନିଧି ବେହେରା, ଶାନ୍ତନୁ ସାହୁ, ଜୟଶ୍ରୀ ପାତ୍ର ପ୍ରମୁଖ ଉପସ୍ଥିତ ଥିଲେ।

# କେନ୍ଦୁଝରଠାରେ ଯୁଗ୍ମ ଅଭିଯୋଗ ଶୁଣାଣି ଅନୁଷ୍ଠିତ

 କେନ୍ଦୁଝର,୧୯ (ନି.ପ୍ର) : ସୋମବାର ଦିନ ଜିଲ୍ଲାପାଳ ଶ୍ରୀ ବିଶାଲ ସିଂହଙ୍କ ନେତୃତ୍ୱରେ କେନ୍ଦୁଝର ଜିଲ୍ଲା ସଦର ମହକୁମାସ୍ଥ ଦରବାର ହଲ୍ ଠାରେ ଜନସାଧାରଣଙ୍କ ଅଭିଯୋଗ ଶୁଣାଣି ଅନୁଷ୍ଠିତ ହୋଇଯାଇଛି। ଏହି ଅଭିଯୋଗ ଶୁଣାଣି କାର୍ଯ୍ୟକ୍ରମରେ ମୋଟ୍ ୨୦୨ ଅଭିଯୋଗ ଗ୍ରହଣ କରାଯାଇଥିଲା। ସମୁଦାୟ ଅଭିଯୋଗ ମଧ୍ୟରୁ ୨୭ ଅଭିଯୋଗ ଗୋଷ୍ଠୀ ସମସ୍ୟା/ ଗ୍ରାମ୍ୟ ସମସ୍ୟାମୂଳକ ହୋଇଥିବାବେଳେ ୧୭୫ଟି ଅଭିଯୋଗ ବ୍ୟକ୍ତିଗତ ସମସ୍ୟା ଉପରେ ପର୍ଯ୍ୟବେସିତ ଥିଲା।ସେଥିମଧ୍ୟରୁ ୪୨ଟି ଅଭିଯୋଗର ତୁରନ୍ତ ଫଇସଲା




କରାଯାଇଥିଲା। ଜିଲ୍ଲା ରେଡ଼କ୍ରସ ପାଣ୍ଠିରୁ ସହାୟତା ପାଇଁ ୧୩ ଆବେଦନପତ୍ର ଗ୍ରହଣ କରାଯାଇଥିଲା। ଏହି ଶୁଣାଣିରେ ବନଖଣ୍ଡ ଅଧିକାରୀ ଧନରାଜ ଏଚଡ଼ି, ଅତିରିକ୍ତ ଜିଲ୍ଲାପାଳ, ମନ୍ଦରଧର ମହାଳିକ, ରବୀନ୍ଦ୍ର କୁମାର ପ୍ରଧାନ, ଜିଲ୍ଲାପରିଷଦର ମୁଖ୍ୟ ଉନ୍ନୟନ ଅଧିକାରୀ ତଥା ନିର୍ବାହୀ ଅଧିକାରୀ କୁମାର ନାଗଭୁଷଣ, କେନ୍ଦୁଝର ଉପଜିଲ୍ଲାପାଳ ଶ୍ରୀ ଉମାଶଙ୍କର ଦଳାଇ, ଜିଲ୍ଲା ମୁଖ୍ୟ ଚିକିତ୍ସା ଏବଂ ଜନ ସ୍ୱାସ୍ଥ୍ୟ ଅଧିକାରୀ ଡା଼ଃ ବିନୋଦ ବିହାରୀ ମିଶ୍ର, ଏବଂ ସହକାରୀ ଜିଲ୍ଲାପାଳ ସରୋଜ କୁମାର ମଲ୍ଲିକଙ୍କ ସମେତ ଜିଲ୍ଲାସ୍ତରର ବିଭିନ୍ନ ବିଭାଗୀୟ ଅଧିକାରୀମାନେ ଏଥିରେ ଯୋଗଦେଇଥିଲେ ।

# ଆନନ୍ଦ ବିହାରରେ ଗଣେଶ ଚତୁର୍ଥୀ ମହାଡ଼ମ୍ବର ସହିତ ପାଳିତ




ସମ୍ବଲପୁର,୧୯ (ନି.ପ୍ର) : ଆନନ୍ଦ ବିହାର ଗଣେଶ ପୂଜା କମିଟି, ଗଉଖ ମୁଖ୍ୟାଳୟ ଭକ୍ତି ଏବଂ ଏକତାର ଭାବନା ସହିତ ଜୀବନ୍ତ ହୋଇ ୨୭ ଅଗଷ୍ଟ ୨୦୨୫ରେ ଆନନ୍ଦ ବିହାର କଲୋନୀ, ଗଉଖ ମୁଖ୍ୟାଳୟ, ବୁର୍ଲାରେ ଗଣେଶ ଚତୁର୍ଥୀକୁ ମହା ଉତ୍ସାହର ସହିତ ପାଳନ କରିଥିଲା। ମୂର୍ତ୍ତିକାର ଭାବରେ ଶ୍ରୀ ବିଶ୍ୱ ରାଣା, ଉ(ଛ/ଙଚ), ଗଉଖ ମୁଖ୍ୟାଳୟର ମହାନିଷ୍ଠାର ସହିତ ବାପ୍ପା ମୂର୍ତ୍ତିକୁ ରୂପ ଓ ଆକାର ଦେଇଥିଲେ ।

ଭାରତର ପ୍ରତ୍ୟେକ କୋଣରୁ ଆସିଥିବା କମିଟି ସଦସ୍ୟମାନେ ପରମ୍ପରାର ଉଷ୍ମତାକୁ ପୁନଃଉତ୍ପାଦନ କରି ସମଗ୍ର କଲୋନୀକୁ ବିଶ୍ୱାସ, ବିବିଧତା ଏବଂ ଭାଇଚାରାର ଏକ ମିଶ୍ରଣ ପାତ୍ରରେ ପରିଣତ କରିଛନ୍ତି। ଏହି ଉତ୍ସବ ପ୍ରାଣ ପ୍ରତିଷ୍ଠା ଏବଂ ପୂଜା ସହିତ ଆରମ୍ଭ ହୋଇଥିଲା ଓ ମନ୍ତ୍ର ଜପ, ଫୁଲ ଅର୍ପଣ ଏବଂ ଭଗବାନ ଗଣେଶଙ୍କ ଆଶୀର୍ବାଦ ନେଇ ଧ୍ୟାନର ସହିତ ପୂଜାର୍ଚ୍ଚନା କରାଯାଇଥିଲା।

ଦ୍ୱିତୀୟ ଦିନରେ, ମହିଳା ସଦସ୍ୟମାନଙ୍କ ମଧ୍ୟରେ ମହମବତୀ ଆଲୋକ ପ୍ରତିଯୋଗିତା ଆୟୋଜନ କରାଯାଇଥିଲା ଏବଂ ବହୁ ସଂଖ୍ୟକ ଉତ୍ସାହୀ ସଦସ୍ୟ ଅଂଶଗ୍ରହଣ କରିଥିଲେ ଏବଂ ଉପହାର ସହିତ ରାତିର ଉପଭୋଗ କରିଥିଲେ।

୩୧ ଅଗଷ୍ଟ ୨୦୨୫ ସନ୍ଧ୍ୟାରେ, ମୂର୍ତ୍ତି ବିସର୍ଜନ ସହିତ ଉତ୍ସବ ଶେଷ ହୋଇଥିଲା, ଯେଉଁଠାରେ ଭଗବାନ ଗଣେଶଙ୍କ ପ୍ରତିମାକୁ ସଂକୀର୍ତ୍ତନ, ସଙ୍ଗୀତ ଏବଂ ନୃତ୍ୟ ମଧ୍ୟରେ ବିସର୍ଜନ କରାଯାଇଥିଲା ଓ ଡିଜେ, ଆଦିବାସୀ ନୃତ୍ୟ, କାଳ ଭୈରବୀ ନୃତ୍ୟ, ଲୋକନୃତ୍ୟ ଗୋଷ୍ଠୀ ମଧ୍ୟ ସାମିଲ ହୋଇଥିଲା, ଯେଉଁଠାରେ ସମସ୍ତ କଲୋନୀ ସଦସ୍ୟ ଯୋଗ ଦେଇଥିଲେ ଓ ଏହା ଆନନ୍ଦ ଏବଂ ଆଶା ଉଭୟର ପ୍ରତୀକ ଥିଲା ଯେ 'ବାପ୍ପା' ଆସନ୍ତା ବର୍ଷ ପୁଣି ଆଶୀର୍ବାଦ କରିବାକୁ ଫେରି ଆସିବେ।

ଏହି ଉତ୍ସବ ପ୍ରକୃତରେ 'ସଙ୍କୋଚତା ସହିତ ଉତ୍କର୍ଷତା' ଏବଂ 'ବୃହତ୍ତର ମଙ୍ଗଳ ପାଇଁ' କମିଟିର ନୀତିକୁ ପ୍ରତିଫଳିତ କରିଥିଲା, କାରଣ କମିଟି ସାଂସ୍କୃତିକ ଅନ୍ତର୍ଭୁକ୍ତି, ମୂଲ୍ୟବୋଧ ଏବଂ ମାନବୀୟ ସଂଯୋଗ ପ୍ରଦର୍ଶନ କରେ।

# ଲେଡୀସ କ୍ଲବ ଦ୍ୱାରା ପ୍ରାଥମିକ ଚିକିତ୍ସା ତାଲିମ କାର୍ଯ୍ୟକ୍ରମ

ରାୟଗଡା,୧୯ (ନି.ପ୍ର) : ଲେଡୀସ କ୍ଲବ, ରାୟଗଡା' ଆନୁକୂଲ୍ୟରେ ଆଜି ଲଏନ୍ସ କ୍ଲବ ପରିସରରେ ପ୍ରାଥମିକ ଚିକିତ୍ସା ତାଲିମ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ହୃଦଘାତର ଆଶୁ ଚିକିତ୍ସା ଏବଂ ଗୃହିଣୀ ମାନଙ୍କ ପାଇଁ ଘରେ ଘଟୁଥିବା ଦୁର୍ଘଟଣାର ପ୍ରାଥମିକ ଚିକିତ୍ସା ଜାଣିବା ଉକ୍ତ କାର୍ଯ୍ୟକ୍ରମ ର ମୁଖ୍ୟ ଲକ୍ଷ୍ୟ ବୋଲି ସଦସ୍ୟା ମାନେ ମତ ବ୍ୟକ୍ତ କରିଛନ୍ତି। ଉକ୍ତ ତାଲିମ କାର୍ଯ୍ୟକ୍ରମ ପ୍ରାଥମିକ ଚିକିତ୍ସା ପ୍ରଶିକ୍ଷକ, ସମାଜ ସେବୀ ତଥା ବିଶିଷ୍ଟ ଡାକ୍ତର ଲକ୍ଷ୍ମୀ ନାରାୟଣ ସାହୁ ହୃଦରୋଗ ର କାରଣ ଓ ତୁରନ୍ତ ସି. ପି. ଆର. ଦେବାର କୌଶଳ ଶିକ୍ଷା ଦେଇଥିଲେ। ଏହା ସହିତ ଘର କାମ ସମୟରେ ଘଟୁଥିବା ବିଭିନ୍ନ



ଦୁର୍ଘଟଣା ର ଉପଚାର ସମ୍ବନ୍ଧରେ କ୍ଲବ ର ସଦସ୍ୟା ମାନଙ୍କୁ ଅବଗତ କରାଇଥିଲେ। କାର୍ଯ୍ୟକ୍ରମ ରେ ଶ୍ରିମତୀ ସୁଜାତା ପାଳ ପୂର୍ବ ସଭାପତି ସଂସ୍କୃତି କ୍ଲବ, ଶ୍ରମତୀ ବି ସୃଜନା ସଭାପତି ମନଣିଦୀପା କ୍ଲବ ଓ ଶ୍ରୀମତୀ ଶ୍ରମିତା ପାଢ଼ୀ କାଉନସିଲର ରାୟଗଡା ମୁନିସିପାଲିଟି ନିମନ୍ତ୍ରୀତ ଅତିଥି ଭାବେ ଯୋଗ ଦେଇଥିଲେ। କ୍ଲବର ସଭାପତି ଶ୍ରୀମତୀ କସ୍ତୁରୀ ସାହୁ ଙ୍କ ପୌରୋହିତ୍ୟରେ ସମସ୍ତ କାର୍ଯକ୍ରମ ସମ୍ପାଦନ କରାଯାଇଥିଲା। ସମ୍ପାଦିକା ଶ୍ରୀମତୀ ଜ୍ୟୋତିପ୍ରଭା ମହାପାତ୍ର, କୋଷାଧକ୍ଷା ଶ୍ରୀମତୀ ବୁରୁଡି ଲକ୍ଷ୍ମୀ ତଥା ସମସ୍ତ ସଦସ୍ୟା କାର୍ଯକ୍ରମରେ ସମ୍ପୂର୍ଣ୍ଣ ଅଂଶ ଗ୍ରହଣ କରିଥିଲେ। ଶ୍ରୀମତୀ ଅଳକା ଦାସ ମହାଶୟା ଙ୍କ ଦିଗଦର୍ଶନରେ ସମସ୍ତ କାର୍ଯ୍ୟକ୍ରମ ସମ୍ପନ୍ନ ହୋଇଥିଲା। ଡାକ୍ତର ସାହୁ ଙ୍କୁ କ୍ଲବ ତରଫରୁ ସମ୍ମାନିତ କରାଯାଇଥିଲା। କାର୍ଯ୍ୟକ୍ରମଟି ଅତ୍ୟନ୍ତ ଶିକ୍ଷାକାରୀ ଓ ଅତିବ ଆବଶ୍ୟକ ବୋଲି ସଦସ୍ୟା ମାନେ ମତବ୍ୟକ୍ତ କରିଛନ୍ତି। ପରିଶେଷରେ କ୍ଲବ ର କୋଷାଧକ୍ଷା ଧନ୍ୟବାଦ ଅର୍ପଣ କରିଥିଲେ।

## ସ୍ୱାୟତ୍ତ ଶାସନ ଦିବସରେ ସଫେଇ କର୍ମଚାରୀଙ୍କୁ ଅଣଦେଖା

ବ୍ରହ୍ମପୁର,୧୯: (ସୁରେନ୍ଦ୍ର ନାୟକ) : ଗୋପାଳପୁର ବିଜ୍ଞାପିତ ଅଞ୍ଚଳ ପରିଷଦ ସ୍ୱାୟତ୍ତ ଶାସନ ଦିବସ ସମାରୋହ ପାଳନ ଅବସରରେ ପରିମଳ କାର୍ଯ୍ୟରେ ପ୍ରମୁଖ ଭୂମିକା ନେଉଥିବା ସଫେଇ କର୍ମଚାରୀଙ୍କୁ ଅଣଦେଖା କରାଯାଇଥିବାର ଅଭିଯୋଗ ଆସିଛି । ଏପରିକି କାର୍ଯ୍ୟକ୍ରମରେ ମଧ୍ୟାହ୍ନ ଭୋଜନ ବ୍ୟବସ୍ଥା ହୋଇଥିଲେ ମଧ ସଫେଇ କର୍ମଚାରୀଙ୍କୁ ଜାତିଆଣ ଆକ୍ଷେପରେ ଭୋଜନ କାର୍ଯ୍ୟକ୍ରମରୁ ଦୁରେଇ ରଖାଯାଇଛି । ଆଜି ସ୍ଥାନୀୟ କାର୍ଯ୍ୟାଳୟ ରେ ଆୟୋଜିତ ସମ୍ବର୍ଦ୍ଧନା କାର୍ଯ୍ୟକ୍ରମରେ ବିଳମ୍ବିତ ସମୟ ପର୍ଯ୍ୟନ୍ତ ସଫେଇ କର୍ମଚାରୀଙ୍କୁ ଅପେକ୍ଷା କରିବାକୁ କୁହାଯାଇଥିଲା ଶେଷରେ ପୋଷାକ ବିତରଣ କରାଯାଇଥିଲା ଏବଂ ଅପରାହ୍ନ ୦୩ ଟା ପରେ ମଧ୍ୟାହ୍ନ ଭୋଜନ ବ୍ୟବସ୍ଥାରୁ ସେମାନଙ୍କୁ ଘଉଡ଼ାଇ ଦିଆଯାଇଥିଲା । ଫଳ ରେ ସଫେଇ କର୍ମଚାରୀ ମାନେ ଏନଏସି ଅଧ୍ୟକ୍ଷଙ୍କୁ ପ୍ରଶ୍ନ କରିଥିଲେ ଉତ୍ତର ମିଳିଥିଲା ଯେ ସେମାନଙ୍କ ପାଇଁ ବ୍ୟବସ୍ଥା ହୋଇନାହିଁ ପରେ ଦିଆଯିବ । ଏହା ଜାତିଆଣ ଆକ୍ଷେପ ଛୁଆଁ ହୋଇଯିବ ଭାବି ଉଦ୍ଦେଶ୍ୟ ମୂଳକ କରାଯାଇଥିବାର ଯୋଜନାକୁ ସଫେଇ କର୍ମଚାରୀ ସଙ୍ଘ ତରଫରୁ ବିରୋଦ୍ଧ କରାଯାଇଛି । ସମସ୍ତ ପୋଷାକକୁ ଫେରାଇ ଦେଇ ଅସନ୍ତୋଷ ବ୍ୟକ୍ତ କରିଛନ୍ତି । ଏହି ଜାତିଆଣ ଆକ୍ଷେପ ଘଟଣା କୁ ନେଇ ଆଗାମୀ ସମୟ ରେ କାର୍ଯ୍ୟାନୁଷ୍ଠାନ ପାଇଁ ଉଚ୍ଚ ଅଧିକାରୀଙ୍କ ନଜରକୁ ଆଣିବା ସହିତ ନ୍ୟାୟିକ ତଦନ୍ତ ନ ହେଲେ କାର୍ଯ୍ୟାବନ୍ଦ ଆନ୍ଦୋଳନ ପାଇଁ ଆଉଟସୋର୍ସିଙ୍ଗ କର୍ମଚାରୀ ମହାସଂଘ ର ରାଜ୍ୟ ଆବାହକ ପ୍ରତାପ ପ୍ରଧାନ କହିଛନ୍ତି ।

# ରାଜଧାନୀ ଭୁବନେଶ୍ୱରକୁ ଜିଲ୍ଲାର ମାନ୍ୟତା ମିଳୁ

ଭୁବନେଶ୍ୱର,୧୯ (ନି.ପ୍ର) : ସେବା ପ୍ରତିନିଧିର ମୁଖ୍ୟ ସଙ୍ଗଠକ ନୀଳମଣି ମିଶ୍ରଙ୍କ ନେତୃତ୍ୱରେ ମହାପ୍ରଭୁ ଲିଙ୍ଗରାଜଙ୍କ ମନ୍ଦିର ସମ୍ମୁଖରେ ରାଜଧାନୀ ଭୁବନେଶ୍ୱରକୁ ଜିଲ୍ଲାର ମାନ୍ୟତା ଦାବି କରିଛନ୍ତି ସେବା ପ୍ରତିନିଧିର ଅଶୋକ କୁମାର ମହାରଣା, ଗିରିଜା ଶଙ୍କର ମହାପାତ୍ର, ସୁରେଶ ଭୋଇ, ଉଲ୍ଲାସ ଚନ୍ଦ୍ର ମହାପାତ୍ର, ତାରା ଚରଣ ଆଚାର୍ଯ୍ୟ,ବିପିନ ବିହାରୀ ରାଉତରାୟ, ମେକାପ ଚିତ୍ତରଞ୍ଜନ ମହାପାତ୍ର, ଗଣେଶ ତ୍ରିପାଠୀ, ମୁରଲୀ ମନୋହର ପାତ୍ର, ବର୍ଣ୍ଣମାଳା ପାତ୍ର, ନୟନୀ ବେହେରା ଓ ସ୍ନେହଲତା ମହାପାତ୍ର ପ୍ରମୁଖ। ଦୁଃଖର ବିଷୟ, ଓଡ଼ିଶାର ରାଜଧାନୀ ଭୁବନେଶ୍ୱରକୁ ବିଭିନ୍ନ ଜିଲ୍ଲାର ଜନସାଧାରଣ ଆସି ସେମାନଙ୍କ ସମସ୍ୟାର ସମାଧାନ କରୁଥିବା ବେଳେ ରାଜଧାନୀରେ ବସବାସ କରୁଥିବା ବ୍ୟକ୍ତି ବିଶେଷ, ସେମାନଙ୍କ କାର୍ଯ୍ୟ ନିମନ୍ତେ ଖୋର୍ଦ୍ଧା ଜିଲ୍ଲାକୁ ଦଉଡି ଥାଆନ୍ତି। ଭାରତରେ ଯେତେ ରାଜ୍ୟ ଅଛି, ସେମାନଙ୍କ ରାଜଧାନୀ ଜିଲ୍ଲାର ମାନ୍ୟତା ପାଇଥିବା ବେଳେ ,ଭୁବନେଶ୍ୱରକୁ ଏଥିରୁ ବ୍ୟତିକ୍ରମ କରାଯାଇଛି। ଏଣୁ ଏଦିଗରେ କର୍ତ୍ତୃପକ୍ଷ ଦୃଷ୍ଟି ଦେବାକୁ ଶ୍ରୀ ମିଶ୍ରଙ୍କ ସହିତ ବିଭିନ୍ନ ଅଞ୍ଚଳବାସୀ ଦାବି କରିଛନ୍ତି।

## ବିଡିଏର ୪୩ତମ ପ୍ରତିଷ୍ଠା ଦିବସ

# 'ଭୁବନେଶ୍ୱରକୁ ବିଶ୍ୱସ୍ତରୀୟ ସହରରେ ପରିଣତ କରିବା ଆମର ଲକ୍ଷ୍ୟ'

ଭୁବନେଶ୍ୱର,୧୯ (ନି.ପ୍ର) : ଭୁବନେଶ୍ୱର ଉନ୍ନୟନ କର୍ତ୍ତୃପକ୍ଷ (ବିଡିଏ)ର ୪୩ତମ ପ୍ରତିଷ୍ଠା ଦିବସ ସୋମବାର ଜୟଦେବ ଭବନରେ ପାଳିତ ହୋଇଯାଇଛି। ପ୍ରତିଷ୍ଠା ଦିବସରେ ମୁଖ୍ୟ ଅତିଥି ଭାବେ ଗୃହ ନିର୍ମାଣ ଏବଂ ନଗର ଉନ୍ନୟନ ବିଭାଗ ଓ ସାଧାରଣ ଉଦ୍ୟୋଗ ବିଭାଗର ମାନ୍ୟବର ମନ୍ତ୍ରୀ ତଥା ବିଡିଏ ଅଧ୍ୟକ୍ଷ ଡ଼ା. କୃଷ୍ଣଚନ୍ଦ୍ର ମହାପାତ୍ର ଯୋଗ ଦେଇଥିଲେ। ଏହି କାର୍ଯ୍ୟକ୍ରମରେ ମେୟର ଶ୍ରୀମତୀ ସୁଲୋଚନା ଦାସ, ଏକାମ୍ର ଭୁବନେଶ୍ୱରର ମାନ୍ୟବର ବିଧାୟକ ଶ୍ରୀ ବାବୁ ସିଂ, ବିଡିଏ ଉପାଧ୍ୟକ୍ଷ ଡା.ଏନ୍ ତିରୁମାଲା ନାୟକ,ବିଡିଏ ସଚିବ ମାନସ ରଞ୍ଜନ ପାଢ଼ୀ ଓ ବିଡିଏ କର୍ମଚାରୀ ଇଉନାଇଟେଡ଼ ଫୋରମର ସଭାପତି ସମୀର ମହାନ୍ତି ପ୍ରମୁଖ ଉପସ୍ଥିତ ଥିଲେ।

ମନ୍ତ୍ରୀ ଶ୍ରୀ ମହାପାତ୍ର ତାଙ୍କ ଅଭିଭାଷଣରେ ଭୁବନେଶ୍ୱରର ଦ୍ରୁତ ବୃଦ୍ଧି ପାଉଥିବା ଜନସଂଖ୍ୟାକୁ ନଜରରେ ରଖି ସହରୀ ଯୋଜନାର ମହତ୍ତ୍ୱ ଉପରେ ଆଲୋକପାତ କରିଥିଲେ। ସେ ଭୁବନେଶ୍ୱରକୁ ଏକ ବିଶ୍ୱସ୍ତରୀୟ ସହରରେ ରୂପାନ୍ତରିତ କରିବାର ସ୍ୱପ୍ନ ସହିତ, ସହରର ଅଭିବୃଦ୍ଧି, ରାଜଧାନୀରେ ନିଜର ସ୍ୱପ୍ନର ଘର ଗଢ଼ିବା ପାଇଁ ଚାହୁଁଥିବା




ଲୋକଙ୍କ ସ୍ୱପ୍ନକୁ ସଫଳ କରିବା ଦିଗରେ ବିଡିଏର ପ୍ରତିବଦ୍ଧତା ବିଷୟରେ ସେ କହିଥିଲେ। ଏବଂ ପରିବେଶର ସବୁଜିମା ସଂରକ୍ଷଣ ଏବଂ ସ୍ୱେରେଜ୍ ତଥା ଜଳ ନିଷ୍କାସନ ବ୍ୟବସ୍ଥାରେ ଉନ୍ନୟନ ଆଣିବା ପାଇଁ ପ୍ରଶାସନ ଓ ସାଧାରଣ ଲୋକଙ୍କ ମଧ୍ୟରେ ମିଳିତ ପ୍ରୟାସର ଆବଶ୍ୟକତା ଉପରେ ଗୁରୁତ୍ୱାରୋପ କରିଥିଲେ।

ମେୟର ଶ୍ରୀମତୀ ସୁଲୋଚନା ଦାସ ଭୁବନେଶ୍ୱରକୁ ସମସ୍ତଙ୍କ ପାଇଁ ଉପଯୁକ୍ତ ସହରରେ ଗଢ଼ିବାରେ ବିଡିଏର ମୁଖ୍ୟ ଭୂମିକା ଉପରେ ଆଲୋକପାତ କରିଥିଲେ। ସହରର ଦ୍ରୁତ ଅଭିବୃଦ୍ଧି ଓ ଜନସଂଖ୍ୟା ବୃଦ୍ଧିକୁ ଦୃଷ୍ଟିରେ ରଖି ସହରାଞ୍ଚଳ ବାସହୀନଙ୍କୁ ଆଶ୍ରୟ ପ୍ରଦାନ କରୁଥିବା ପ୍ରକଳ୍ପଗୁଡ଼ିକୁ ପ୍ରାଥମିକତା ଦେବାକୁ ଏକାମ୍ର ବିଧାୟକ ବାବୁ ସିଂହ ବିଡିଏକୁ କହିଥିଲେ । ବିଡିଏ ଉପାଧ୍ୟକ୍ଷ ସହରର ବ୍ୟାପକ ବିକାଶ ଓ ବାସିନ୍ଦାଙ୍କ ଜୀବନଧାରଣ ମାନ ବୃଦ୍ଧି ଦିଗରେ କର୍ତ୍ତୃପକ୍ଷଙ୍କ ପ୍ରତିବଦ୍ଧତାକୁ ଦୋହରାଇଥିଲେ।"ବିଡିଏ କର୍ମଚାରୀ ଇଉନାଇଟେଡ଼ ଫୋରମର ସଭାପତି ସମୀର ମହାନ୍ତି ବିଡିଏ କର୍ମଚାରୀଙ୍କ ପାଇଁ ପେନସନ୍ ଯୋଜନା କାର୍ଯ୍ୟକାରୀ କରିବାକୁ ଦାବି ଦୋହରାଇଛନ୍ତି । ଏହି ଅବସରରେ ବିଡିଏ ସଚିବ ମାନସ ରଞ୍ଜନ ପାଢ଼ୀ ବାର୍ଷିକ ବିବରଣୀ ପାଠ କରିଥିଲେ। ମାନ୍ୟବର ମନ୍ତ୍ରୀ ବିଡିଏର ବାର୍ଷିକ ବିବରଣୀ ଉନ୍ମୋଚନ କରିଥିଲେ । ଶେଷରେ ବିଡିଏର ଅତିରିକ୍ତ ଆୟୁକ୍ତ ଶ୍ରୀମତୀ ସ୍ନିଗ୍ଧା ରାଣୀ ଧଳ ଧନ୍ୟବାଦ ଅର୍ପଣ କରିଥିଲେ।

ଅନ୍ୟପଟେ ଆଜି ପ୍ରତିଷ୍ଠା ଦିବସ ଅବସରରେ ମନ୍ତ୍ରୀ ଶ୍ରୀ ମହାପାତ୍ର କଳିଙ୍ଗ ବିହାର କେ୯ବି ଅଞ୍ଚଳରେ ଏକ ଖେଳପଡ଼ିଆ ଓ ପାର୍କର ଉଦଘାଟନ କରିଥିଲେ । ଏହି ଖେଳପଡ଼ିଆ ୨.୩ ଏକର ଏବଂ ପାର୍କ ୧.୩୬ ଏକର ଜାଗାରେ ନିର୍ମିତ ହୋଇଛି। ଉଭୟ ପ୍ରକଳ୍ପ ମିଳିତ ଭାବେ ପ୍ରାୟ ୫.୫ କୋଟି ଟଙ୍କା ବ୍ୟୟରେ ନିର୍ମାଣ କରାଯାଇଛି। ଏହି ସଂଯୋଜିତ ପାର୍କ ଓ ଖେଳପଡ଼ିଆରେ ସ୍ପ୍ରିଙ୍କଲର ଜଳସେଚନ ବ୍ୟବସ୍ଥା, ଭୂମିଗତ ଜଳ ଭଣ୍ଡାର, ଚାରିପାଖରେ ଚେନ୍ ? ଲିଙ୍କ ସହିତ କାନ୍ଥ, ଶୌଚାଳୟ, ଚେଞ୍ଜିଂ ରୁମ୍, ଓପନ ଜିମ୍, ଯୋଗ ପିଣ୍ଡି ଏବଂ ଚାଲିବା ପାଇଁ ଟ୍ରାକ୍ ଭଳି ଅନେକ ସୁବିଧା ରହିଛି। ଅନ୍ୟପଟେ ବିଡିଏ ପକ୍ଷରୁ ବର୍ତ୍ତମାନ କେ୯ବି ଖେଳପଡ଼ିଆ ସମେତ ମୋଟ ୨୦ଟି ଖେଳପଡ଼ିଆ ପ୍ରାୟ ୯୮ କୋଟି ଟଙ୍କା ବ୍ୟୟରେ ନିର୍ମାଣ କରୁଛି। ବାକି ୧୯ଟି ଖେଳପଡ଼ିଆର ନିର୍ମାଣ କାର୍ଯ୍ୟ ଶେଷ ପର୍ଯ୍ୟାୟରେ ରହିଛି। ଏହି ଉତ୍ସବରେ ଭୁବନେଶ୍ୱର ମେୟର ଶ୍ରୀମତୀ ସୁଲୋଚନା ଦାସ, ଏକାମ୍ର ଭୁବନେଶ୍ୱର ବିଧାୟକ ଶ୍ରୀ ବାବୁ ସିଂ, ଗୃହ ଓ ନଗର ଉନ୍ନୟନ ବିଭାଗର ପ୍ରମୁଖ ଶାସନ ସଚିବ ଶ୍ରୀମତୀ ଉଷା ପାଢ଼ୀ ଏବଂ ବିଡିଏ ଉପାଧ୍ୟକ୍ଷ ଡା.ଏନ୍ ତିରୁମାଲା ନାୟକ ଓ ବହୁ ବିଭାଗୀୟ ଅଧିକାରୀ ଉପସ୍ଥିତ ଥିଲେ।

# ଜିଲ୍ଲାସ୍ତରୀୟ ଅଭିଯୋଗ ଶୁଣାଣୀ ଅନୁଷ୍ଠିତ




ପୁରୀ, ୧୯ (ନି.ପ୍ର) : ପୁରୀ ଜିଲ୍ଲା ସ୍ତରୀୟ ଅଭିଯୋଗ ଶୁଣାଣୀ ଆଜି ସଦଭାବନା ସଭାଗୃହରେ ଅନୁଷ୍ଠିତ ହୋଇଥିଲା। ଜିଲ୍ଲାପାଳ ଦିବ୍ୟ ରଞ୍ଜନ ପରିଡା ଏଥିରେ ଅଧ୍ୟକ୍ଷତା କରିଥିଲେ। ଏଥିରେ ମୋଟ ୧୨୨ ଗୋଟି ଅଭିଯୋଗ ମିଳିଥିଲା। ସେଥିରୁ ୯୪ ଗୋଟି ବ୍ୟକ୍ତିଗତ, ୨୦ ଗୋଟି ଗ୍ରାମ ସମ୍ବନ୍ଧୀୟ ଓ ୮ ଗୋଟି ମୁଖ୍ୟମନ୍ତ୍ରୀଙ୍କ ରିଲିଫ ପାଣ୍ଠିରୁ ସହାୟତା ସମ୍ପର୍କରେ ରହିଥିଲା। ତତକ୍ଷଣାତ ୧୬ ଗୋଟି ର ସମାଧାନ କରାଯାଇଥିଲା।ଅନ୍ୟ ଅଭିଯୋଗ ଗୁଡିକର ଆଇନ ଅନୁସାରେ ସମାଧାନ ପାଇଁ ସମ୍ପୃକ୍ତ ବିଭାଗ ମାନଙ୍କୁ ପ୍ରେରଣ କରାଯାଇଥିଲା। ଏହି ଶୁଣାଣୀ ରେ ଆରକ୍ଷୀ ଅଧିକ୍ଷକ ପ୍ରତୀକ ସିଂ, ଅତିରିକ୍ତ ଜିଲ୍ଲାପାଳ ପ୍ରଶାସନ ଶରତ ଚନ୍ଦ୍ର ବେହେରା, ଅତିରିକ୍ତ ଜିଲ୍ଲାପାଳ ପ୍ରୋଟୋକଲ ନିଳମାଧବ ଭୋଇ, ଜିଲ୍ଲା ପରିଷଦର ମୁଖ୍ୟ ଉନ୍ନୟନ ଅଧିକାରୀ ପ୍ରିୟରଞ୍ଜନ ପୃଷ୍ଟି,ପୌର ନିର୍ବାହୀ ଅଧିକାରୀ ଅଭିମନ୍ୟୁ ବେହେରା, ଉପ ଜିଲ୍ଲାପାଳ ରାଜ କିଶୋର ଜେନା, ଡେପୁଟି କଲେକ୍ଟର ମନୀଷା ଷଡ଼ଙ୍ଗୀ,ଭାରପ୍ରାପ୍ତ ଅଭିଯୋଗ ଶୁଣାଣୀ ଅଧିକାରୀ ପଞ୍ଚାନନ ପରିଜା ଓ ଅନ୍ୟ ଜିଲ୍ଲା ସ୍ତରୀୟ ଅଧିକାରୀ ମାନେ ଯୋଗ ଦେଇଥିଲେ। ସେପଟ୍ମେର ୮ ତାରିଖରେ ପିପିଲି ବ୍ଲକ ସମ୍ମିଳନୀ କକ୍ଷରେ, ସେପଟ୍ମେର ୧୫ ତାରିଖରେ ଡେଲାଙ୍ଗ ବ୍ଲକ ସମ୍ମିଳନୀ କକ୍ଷରେ ଓ ସେପଟ୍ମେର ୨୨ ତାରିଖରେ ଗୋପ ବ୍ଲକ ସମ୍ମିଳନୀ କକ୍ଷରେ ଦିବା ୧୦ ଘଟିକା ସମୟରେ ଜିଲ୍ଲା ସ୍ତରୀୟ ଅଭିଯୋଗ ଶୁଣାଣି ଶିବିର ଅନୁଷ୍ଠିତ ହେବ ବୋଲି ଅଭିଯୋଗ ପ୍ରକୋଷ୍ଠ ସୂତ୍ରରୁ ପ୍ରକାଶ।

# ଅନୁଗୋଳ ପୌରପାଳିକା ପକ୍ଷରୁ ସ୍ୱାୟତ୍ତ ଶାସନ ଦିବସ

## ଡ଼ା ଦୀପକ ଗଡ଼ନାୟକ ସମ୍ବର୍ଦ୍ଧନା



ଅନୁଗୋଳ : ସ୍ଥାନୀୟ ସଭାଘର ଠାରେ ଅନୁଗୁଳ ପୌରପାଳିକା ପକ୍ଷରୁ ନିଖିଳ ଭାରତ ସ୍ୱାୟତ୍ତ ଶାସନ ଦିବସ ପାଳିତ ହୋଇଯାଇଛି। ନଗରପାଳ ଅକ୍ଷୟ କୁମାର ସାମନ୍ତ ଙ୍କ ଅଧ୍ୟକ୍ଷତା ରେ ଆୟୋଜିତ ଏହି ସମାରୋହରେ ଅନୁଗୁଳ ବିଧାୟକ ପ୍ରତାପ ଚନ୍ଦ୍ର ପ୍ରଧାନ ମୁଖ୍ୟ ଅତିଥି ରୂପେ ଯୋଗଦେଇଥିଲେ। ଅନୁଗୁଳ ସହରକୁ ସବୁଜ ସୁନ୍ଦର ସହିତ ସମୃଦ୍ଧ କରିବାପାଇଁ ଜନସାଧାରଣ ଙ୍କ ସହଯୋଗ ନିହାତି ଆବଶ୍ୟକ ବୋଲି ମୁଖ୍ୟ ଅତିଥି ପ୍ରକାଶ କରିଥିଲେ। ଉନ୍ନତ ଭିତ୍ତିଭୂମି ପ୍ରତିଷ୍ଠା, ମହିଳା ମାନଙ୍କୁ ସଶକ୍ତିକରଣ ଏବଂ ଆତ୍ମନିଯୁକ୍ତି କ୍ଷେତ୍ର ରେ ଉପଯୁକ୍ତ ତାଲିମ ପ୍ରଦାନ କୁ ଡବଲ ଇଞ୍ଜିନ ସରକାର ବିଶେଷ ଗୁରୁତ୍ୱ ଦେଉଛନ୍ତି ବୋଲି ଶ୍ରୀ ପ୍ରଧାନ କହିଥିଲେ। ସମାରୋହରେ ଅନ୍ୟତମବିଶିଷ୍ଟ ଅତିଥି ରୂପେ ଯୋଗ ଦେଇ ଅତିରିକ୍ତ ଜିଲ୍ଲାପାଳ ପ୍ରତାପ ପ୍ରିତିମୟ ଅନୁଗୁଳ ପୌରପାଳିକା ର ବିକାଶ ଏବଂ ସୌନ୍ଦର୍ଯ୍ୟକରଣ ପାଇଁ ସବୁ ପ୍ରକାର ଉଦ୍ୟମ କରାଯିବ ବୋଲି କହିଥିଲେ। ଉପ ଆରକ୍ଷୀ ଅଧିକ୍ଷକ ବିରଞ୍ଚି ବାଗ ଅନ୍ୟତମ ଅତିଥି ରୂପେ ଯୋଗ ଦେଇଥିଲେ ।

ନଗରପାଳ ଅକ୍ଷୟ ସାମନ୍ତ ସହରର ସବୁଜିମା ବୃଦ୍ଧି ପାଇଁ ବ୍ୟାପକ ବୃକ୍ଷ ରୋପଣ , ମଶା ନିରାକରଣ ଓ ପଲିଥିନ୍ ବ୍ୟବହାର ଉପରେ କଟକଣା କରାଯାଇଛି ବୋଲି କହିଥିଲେ। ସଭାରେ ନିର୍ବାହୀ ଅଧିକାରୀ ସତ୍ୟପ୍ରକାଶ ତ୍ରିପାଠୀ ବାର୍ଷିକ ବିବରଣୀ ପାଠ କରିବା ସହ ଆଗାମୀ ଦିନରେ ଭେଣ୍ଡିଙ୍ଗ ଜୋନ ମାଧ୍ୟମରେ ଉଠା ଦୋକାନୀ ଙ୍କୁ ଥଇଥାନ, ଡେଲି ମାର୍କେଟ ର ଆଧୁନିକୀକରଣ, ସହର ମଧ୍ୟରେ ବାଇପାସ୍ ରାସ୍ତା ନିର୍ମାଣ ଆଦି ଲକ୍ଷ୍ୟ ରହିଥିବା ପ୍ରକାଶ କରିଥିଲେ। ସମାରୋହରେ ବିଭିନ୍ନ ପ୍ରତିଯୋଗିତାର କୃତି ଛାତ୍ର ଛାତ୍ରୀ ମାନଙ୍କୁ ପୁରସ୍କୃତ କରାଯାଇଥିଲା।

ଉଲ୍ଲେଖନୀୟ ସେବା ପ୍ରଦାନ ପାଇଁ ଡ଼ା ଦୀପକ ଗଡ଼ନାୟକ, ନର୍ସିଂ ଅଫିସର ମଞ୍ଜୁଲାପ୍ରଭା ଶତପଥୀ, ଡ୍ରେସର୍ ସାଗର ମୁଖୀ, ଟାଇକୁଣ୍ଡୁ ଖେଳରେ ବିଶେଷ ସଫଳତା ପାଇଁ ଶ୍ରେୟାଂଶ ସାହୁ ଏବଂ ଅନୁଗୁଳ ର ବ୍ୟବସାୟୀ ମାନଙ୍କ ଉନ୍ନତି ପାଇଁ ବିଶେଷ ଯୋଗଦାନ ହେତୁ ଅନୁଗୁଳ ବଣିକ ସଂଘ କୁ ମୁଖ୍ୟ ଅତିଥି ଉତ୍ତରୀୟ ଓ ମାନପତ୍ର ଦେଇ ସମ୍ବର୍ଦ୍ଧିତ କରିଥିଲେ। ଅନୁଗୋଳ ପୌରପାଳିକା ପକ୍ଷରୁ ସକାଳ ବେଳା କାର୍ଯ୍ୟାଳୟରେ ଜାତୀୟ ପତାକା ଉତଳନ, ସଫେଇ କର୍ମଚାରୀ ମାନଙ୍କୁ ପୋଷାକ ବଣ୍ଟନ, ସହରରେ ଥିବା ବରପୁତ୍ର ମାନଙ୍କ ପ୍ରତିମୂର୍ତ୍ତି ରେ ମାଲ୍ୟାର୍ପଣ, ଡାକ୍ତରଖାନା ରେ ରୋଗୀ ମାନଙ୍କୁ ଫଳ ବଣ୍ଟନ, ବୃକ୍ଷ ରୋପଣ କରିବା ସହ ବିଭିନ୍ନ ସ୍ଥାନରେ ପଥ ପାର୍ଶ୍ୱ ଆଲୋକିକରଣ ବ୍ୟବସ୍ଥା ର ଉଦ୍ଘାଟନ,ଏମ ଆର ଏଫ୍ ବ୍ୟବସ୍ଥାର ଶିଳାନ୍ୟାସ ଆଦି କରାଯାଇଥିଲା ।ସମାରୋହ ଗୁଡିକରେ ଉପାଧ୍ୟକ୍ଷା ଅନୁପମା ସାହୁ ଙ୍କ ସମେତ ସମସ୍ତ କାଉନସିଲର ଓ ଅଫିସ କର୍ମଚାରୀ ଯୋଗ ଦେଇଥିଲେ ।ଶେଷରେ ବିଭିନ୍ନ ସାଂସ୍କୃତିକ ଅନୁଷ୍ଠାନ ନୃତ୍ୟ ସଙ୍ଗୀତ ପରିବେଷଣ କରିଥିଲେ । ସ୍ୱରାଣି ପଟ୍ଟନାୟକ ମଞ୍ଚ ପରିଚାଳନା କରିଥିଲେ।

# ରୁଷ ରାଷ୍ଟ୍ରପତିଙ୍କୁ ସାକ୍ଷାତ କଲେ ପ୍ରଧାନମନ୍ତ୍ରୀ



ନୂଆଦିଲ୍ଲୀ,୧।୯: ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ଆଜି ଚୀନର ତିଆନଜିନ୍ ଠାରେ ସାଂଘାଇ ସହଯୋଗ ସଂଗଠନ ଶିଖର ସମ୍ମିଳନୀ ଅବସରରେ ରୁଷ ରାଷ୍ଟ୍ରପତି ଭ୍ଲାଦିମିର ପୁଟିନଙ୍କ ସହ ସାକ୍ଷାତ କରିଛନ୍ତି।

ଦୁଇ ନେତା ଆର୍ଥିକ, ବିତ୍ତୀୟ ଏବଂ ଶକ୍ତି କ୍ଷେତ୍ର ସମେତ ଦ୍ୱିପାକ୍ଷିକ ସହଯୋଗର ବିଭିନ୍ନ ପ୍ରସଙ୍ଗ ଉପରେ ଆଲୋଚନା କରିଛନ୍ତି। ଏହି କ୍ଷେତ୍ରଗୁଡ଼ିକରେ ଦ୍ୱିପାକ୍ଷିକ ସମ୍ପର୍କରେ ନିରନ୍ତର ଅଭିବୃଦ୍ଧି ଉପରେ ସେମାନେ ସନ୍ତୋଷ ପ୍ରକାଶ କରିଛନ୍ତି।

ଦୁଇ ନେତା ୟୁକ୍ରେନ ସହ ଜଡିତ ସାମ୍ପ୍ରତିକ ଘଟଣାକ୍ରମ ସମେତ ଆଞ୍ଚଳିକ ଏବଂ ବିଶ୍ୱସ୍ତରୀୟ ପ୍ରସଙ୍ଗ ଉପରେ ମଧ୍ୟ ଆଲୋଚନା କରିଛନ୍ତି। ପ୍ରଧାନମନ୍ତ୍ରୀ ୟୁକ୍ରେନରେ ସଂଘର୍ଷର ସମାଧାନ ପାଇଁ ନିଆଯାଇଥିବା ସାମ୍ପ୍ରତିକ ପଦକ୍ଷେପଗୁଡ଼ିକ ପ୍ରତି ତାଙ୍କର ସମର୍ଥନକୁ ଦୋହରାଇଛନ୍ତି। ଏଥିସହିତ ସଂଘର୍ଷର ଦ୍ରୁତ ସମାପ୍ତି ଏବଂ ଦୀର୍ଘସ୍ଥାୟୀ ଶାନ୍ତି ପ୍ରତିଷ୍ଠା ଲାଗି ସମାଧାନ ଖୋଜିବା ଉପରେ ସେ ଗୁରୁତ୍ୱାରୋପ କରିଛନ୍ତି। ଉଭୟ ନେତା ଦୁଇ ଦେଶ ମଧ୍ୟରେ ସ୍ୱତନ୍ତ୍ର ଏବଂ ସୁବିଧାଜନକ ରଣନୀତିକ ସହଭାଗୀତାକୁ ଆହୁରି ସୁଦୃଢ଼ କରିବା ପାଇଁ ସେମାନଙ୍କର ସମର୍ଥନକୁ ପୁନର୍ବାର ଦୋହରାଇଛନ୍ତି। ଚଳିତ ବର୍ଷ ଶେଷ ଭାଗରେ ୨୩ତମ ବାର୍ଷିକ ଶିଖର ସମ୍ମିଳନୀ ପାଇଁ ଭାରତରେ ରାଷ୍ଟ୍ରପତି ପୁଟିନଙ୍କୁ ସ୍ୱାଗତ କରିବାକୁ ଅପେକ୍ଷା କରି ରହିଥିବା ସମ୍ପର୍କରେ ପ୍ରଧାନମନ୍ତ୍ରୀ ତାଙ୍କୁ ଜଣାଇଛନ୍ତି ।

# ସମ୍ ହସ୍ପିଟାଲ ପକ୍ଷରୁ ଆଇଏନ୍ଏସ୍ ସ୍କିଲାଥନ - ୨୦୨୫ ଆୟୋଜିତ

ଭୁବନେଶ୍ୱର,୧।୯(ନି.ପ୍ର.): ଗୁଣାତ୍ମକ ଚିକିତ୍ସା ପ୍ରଦାନ କ୍ଷେତ୍ରରେ ନର୍ସିଂ ସେବାକୁ ଅଧିକ ଦକ୍ଷ କରିବା ଲକ୍ଷ୍ୟ ନେଇ ଶିକ୍ଷା ଓ ଅନୁସନ୍ଧାନ (ସୋଆ) ପରିଚାଳିତ ସ୍ଥାନୀୟ ଇନ୍ଷ୍ଟିଚ୍ୟୁଟ୍ ଅଫ୍ ମେଡିକାଲ୍ ସାଇନ୍ସେସ୍ ଆଣ୍ଡ ସମ ହସ୍ପିଟାଲ୍ ପକ୍ଷରୁ ଦୁଇ ଦିନିଆ କର୍ମଶାଳା 'ଆଇଏନ୍ଏସ୍ ସ୍କିଲାଥନ- ୨୦୨୫' ଆୟୋଜିତ ହୋଇଯାଇଛି। ଇନ୍ଫ୍ୟୁଜନ୍ ନର୍ସେସ ସୋସାଇଟି – ଇଣ୍ଡିଆର ଓଡ଼ିଶା ଶାଖା ପକ୍ଷରୁ ଅଗଷ୍ଟ ୨୯ ଓ ୩୦ ତାରିଖରେ ଆୟୋଜିତ ଏହି କାର୍ଯ୍ୟକ୍ରମର ଉଦ୍‌ଘାଟନୀ ଉତ୍ସବରେ ରାଜ୍ୟ ସରକାରଙ୍କ ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ବିଭାଗର ସ୍ୱତନ୍ତ୍ର ସଚିବ ଡକ୍ଟର ବିଜୟ କୁମାର ମହାପାତ୍ର ମୁଖ୍ୟ ଅତିଥି ଭାବେ ଯୋଗ ଦେଇ ନର୍ସିଂ ସେବାର ଅତ୍ୟାଧୁନିକ କାର୍ଯ୍ୟଧାରା ଉପରେ ଗୁରୁତ୍ୱ ଦେଇଥିଲେ। ଉନ୍ନତ ମାନର ସେବା ଯୋଗାଇ ଦେଲେ ହିଁ ରୋଗୀଟି ତୁରନ୍ତ ସୁସ୍ଥ ହୋଇପାରେ। ତେଣୁ ନର୍ସମାନେ ଏ ଦିଗରେ ଅଧିକ ସଚେତନ ହୋଇ କାର୍ଯ୍ୟ କରିବା ଆବଶ୍ୟକ ବୋଲି ସେ କହିଥିଲେ।

ସେହିପରି ରାଜ୍ୟ ହେଲ୍‌ଥ ଆସ୍ୟୁରାନ୍ସ ସୋସାଇଟିର ଯୁଗ୍ମ ନିର୍ଦ୍ଦେଶକ ଡକ୍ଟର ବିଷ୍ଣୁ ପ୍ରସାଦ ମହାପାତ୍ର ମୁଖ୍ୟ ବକ୍ତା ଭାବେ ଯୋଗ ଦେଇ ରୋଗୀ ସେବା କ୍ଷେତ୍ରରେ ଡାକ୍ତରମାନଙ୍କ କାର୍ଯ୍ୟକୁ ଅଧିକ ତ୍ୱରାନ୍ୱିତ କରିବାରେ ନର୍ସମାନଙ୍କର ଯଥେଷ୍ଟ ଭୂମିକା ରହିଛି ବୋଲି କହିଥିଲେ।କାର୍ଯ୍ୟକ୍ରମରେ ଆଇଏମ୍ଏସ୍ ଆଣ୍ଡ ସମ ହସ୍ପିଟାଲ୍‌ର ମେଡିକାଲ୍ ସୁପରିଟେଣ୍ଡେଂଟ ପ୍ରଫେସର (ଡାକ୍ତର) ପୁଷ୍ପରାଜ ସାମନ୍ତସିଂହାର ସମ୍ମାନିତ ଅତିଥି ଭାବେ ଯୋଗ ଦେଇ ନିରବତା ଓ ସ୍ମିତ ହାସ୍ୟ ରୋଗୀର କଷ୍ଟକୁ ଅନେକ ମାତ୍ରାରେ ଲାଘବ କରିଥାଏ ବୋଲି କହିଥିଲେ। କାର୍ଯ୍ୟକ୍ରମରେ ସୋଆ ପରିଚାଳିତ ସମ୍ ନର୍ସିଂ କଲେଜର ନିର୍ଦ୍ଦେଶିକା ପ୍ରଫେସର ପ୍ରଭାତି ତ୍ରିପାଠି, ଆଇଏମ୍ଏସ୍ ଆଣ୍ଡ ସମ ହସ୍ପିଟାଲର ନର୍ସିଂ ସୁପରିଟେଣ୍ଡେଂଟ ଶ୍ରୀମତି ମିନତୀ ମିଶ୍ର ଏବଂ କେୟାର ହସ୍ପିଟାଲ୍‌ର ନର୍ସିଂ ସୁପରିଟେଣ୍ଡେଂଟ ଶ୍ରୀମତି ସୁଦେଷ୍ଣା ସାହୁ ଯୋଗ ଦେଇ ବକ୍ତବ୍ୟ ରଖିଥିଲେ। କର୍ମଶାଳାରେ ନର୍ସିଂ ସମ୍ପର୍କିତ ବିଭିନ୍ନ ଉନ୍ନତ ମାନର ଦିଗ ସମ୍ପର୍କରେ ଆଲୋଚନା କରାଯାଇଥିଲା।



# ଆମ୍ବୁଲାନ୍ସକୁ ଧକ୍କା ଦେଲା ଟ୍ରକ

ବଡ଼ଚଣା,୧।୯,(ମନ୍ଥନ) ବଡଚଣା ବ୍ଲକ୍ ୧୬ ନମ୍ବର୍ ଜାତୀୟ ରାଜପଥ ଛତିଆ ଠାରେ ଆମ୍ବୁଲାନ୍ସ ଦୁର୍ଘଟଣା ଅଳ୍ପକେ ଉଦ୍ଧାର ହେଲେ ରୋଗୀ ଓ ଆମ୍ବୁଲାନ୍ସ ଡ୍ରାଇଭର। ସୂଚନା ଥାଉ କି, ଯାଜପୁର ଜିଲ୍ଲା ବିଞ୍ଝାରପୁର ଅଞ୍ଚଳ ରୁ ଆମ୍ବୁଲାନ୍ସ ଯୋଗେ ଭୁବନେଶ୍ୱର



ସ୍ଥିତ ଏମସ୍ ହସ୍ପିଟାଲ ଅଭିମୁଖେ ଆସୁଥିବା ବେଳେ ଛତିଆ ଠାରେ ଦୁର୍ଘଟଣା ଘଟିଥିଲା। ଆମ୍ବୁଲାନ୍ସ ଟି ୨ ଟି ରୋଗୀଙ୍କୁ ନେଇ ଯାଉଥିବା ବେଳେ ଜାତୀୟ ରାଜପଥ ଛତିଆ ଠାରେ ହମ୍ପ ଦେଖି ଗାଡ଼ି କୁ ଧୀରେ ଚଳାଇ ଥିଲେ। ସେହି ସମୟ ରେ ପଛପଟୁ ଏକ ଟ୍ରକ ଟି ଆମ୍ବୁଲାନ୍ସ ପଛପ ଟୁ ଧକ୍କା ଦେଇଥିଲା। ଫଳରେ ଆମ୍ବୁଲାନ୍ସ ଚାଳକ ଆହତ ହୋଇ ତଳକୁ ଛିଟିକି ପଡ଼ିଥିବା ବେଳେ ଦୁଇ ଜଣ ରୋଗୀ ମଧ୍ୟ ଗୁରୁତର ଆହତ ହୋଇ ଥିଲେ । ଖବର ପାଇ ଘଟଣା ସ୍ଥଳରେ ବୈ ରୀ ପୋଲିସ୍ ଓ ଏନ୍ ଏଚ୍ ଆଇ କର୍ମଚାରୀ ଘଟଣା ସ୍ଥଳରେ ପହଞ୍ଚି ସଙ୍ଗେ ସଙ୍ଗେ ଆମ୍ବୁଲାନ୍ସ ଥିବା ଗୁରୁତର ୨ ରୋଗୀଙ୍କୁ ଉଦ୍ଧାର କରାଯାଇ ଭୁବନେଶ୍ୱର ସ୍ଥିତ ଏମସ୍ କୁ ପଠାଇ ଥିବା ବେଳେ, ଅନ୍ୟଏକ ଆମ୍ବୁଲାନ୍ସରେ ଡ୍ରାଇଭର କୁ କଟକ ବଡ଼ ମେଡିକାଲ୍ ପଠାଯାଇ ଥିବା ସୂଚନା। ତେବେ ଜାତୀୟ ରାଜ ପଥରେ ନିର୍ମିତ ହମ୍ପ ଲାଗି ଦୁର୍ଘଟଣା ଘଟିଥିବା ଜଣାପଡିଛି।

# ଆଦି କର୍ମଯୋଗୀ ଅଭିଯାନରେ କଟକ ଜିଲ୍ଲାର ୨୧ ଗାଁ ସାମିଲ

କଟକ,୧।୯(ନି.ପ୍ର.): ବିକଶିତ ଭାରତ ଗଠନ ଏବଂ ଶେଷ ମାଇଲ ପର୍ଯ୍ୟନ୍ତ ସମସ୍ତ ସୁବିଧା ପହଂଚାଇବା ସୁନିଶ୍ଚିତ କରିବା ପାଇଁ ଏକ ବିକେନ୍ଦ୍ରୀକୃତ, ସାଂସ୍କୃତିକ ପୃଷ୍ଠଭୂମି ଏବଂ ସମନ୍ୱୟ ଆଧାରିତ କ୍ୟାଡର ମାଧ୍ୟମରେ ଆଦିବାସୀ ସମ୍ପ୍ରଦାୟଙ୍କୁ ସଶକ୍ତ କରିବା ନିମନ୍ତେ ଆଦି କର୍ମଯୋଗୀ ଅଭିଯାନ ଆରମ୍ଭ କରାଯାଇଛି । ଜିଲ୍ଲାପାଳ ଏବଂ ଜିଲ୍ଲା ମାଜିଷ୍ଟ୍ରେଟ ଶ୍ରୀ ଦତ୍ତାତ୍ରୟ ଭାଉସାହେବ ଶିନ୍ଦେଙ୍କ ଅଧ୍ୟକ୍ଷତାରେ ଆଜି କଟକ ଜିଲ୍ଲାପାଳଙ୍କ କାର୍ଯ୍ୟାଳୟଠାରେ ଜିଲ୍ଲାସ୍ତରୀୟ ଆଦି କର୍ମଯୋଗୀ ଅଭିଯାନ କାର୍ଯ୍ୟକ୍ରମରେ ସେବା, ସମର୍ପଣ ଏବଂ ସଙ୍କଳ୍ପ ମନୋଭାବ ନେଇ ବିକଶିତ ଭାରତ ଗଠନ ନିମନ୍ତେ କାର୍ଯ୍ୟ କରିବା ଦିଗରେ ଆଗେଇ ଆସିବାକୁ ଜିଲ୍ଲାପାଳ ଆହ୍ୱାନ ଦେଇଛନ୍ତି । ଆଦି କର୍ମଯୋଗୀ ହେଉଛି ଏକ ମହତ୍ୱାକାଂକ୍ଷୀ ଅଭିଯାନ ଯାହା ଆଦିବାସୀ ଅଧ୍ୟୁଷିତ ଅଂଚଳରେ



ଉତ୍ତରଦାୟୀ ଶାସନ ଏବଂ ସମାଜର ଶେଷ ସ୍ତର ପର୍ଯ୍ୟନ୍ତ ସେବା ସୁନିଶ୍ଚିତ କରେ । ଏଥିପାଇଁ କଟକ ଜିଲ୍ଲାର ୨୧ଟି ଗାଁ ଚିହ୍ନଟ କରାଯାଇଛି । ଗାଁର ସାମଗ୍ରିକ ଉନ୍ନତି ସହ, ଗାଁର ପ୍ରତ୍ୟେକ ବ୍ୟକ୍ତିଙ୍କ ନିକଟରେ ସମସ୍ତ ସରକାରୀ ସୁବିଧା ଉପଲବ୍ ?ଧ କରାଇବା ଗାଁ ଲୋକଙ୍କୁ ସଶକ୍ତ କରିବା, ଗାଁରେ ଉପଲ୍ ?ବଧ ସମସ୍ତ ସମ୍ପଦର ରକ୍ଷଣାବେକ୍ଷଣ ଓ ଉପଯୁକ୍ତ ବ୍ୟବହାର, ଶାସନ ବ୍ୟବସ୍ଥାରେ ଗାଁ ଲୋକଙ୍କ ସମ୍ପୃକ୍ତି ଓ ଉତରଦାୟିତା ଆଦି ସୁନିଶ୍ଚିତ କରିବା ନିମନ୍ତେ ପ୍ରଥମ ପର୍ଯ୍ୟାୟରେ ପ୍ରତ୍ୟେକ ଗାଁର ୧୫ ଜଣଙ୍କୁ ଚିହ୍ନଟ କରାଯାଇ ତାଲିମ ପ୍ରଦାନ କରାଯିବ । ପ୍ରତ୍ୟେକ ଗାଁରେ ସେବା କେନ୍ଦ୍ର ଚିହ୍ନଟ କରାଯାଇଛି ଯେଉଁଠାରେ ଗାଁ ଲୋକେ ନିଜର ସମସ୍ୟା ସମ୍ପର୍କରେ ଜଣାଇପାରିବେ ଏବଂ ବିଭିନ୍ନ ଯୋଜନା ସମ୍ବନ୍ଧରେ ତଥ୍ୟ ପାଇପାରିବେ । ସରକାରଙ୍କ ଯାଜନାଗୁଡିକ ସହ ହିତାଧିକାରୀଙ୍କୁ ସଂଯୋଗ କରାଯାଇ ସେମାନଙ୍କୁ ସଶକ୍ତ କରିବା ଦିଗରେ ପଦକ୍ଷେପ ଗ୍ରହଣ କରାଯିବ । ତାଲିମପ୍ରାପ୍ତ ଆଦି କର୍ମଯୋଗୀମାନେ ଘରକୁ ଘର ଯାଇ ଗାଁ ଲୋକଙ୍କୁ ଏ ସମ୍ପର୍କରେ ଜଣାଇବେ । ଗ୍ରାମବାସୀମାନଙ୍କର ସାମାଜିକ, ଆର୍ଥିକ ସ୍ଥିତିରେ ଉନ୍ନତି ଆଣିବା ଏବଂ ଶିକ୍ଷା, ଜୀବିକା, ସ୍ୱାସ୍ଥ୍ୟସେବା, ଜଳ, ବିଦ୍ୟୁତ୍ ?, ଗୃହ, ଡିଜିଟାଲ ସଂଯୋଗ ଭଳି ମୌଳିକ ସୁବିଧା ଯୋଗାଇବା ଏବଂ ଆଦିବାସୀ ପରିଚୟକୁ ସଂରକ୍ଷଣ କରିବା ତଥା ସ୍ଥାନୀୟ ନେତୃତ୍ୱକୁ ସଶକ୍ତ କରିବା ଏହି ଅଭିଯାନର ଲକ୍ଷ୍ୟ ରହିଛି । ଆଜି ଅନୁଷ୍ଠିତ ବୈଠକରେ ଅତିରିକ୍ତ ଜିଲ୍ଲାପାଳ ଡଃ ଇପସିତା ପ୍ରିୟଦର୍ଶିନୀ ମିଶ୍ର, ଆଠଗଡ ଉପଜିଲ୍ଲାପାଳ ଶ୍ରୀ ପ୍ରହ୍ଲାଦ ନାରାୟଣ ଶର୍ମା, ଜିଲ୍ଲା ମଙ୍ଗଳ ଅଧିକାରୀ ମଧୁସ୍ମିତା ମହାପାତ୍ର ଓ ବିଭିନ୍ନ ବ୍ଲକର ଅଧିକାରୀମାନେ ଉପସ୍ଥିତ ଥିଲେ । ୨୦୧୧ ଜନଗଣନା ଅନୁଯାୟୀ ୫୦୦ ଜନସଂଖ୍ୟା ବିଶିଷ୍ଟ ଗ୍ରାମ ଯେଉଁଠାରେ ୫୦ ପ୍ରତିଶତ ଜନସଂଖ୍ୟା ଆଦିବାସୀ ସମ୍ପ୍ରଦାୟର ହୋଇଥିବେ ସେହି ଅନୁଯାୟୀ ଗ୍ରାମଗୁଡିକୁ ଚିହ୍ନଟ କରାଯାଇଛି ।

# ଖୋର୍ଦ୍ଧା ରୋଡ୍ ରେଳମଣ୍ଡଳ ଦ୍ୱାରା ସର୍ବାଧିକ ଦ୍ରୁତ ପଣ୍ୟ କାରବାର

ଭୁବନେଶ୍ୱର,୧।୯(ନି.ପ୍ର.): ପୂର୍ବତଟ ରେଳପଥ ଖୋର୍ଦ୍ଧା ରୋଡ୍ ରେଳମଣ୍ଡଳ ଚଳିତ ଆର୍ଥିକ ବର୍ଷର (ଏପ୍ରିଲ୍ ରୁ ଅଗଷ୍ଟ ୨୦୨୫) ପ୍ରଥମ ପାଞ୍ଚମାସିକ ଅବଧିରେ ଭାରତୀୟ ରେଳବାଇର ସର୍ବାଧିକ ଦ୍ରୁତ ପଣ୍ୟ ବୋଝେଇ ଓ ଅପସାରଣ କ୍ଷମତା ପ୍ରଦର୍ଶନ କରି ବଡ଼ ଉପଲବ୍ଧି ଅର୍ଜନ କରିଅଛି । ଏହି ଅବଧିରେ ରେଳମଣ୍ଡଳ ୧୩୨.୧୭ ନିୟୁତ ଟନ୍‌ମାନ୍ୟ ବୋଝେଇ ଓ ଅପସାରଣ କରିଛି, ଯାହା ୨୦୨୪-୨୫ ଆର୍ଥିକ ବର୍ଷର ସମାନ ଅବଧିରେ ହୋଇଥିବା ୧୨୪.୩୦ ନିୟୁତ ଟନଠାରୁ ଅଧିକ। ଏହି ସମୟ ମଧ୍ୟରେ ଖୋର୍ଦ୍ଧା ରୋଡ଼ ରେଳମଣ୍ଡଳ ୭୨.୩୪ ନିୟୁତ ଟନ୍? ମାନ୍ୟ ବୋଝେଇ (୨୦୨୪ ର ୬୬.୫୦ ନିୟୁତ ଟନ୍ ଠାରୁ ୯% ବୃଦ୍ଧି), ୫୯.୮୩ ନିୟୁତ ଟନ୍ ପଣ୍ୟ ଅପସାରଣ (୨୦୨୪ ର ୫୭.୮୦ ମିଲିୟନ୍ ଟନ୍), ଯାହା ଏହି ରେଳମଣ୍ଡଳର କାର୍ଯ୍ୟଦକ୍ଷତା ଓ ସମ୍ପଦ ଉପଯୋଗରେ ଉତ୍କୃଷ୍ଟ ପ୍ରଦର୍ଶନକୁ ସ୍ପଷ୍ଟ କରିଅଛି ।ଅଗଷ୍ଟ ୨୦୨୫ ମାସର ପ୍ରଦର୍ଶନ: ପଣ୍ୟ ବୋଝେଇ : ୧୫.୦୩ ନିୟୁତ ଟନ୍ (୨୦୨୪ ର ୧୩.୧୯ ନିୟୁତ ଟନ୍ ଠାରୁ ୧୩% ବୃଦ୍ଧି), ପଣ୍ୟ ଅପସାରଣ : ୧୧.୩୬ ନିୟୁତ ଟନ୍ (୨୦୨୪ ର ୧୧.୧୫ ନିୟୁତ ଟନ୍ ଠାରୁ ୧.୮୮% ବୃଦ୍ଧି), ରେକ୍ ଉପଯୋଗ: ୪,୦୨୭ (୨୦୨୪ ର ୩,୬୪୬ ଠାରୁ ୧୦% ବୃଦ୍ଧି)। ଏହି କ୍ରମାଗତ ବୃଦ୍ଧି ଖୋର୍ଦ୍ଧା ରୋଡ୍ ରେଳମଣ୍ଡଳର କର୍ମଚାରୀମାନେ, ଗ୍ରାହକ, ଭାଗିଦାର ଓ ପୂର୍ବତଟ ରେଳପଥ ଜୋନ ସହଯୋଗ ଦ୍ୱାରା ସମ୍ଭବ ହୋଇପାରିଛି ।ଖୋର୍ଦ୍ଧା ରୋଡ୍ ରେଳମଣ୍ଡଳ ନିଜର ପଣ୍ୟ ସାମଗ୍ରୀ ପରିବହନ କ୍ଷେତ୍ରରେ ଅଭିନବ ମାନଦଣ୍ଡ ସ୍ଥାପନ କରୁଛି, ଯାହା ଭାରତର ଲଜିଷ୍ଟିକ୍ସ ଢାଞ୍ଚାକୁ ଶକ୍ତି ଦେଉଛି ଓ ଦେଶର ଆର୍ଥିକ ବୃଦ୍ଧିକୁ ସହାୟକ ହୋଇପାରିଛି ।



# ସର୍ବଭାରତୀୟ ସ୍ତରରେ ଖେଳିବେ ଅଂଶୁମାନ

ଅନୁଗୋଳ : ସରସ୍ୱତୀ ଶିଶୁ ବିଦ୍ୟା ମନ୍ଦିର ଗାନ୍ଧିମାର୍ଗ ଅନୁଗୋଳର ଦଶମ ଶ୍ରେଣୀର ଛାତ୍ର ଅଂଶୁମାନ ଧଳ ଆସନ୍ତା ମାସ ବେଙ୍ଗାଲୁରୁରେ ହେବାକୁ ଥିବାଅଖିଳ ଭାରତୀୟ କ୍ରୀଡାରେ ଅଂଶ ଗ୍ରହଣ କରିବେ । ଗତ ୨୯ ତାରିଖରେ ଯାଜପୁର ମଧୁସୂଦନ ନଗର ସରସ୍ୱତୀ ଶିଶୁ ବିଦ୍ୟା ମନ୍ଦିରରେ ଚାଲିଥିବା କ୍ଷେତ୍ରୀୟ ଖେଳକୁଦରେ କିଶୋର ବର୍ଗର ହାମର ଥ୍ରୋ ପ୍ରତିଯୋଗିତାରେ ପ୍ରଥମ ସ୍ଥାନ ଅଧିକାର କରି ଏହି ଯୋଗ୍ୟତା ସେ ହାସଲ କରିଛନ୍ତି । ବିଦ୍ୟାଳୟର ବରିଷ୍ଠ ଆଚାର୍ଯ୍ୟ ଫୁଲେନ୍ଦୁ ପ୍ରଧାନଙ୍କ ତତ୍ତ୍ୱାବଧାନରେ ସେ କ୍ରୀଡାରେ ଅଂଶଗ୍ରହଣ କରିଥିଲେ। ସଫଳତାକୁ ନେଇ ବିଦ୍ୟାଳୟ ପ୍ରଧାନ ଆଚାର୍ଯ୍ୟ ଆଲୋକ ଭୋଇ, ସହପ୍ରଧାନ ଆଚାର୍ଯ୍ୟ ସୁରେଶ କୁମାର ସାହୁ ତଥା ସମସ୍ତ ଗୁରୁଜୀ ଗୁରୁମାଙ୍କ ତରଫରୁ ଶୁଭେଚ୍ଛା ଜଣାଇଛନ୍ତି।



## ପାରମ୍ପରିକ ବାଦ୍ୟରେ ଗଣେଶ ଭସାଣି

# ଚନ୍ଦ୍ରଶେଖରପୁରରେ ଶହ ଶହ ମେଢ ବିସର୍ଜିତ

ଭୁବନେଶ୍ୱର,୧।୯ ଚନ୍ଦ୍ରଶେଖରପୁରର ବିଭିନ୍ନ ସ୍ଥାନରେ ରବିବାର ରାତିରେ ଭସାଣି ଉତ୍ସବ ମହାସମାରୋହରେ ଅନୁଷ୍ଠିତ ହୋଇଯାଇଛି। କ୍ଲବ ଓ ଅନୁଷ୍ଠାନ ପକ୍ଷରୁ ପାରମ୍ପରିକ ବାଦ୍ୟରେ ଗଣେଶ ମେଢ ଗୁଡିକୁ ଶୋଭାଯାତ୍ରା କରି ବିସର୍ଜନ କରାଯାଇଛି। ଚନ୍ଦ୍ରଶେଖରପୁର ଅଞ୍ଚଳର ଶୈଳଶ୍ରୀବିହାର, ଡମଣା, ଚନ୍ଦ୍ରଶେଖରପୁର ହାଉସିଂବୋର୍ଡ କଲୋନୀ, ପଟିଆ, କାନନ ବିହାର, ବିଡିଏ କଲୋନୀ ଓ ନୀଳାଦ୍ରି ବିହାରର ବିଭିନ୍ନ ସ୍ଥାନରେ ଗଣେଶ ପୁଜା ଭସାଣି ଅନୁଷ୍ଠିତ ହୋଇଥିଲା। ନୀଳାଦ୍ରି ବିହାରର ବିନ୍ଦାସ କ୍ଲବ ପକ୍ଷରୁ ସେକ୍ଟର ୧ ଚନ୍ଦ୍ରାଲୋକ ମାର୍କେଟ ଠାରୁ ପାରମ୍ପରିକ ଢୋଲ ଓ ଦୁଲୁଦୁଲି ବାଦ୍ୟର ଶୋଭାଯାତ୍ରାରେ ଗଣପତିଙ୍କ ମେଢକୁ ନୀଳାଦ୍ରିବିହାର କଲୋନୀ ପରିକ୍ରମା କରାଯାଇ ବିସର୍ଜନ କରାଯାଇଥିଲା। ସେହିପରି ହରେକୃଷ୍ଣ ନଗରର ମା ତାରିଣୀ ୟୁଥ କ୍ଲବ, ପଣ୍ଡାପାର୍କ, ରିକ୍ସା କଲୋନୀ, ମା ମଙ୍ଗଳା ସାହି, ଈଶାନେଶ୍ୱର ବସ୍ତି କ୍ଲବ ପକ୍ଷରୁ ନୀଳାଦ୍ରି ବିହାର ୨୦୦ ଫୁଟିଆ ରାସ୍ତାର ଲୁମ୍ବିନୀ ବିହାର ଠାରୁ ଶୋଭାଯାତ୍ରା ବାହାରି ସମସ୍ତ ବସ୍ତି ଦେଇ ନୀଳାଦ୍ରି ବିହାର, ଶୈଳଶ୍ରୀବିହାର ପରିକ୍ରମା କରି କୁଆଖାଇ ଅଭିମୁଖେ ଯାତ୍ରା କରିଥିଲେ। ଢୋଲ ଓ ଦୁଲୁଦୁଲି ବାଜାରେ ଥରି ଉଠିଲା ରାସ୍ତା, ଘୋଡା ନାଚ, ଷଣ୍ଢ ନାଚ, ପଞ୍ଜାବୀ ବାଜା, ଘଣ୍ଟୁଆ ନାଚ ସାଙ୍ଗକୁ ବ୍ରାସ ବ୍ୟାଣ୍ଡ ଓ ଗୁଆଘିଅ, ସାମୀ ସାମୀ, ଗଣପତି ବାବା ଗୀତରେ ମତୁଆଲା ହୋଇ ନାଚିଥିଲେ ଯୁବପିଢି। ପୋଲିସ ବାହିନୀ ସହାୟତାରେ ଶାନ୍ତି ଶୃଙ୍ଖଳାର ସହ ଭସାଣି ସମାପନ ହୋଇଥିଲା।



# ରାହୁଲ ଗାନ୍ଧୀଙ୍କ ଲୋକପ୍ରିୟତାରେ ବିଜେପି ଅସହିଷ୍ଣୁ : କଂଗ୍ରେସ



ରାଉରକେଲା ୧/୯, ଆଜି ସେକ୍ଟର୍-୨୧ ଠାରେ କଂଗ୍ରେସ ଭବନ ସମ୍ମୁଖରେ ଭାରତୀୟ ଜନତା ପାର୍ଟି ମହିଳା ମୋର୍ଚ୍ଚା ପକ୍ଷରୁ, ବିକ୍ଷୋଭ ପ୍ରଦର୍ଶନ କରାଯାଇଥିବାରୁ ଏହାର ପ୍ରତିକ୍ରିୟା ଦେଇଛନ୍ତି ଜିଲ୍ଲା କଂଗ୍ରେସ ସଭାପତି ଜ୍ଞାନେନ୍ଦ୍ର ଦାସ ଏବଂ କଂଗ୍ରେସ ପ୍ରାର୍ଥୀ ବିରେନ୍ଦ୍ର ନାଥ ପଟ୍ଟନାୟକ । ଜିଲ୍ଲା କଂଗ୍ରେସ ସଭାପତି ଜ୍ଞାନେନ୍ଦ୍ର ଦାସ ତାଙ୍କ ପ୍ରତିକ୍ରିୟାରେ କହିଛନ୍ତି ଯେ, ଦେଶର ୧୪୦କୋଟି ଲୋକଙ୍କ ବିରୋଧୀ ଦଳର ନେତା କଂଗ୍ରେସ ଦଳର ରାହୁଲ ଗାନ୍ଧୀଙ୍କ ଲୋକପ୍ରିୟତାରେ ଅସହିଷ୍ଣୁ ହୋଇ ଆଜି ବିଜେପି ଦଳ ଜିଲ୍ଲା କଂଗ୍ରେସ କାର୍ଯ୍ୟାଳୟକୁ ଘେରାଉ କରିବାକୁ ଆସିଛନ୍ତି ତାହା ଏକ ହାସ୍ୟାସ୍ପଦ କଥା। କଂଗ୍ରେସ ଦଳର ରାହୁଲ ଗାନ୍ଧୀ ଦସ୍ତାବିଜ ସହିତ ପ୍ରମାଣିତ କଲେ ଯେ ଭୋଟ ଚୋରି ହୋଇଛି ଏବଂ ୨୦୨୪ ମସିହାରେ ନରେନ୍ଦ୍ର ମୋଦୀ ଯେଉଁ ପ୍ରଧାନମନ୍ତ୍ରୀ ହୋଇଛନ୍ତି ତାହା ଦେଶବାସୀଙ୍କ ଭୋଟ ଚୋରି କରିବା ମାଧ୍ୟମରେ ପ୍ରଧାନମନ୍ତ୍ରୀ ହୋଇଛନ୍ତି। ବର୍ତ୍ତମାନ ସମୟ ସେମାନଙ୍କୁ ପ୍ରମାଣିତ କରିବାକୁ ହେବ ଯେ, ରାହୁଲ ଗାନ୍ଧୀ ଯାହା କହୁଛନ୍ତି ତାହା ଭୁଲ କହୁଛନ୍ତି ବୋଲି। ବର୍ତ୍ତମାନ ନିର୍ବାଚନ କମିଶନଙ୍କୁ ଯେଉଁ କାଠ ପୁତଳୀ ବନେଇ ଯେଉଁ ମନ୍ତବ୍ୟ ଦେଉଛନ୍ତି ତାହା ନିନ୍ଦନୀୟ। ସେହିପରି ଭାରତୀୟ ଜନତା ଜନତା ପାର୍ଟିରେ କାର୍ଯ୍ୟକର୍ତ୍ତାମାନେ ଗୁଣ୍ଡାଗର୍ଦ୍ଦି କରି କଂଗ୍ରେସ କାର୍ଯ୍ୟାଳୟକୁ ଘେରାଉ କରିଛନ୍ତି ତାହା ଅତ୍ୟନ୍ତ ନିନ୍ଦନୀୟ। ଜାତୀୟ କଂଗ୍ରେସ ଗାନ୍ଧୀଙ୍କ ବିଚାରଧାରାରେ ଚାଲେ, ସତ୍ୟ ଅହିଂସାରେ ଚାଲେ। ଏହି ପରିପ୍ରେକ୍ଷୀରେ କଂଗ୍ରେସ ଦଳର ନେତୃବୃନ୍ଦଙ୍କ ପକ୍ଷରୁ ଥଣ୍ଡା ପାଣି ଏବଂ ଲଡୁ ଧରି ଅପେକ୍ଷା କରାଯାଇଛି, ସେମାନେ ଯେଉଁ ହିଂସା ଘଟାଇବାକୁ ଆସିଛନ୍ତି, ସେମାନଙ୍କୁ ଅହିଂସା ମାଧ୍ୟମରେ ଜବାବ ଦିଆଯିବ। ସମ୍ବିଧାନକୁ ବଞ୍ଚାଇବାର ସମୟ ଆସିଛି ଏବଂ ଗଣତନ୍ତ୍ରକୁ ହତ୍ୟା କରିବାର ଯେଉଁ ପ୍ରୟାସ କରାଯାଉଛି ତାହା କଂଗ୍ରେସ ଦଳ କେବେ ହେବାକୁ ଦେବନାହିଁ। ସେହିପରି କଂଗ୍ରେସର ବିଧାନସଭା ନିର୍ବାଚନ ପ୍ରାର୍ଥୀ ବିରେନ୍ଦ୍ର ନାଥ ପଟ୍ଟନାୟକ ତାଙ୍କ ବକ୍ତବ୍ୟରେ କହିଥିଲେ ଯେ ବିଜେପି ଦଳ ଔଷଧ ବିକଳରେ ତାଟିଆ କାମୁଡୁଛନ୍ତି। ଲୋକସଭାରେ ବିରୋଧୀ ଦଳର ନେତା ତଥା କଂଗ୍ରେସର ସର୍ବୋଚ୍ଚ ନେତା ରାହୁଲ ଗାନ୍ଧୀ ଯେତେବେଳେ ଇଲେକ୍ସନ କମିଶନଙ୍କ ଦୁର୍ନୀତିକୁ ପଦାରେ ପକାଇ ଭୋଟ ଚୋରିର ଅଭିଯୋଗ ଆଣିଛନ୍ତି, ବିଜେପି ଦଳ ଇଲେକ୍ସନ କମିଶନଙ୍କୁ କହି ଯେଉଁ ଡାଟାର ଆବଶ୍ୟକତା ଅଛି ସେଗୁଡିକ ପ୍ରକାଶ କଲେ, ସବୁ ସମସ୍ୟାର ସମାଧାନ ହୋଇଯିବ ବୋଲି କହିଥିଲେ। ଭାରତୀୟ ଜନତା ପାର୍ଟିର ବିକ୍ଷୋଭକୁ ଭଣ୍ଡୁର କରାଯିବା ପାଇଁ ଜିଲ୍ଲା କଂଗ୍ରେସର ବହୁ ବରିଷ୍ଠ ନେତାଙ୍କ ସମେତ କଂଗ୍ରେସ କର୍ମୀ ମଧ୍ୟ ଜିଲ୍ଲା କଂଗ୍ରେସ କାର୍ଯ୍ୟାଳୟରେ ଉପସ୍ଥିତ ଥିଲେ।

# ଇଣ୍ଡିଆ ଏଗେନ୍ଷ୍ଟ ନେଗେଟିଭିଟିର ଏକାଦଶ ସଂସ୍କରଣ ଅନୁଷ୍ଠିତ

ଭୁବନେଶ୍ୱର, ୩୧।୮: ଇଣ୍ଡିଆ ଏଗେନ୍ଷ୍ଟ ନେଗେଟିଭିଟି (ଆଇଏଏନ୍)ର ଏକାଦଶ ସଂସ୍କରଣ ରବିବାର ପାଳିତ ହୋଇଯାଇଛି। ଏହି କାର୍ଯ୍ୟକ୍ରମରେ ଅନୁସୂଚିତ ଜାତି ଏବଂ ଜନଜାତି କଲ୍ୟାଣ ସଂସଦୀୟ କମିଟି ଅଧ୍ୟକ୍ଷ ତଥା ପୂର୍ବତନ କେନ୍ଦ୍ର ରାଷ୍ଟ୍ରମନ୍ତ୍ରୀ ଫଗନ ସିଂହ କୁଲସ୍ତେ, ଭାରତରେ ଅବସ୍ଥାପିତ ରୁଆଣ୍ଡା ଉଚ୍ଚାୟୁକ୍ତ ଜାକଲିନ୍ ମୁକାଙ୍ଗିରା, ଓଡ଼ିଶା ଉଚ୍ଚ ନ୍ୟାୟାଳୟର ଅବସରପ୍ରାପ୍ତ ବିଚାରପତି ଜଷ୍ଟିସ୍ ଏମ୍ ଏମ୍ ଦାସ, ଜଷ୍ଟିସ୍ ବି ପି ଦାସ, ଓଡ଼ିଶା ମାନବାଧିକାର କମିଶନ ଅଧ୍ୟକ୍ଷ ଜଷ୍ଟିସ୍ ଶତ୍ରୁଘ୍ନ ପୂଜାରୀ, ଉଚ୍ଚତମ ନ୍ୟାୟାଳୟର ବରିଷ୍ଠ ଆଇନଜୀବୀ ମାନସ ମହାପାତ୍ର, ଓଡ଼ିଶାର ପୂର୍ବତନ ମହାଅଧିବକ୍ତା ଅଶୋକ ପରିଜା ପ୍ରମୁଖ ଅତିଥି ଭାବେ ଯୋଗଦେଇଥିବା ବେଳେ ଉଚ୍ଚତମ ନ୍ୟାୟାଳୟର ପୂର୍ବତନ ବିଚାରପତି ଜଷ୍ଟିସ୍ ଅନଙ୍ଗ କୁମାର ପଟ୍ଟନାୟକ ଓ ଜଷ୍ଟିସ୍ ଏନ୍ ସନ୍ତୋଷ ହେଗଡ଼େ ଭର୍ଚୁଆଲ୍‌ରେ ଯୋଗଦେଇଥିଲେ। ଡ. ବି. ଆର୍ ଆମ୍ବେଦକର ମୁକ୍ତ ବିଶ୍ୱବିଦ୍ୟାଳୟ କୁଳପତି ପ୍ରଫେସର ଘଣ୍ଟା ଚକ୍ରପାଣି, ବିଶିଷ୍ଟ ଚଳଚ୍ଚିତ୍ର ନିର୍ଦ୍ଦେଶକ ପି ଶେଷାଦ୍ରି, ଦିଲ୍ଲୀ ଦୂରଦର୍ଶନର ବରିଷ୍ଠ ସମ୍ପାଦକ ଅଶୋକ ଶ୍ରୀବାସ୍ତବ, ଦକ୍ଷିଣ ଭାରତର ପ୍ରକାଶକ ଦେବେନ୍ଦ୍ର ଶର୍ମା ମଧ୍ୟ ଏହି କାର୍ଯ୍ୟକ୍ରମରେ ଉପସ୍ଥିତ ଥିଲେ ।କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବେ ଯୋଗଦେଇ ଶ୍ରୀ କୁଲସ୍ତେ କହିଲେ, ନାନା ବାଧାବିଘ୍ନ ସତ୍ତ୍ୱେ ଅଚ୍ୟୁତ ସାମନ୍ତ ସମାଜର ଅବହେଳିତ ବର୍ଗ ବିଶେଷ କରି ଜନଜାତିଙ୍କ ବିକାଶ ଓ ସ୍ୱାସ୍ଥ୍ୟସେବା କ୍ଷେତ୍ରରେ ନିରନ୍ତର କାର୍ଯ୍ୟ କରି ଆସୁଛନ୍ତି। ଏହା ତାଙ୍କର ସକରାତ୍ମକ ମନୋଭାବର ପରିଚାୟକ ବୋଲି ସେ କହିଥିଲେ। ସାପ୍ତାହିକ ଦି ଅର୍ଗାନାଇଜରର ସମ୍ପାଦକ ପ୍ରଫୁଲ୍ଲ କେଟ୍‌କର ମୁଖ୍ୟବକ୍ତା ଭାବେ ଯୋଗଦେଇ କହିଲେ, ବିଶ୍ୱକୁ ସକରାତ୍ମକତାର ଦାନ ହେଉଛି ଭାରତ। ଭିନ୍ନତା ମଧ୍ୟରେ ଐକ୍ୟତା ହେଉଛି ଭାରତର ସକାରାତ୍ମକତାର ବୈଶିଷ୍ଟ୍ୟ। ସକରାତ୍ମତାର ମୂଳ ଆଧାର ହେଉଛି ଭାରତ। ଏହାକୁ ବଜାୟ ରଖିବା ପାଇଁ ସମସ୍ତ ଭାରତୀୟ ପ୍ରୟାସ ଜାରି ରହିବା ଉଚିତ ବୋଲି ସେ କହିଥିଲେ ।ଶ୍ରୀମତୀ ମୁକାଙ୍ଗିରା କହିଲେ, ବ୍ୟକ୍ତି ସମ୍ମାନ, ସୁରକ୍ଷା ଦିଗରେ ଅହିଂସା ହେଉଛି ସର୍ବୋତ୍ତମ ମାର୍ଗ। ଆମେ ମହାତ୍ମା ଗାନ୍ଧୀଙ୍କଠାରୁ ଏହି ଅହିଂସା ନୀତି ଶିକ୍ଷା କରିଛୁ। ନକରାତ୍ମକତା କିଛି ନୂଆ କଥା ନୁହେଁ ବୋଲି ଜଷ୍ଟିସ୍ ପୂଜାରୀ କହିଥିଲେ। ମହାଭାରତ ସମୟରୁ ନକରାତ୍ମକତା ରହିଆସିଛି। ତେବେ ଏକ ଉଜ୍ଜ୍ୱଳ ଭବିଷ୍ୟତ ଗଠନ ଦିଗରେ ଏହି ଚ୍ୟାଲେଞ୍ଜକୁ ଆମେ ସାହସିକତାର ସହ ସାମନା କରିବା ଉଚିତ ବୋଲି ସେ କହିଥିଲେ। ଜଷ୍ଟିସ୍ ଏମ୍ ଏମ୍ ଦାସ ନିଜ ବକ୍ତବ୍ୟରେ ସାମାଜିକ ଗଣମାଧ୍ୟମ ନକରାତ୍ମତା ଧାରାକୁ ବଢ଼ାଉଛି ବୋଲି କହିଥିଲେ। ଏ କ୍ଷେତ୍ରରେ ସାମାଜିକ ଗଣମାଧ୍ୟମର ଅପବ୍ୟବହାର ନେଇ ସେ ଉଦ୍‌ବେଗ ପ୍ରକାଶ କରିଥିଲେ। ନକରାତ୍ମକ ଶକ୍ତି ବିରୋଧରେ ସମସ୍ତେ ଦୃଢ଼ତାର ସହ ଏକଜୁଟ ହେବାକୁ ସେ ଆହ୍ୱାନ ଦେଇଥିଲେ। ଜଷ୍ଟିସ୍ ବି ପି ଦାସ କହିଲେ, ଆମେ ନକରାତ୍ମକତା ଭଳି ଛୋଟ ଚିନ୍ତାଧାରାକୁ ଗୁରୁତ୍ୱ ଦେବା ଉଚିତ ନୁହେଁ ଏବଂ ସମସ୍ତେ ଏକାଠି ହୋଇ ରାଷ୍ଟ୍ରଗଠନ ଦିଗରେ କାର୍ଯ୍ୟ କରିବା ଉଚିତ। ଜଷ୍ଟିସ୍ ହେଗଡ଼େ ଡ. ସାମନ୍ତଙ୍କ ଏହି ପ୍ରୟାସକୁ ପ୍ରଶଂସା କରି କହିଲେ, ଜନଜାତିଙ୍କ ଉତ୍ଥାନ ଦିଗରେ ଶ୍ରୀ ସାମନ୍ତ ଅବିରତ କାର୍ଯ୍ୟ କରିବା ହେଉଛି ସକରାତ୍ମକତାକୁ ପ୍ରୋତ୍ସାହିତ କରିବା। ବର୍ତ୍ତମାନ ସମୟରେ ଇଣ୍ଡିଆ ଏଗେନ୍ଷ୍ଟ ନେଗେଟିଭିଟିକୁ ସମଗ୍ର ଦେଶରେ ଏକ ଆନ୍ଦୋଳନ ଭାବେ ଗଢି ତୋଳିବାର ଆବଶ୍ୟକତା ଅଛି ବୋଲି ଜଷ୍ଟିସ୍ ପଟ୍ଟନାୟକ ମତ ପ୍ରକାଶ କରିଥିଲେ।

Printed and Published by Sitesh Kumar Rout _ owned by Manthan Printers Pri\ate Limited and Printed at WEB LINE, Plot No. D-2/19, Mancheswar Industrial Estate, Bhubaneswar-751010, Dist-Khurda (Odisha) and Published at A-17/8, Surya Nagar, Unit-7, Bhubaneswar-3, Dist- Khurda (Odisha), Tele-Fax: Ph. No: (0674) 2397438, 8895060520, 8178826522 (ବାର୍ତ୍ତା ସମ୍ପାଦକ), Email : odishamanthan@gmail.com
● Editor : Sarat Raut
ସଂପାଦକ: ଶରତ ରାଉତ